RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-84 ◆WEDNESDAY ◆17 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୪ ◆ବୁଧବାର ◆୧୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ଦକ୍ଷିଣ ମୁହାଁ ଦିଲଜିତ୍

▶ପୃଷ୍ଠା ୧୧ ଦେଖନ୍ତୁ...



ସିମ୍ଲା



ଉତ୍ତରାଖଣ୍ଡ



କନ୍ଧମାଳ

# ଉତ୍ତରାଖଣ୍ଡ, ହିମାଚଳରେ ବାଦଲଫଟା ବର୍ଷା; ୧୨ ମୃତ

■ **ଡେରାଡୁନ, ୧୬।୯ (ଏଜେନ୍ସି):** ପ୍ରାକୃତିକ ବିପର୍ଯ୍ୟୟ ଦେବଭୂମି ଉତ୍ତରାଖଣ୍ଡର ପିଛା ଛାଡୁନାହିଁ। ମୌସୁମୀ ଜନିତ ପ୍ରବଳ ବର୍ଷା ରାଜ୍ୟରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଏଥିପାଇଁ ପାହାଡରୁ ମୃତ୍ୟୁ ଖସୁଛି। ଏହା ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଆଜି ସକାଳ ୫ଟାରେ ଡେରାଡୁନରେ ବାଦଲଫଟା ବର୍ଷା ହୋଇଛି। ଏଥିଯୋଗୁଁ ତମସା, କାରଲିଗାଡ଼, ଟୋନ୍ସ ଏବଂ ସହସ୍ରଧାରା ନଦୀର ଜଳସ୍ତର ବୃଦ୍ଧି ପାଇଛି। ସହସ୍ରଧାରା ସମେତ ଆଖପାଖ ଅଞ୍ଚଳର ଅନେକ ଘର, ଦୋକାନ ଏବଂ ମନ୍ଦିରରେ ୫-୬ ଫୁଟର ପାଣି ଜମା ହୋଇ ରହିଛି। ଅନେକ ରାସ୍ତାଘାଟ ଭାସି ଯାଇଛି। ବିକାଶ ନଗରରେ ଟୋନ୍ସ ନଦୀରେ ଅଚାନକ ପାଣି ମାଡ଼ି ଆସିବାରୁ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର-ଟ୍ରଲି ଭାସି ଯାଇଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ନିଖୋଜ ହୋଇଯାଇଛନ୍ତି। ସେହିପରି ମାଲଦେବତା ସୌଙ୍ଗ ନଦୀରେ ୫ ଜଣ ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଣେ ନିଖୋଜ ଅଛନ୍ତି। ବାଦଲ ଫଟା ବର୍ଷା ଯୋଗୁଁ ଅଚାନକ ପାଣି ମାସି ଟପକେଶ୍ୱର ମହାଦେବ ମନ୍ଦିରରେ ପାଣି ଭର୍ତ୍ତି ହୋଇଯାଇଛି। ଏଠାରେ ଥିବା ଅନେକ ଦୋକାନ ମଧ୍ୟ ଭାସି ଯାଇଛି। ୨ ଜଣ ନିଖୋଜ ଅଛନ୍ତି। ସହସ୍ରଧାରାରେ ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଏସ୍‌ଡିଆରଏଫ, ଏନ୍‌ଡିଆରଏଫ ଏବଂ ସ୍ଥାନୀୟ ପ୍ରଶାସନର ଟିମ୍ ପ୍ରଭାବିତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି।

ଅନ୍ୟପକ୍ଷରେ ହିମାଚଳ ପ୍ରଦେଶ ମଣ୍ଡିରେ ମଙ୍ଗଳବାର ଭୂସ୍ଖଳନ ଯୋଗୁଁ ଏକ କୋଠା ଭୁଶୁଡ଼ି ଯାଇଛି। ଏଥିରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ଅବଶେଷ ତଳେ ଫସି ଯାଇଥିଲେ। ଏମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେହିପରି ମଙ୍ଗଳବାରେ ସକାଳେ ମନ୍ଦିରକୁ ଯାଉଥିବାବେଳେ ମଣ୍ଡିର ଦରଙ୍ଗରେ ୨ ଜଣ ଲୋକ ସୁମା ଖଡ ନଦୀର ଧାରାରେ ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ନିଖୋଜ ଥିବାବେଳେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଛି।

# କଳିଙ୍ଗା ଘାଟିରେ ଭୂସ୍ଖଳନ

## ଗଞ୍ଜାମ-କନ୍ଧମାଳ ଯୋଗାଯୋଗ ବିଛିନ୍ନ

■ **ଭଞ୍ଜନଗର, ୧୬।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ପ୍ରବଳ ଯୋଗୁଁ ଭୂ-ସ୍ଖଳନ ଘଟି କନ୍ଧମାଳକୁ ଯୋଗାଯୋଗ ବିଛିନ୍ନ ହୋଇପଡ଼ିଛି। ପାହାଡ଼ରୁ ବଡ଼ବଡ଼ ପଥରଖଣ୍ଡ ସହ ମାଟି ଅତଡ଼ା ଖସି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ରାସ୍ତା ଦେଇ କନ୍ଧମାଳ ଜିଲ୍ଲାକୁ ଯୋଗାଯୋଗ ବିଛିନ୍ନ ହୋଇଥିବା ବେଳେ ଶହଶହ ଗାଡ଼ିମୋଟର ଅଟକି ରହିଛି। ଗତ କିଛିଦିନ ହେଲା, ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗି ରହିଥିଲା। ଆଜି ଦୁର୍ଗାପ୍ରସାଦ ନିକଟରେ ହଠାତ୍ ପାହାଡ଼ରୁ ଅତଡ଼ା ଓ ପଥର ଧସି ରାସ୍ତା ବନ୍ଦ ହୋଇଯାଇଥିଲା। କୌଣସି ଅଘଟଣ ଘଟି ନଥିଲେ ମଧ୍ୟ ବର୍ତ୍ତମାନ ଉକ୍ତ ଅଞ୍ଚଳ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନରେ ପାହାଡ଼ରୁ ବଡ଼ବଡ଼ ପଥର ଖଣ୍ଡ ଖସି ରାସ୍ତା ଫାଟି ଯାଇଛି। ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଛି। କିଛି ଦିନ ପୂର୍ବେ ମଧ୍ୟ ଘାଟି ମଧ୍ୟଭାଗରେ ପାହାଡ଼ରୁ ମାଟି ଓ ପଥର ଖସିଥିଲା।

# ଅସୁରକ୍ଷିତ ଓଡ଼ିଶା, ଅସୁରକ୍ଷିତ ମହିଳା

## ପର୍ଯ୍ୟଟନସ୍ଥଳୀରେ ବଢୁଛି ଗଣ ଦୁଷ୍କର୍ମ ଘଟଣା

## ୧୦ମାସରେ ୪ ହଜାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ

■ **ଭୁବନେଶ୍ୱର, ୧୬।୯ (ସମିସ):** ମହିଳାଙ୍କ ପାଇଁ ଓଡ଼ିଶା ଏବେ ଅସୁରକ୍ଷିତ ହେବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟୁଛି। ଏଥିପାଇଁ ଓଡ଼ିଶା ନିନ୍ଦିତ ହେଉଛି, ଓଡ଼ିଶାକୁ ଏକାକୀ ନ ଯିବାକୁ ଆମେରିକା ପ୍ରଶାସନ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ଚେତୁ ନାହାନ୍ତି, ପୁଲିସ ମହିଳାଙ୍କୁ ସୁରକ୍ଷା ଦେବାକୁ ସକ୍ଷମ ହେଉନାହିଁ।

ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବାବେଳେ ଗତକାଲି ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀକୁ ଗଣଦୁଷ୍କର୍ମ ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀଜଣକ ତାଙ୍କ ବନ୍ଧୁଙ୍କ ସହିତ ଗତ ଶନିବାର ମଧ୍ୟାହ୍ନରେ ବାଲି ହରଚଣ୍ଡୀପୀଠକୁ ଦର୍ଶନ ପାଇଁ ଯାଇଥିଲେ। ଏହାପରେ ସେମାନେ ନିକଟରେ ଥିବା ସମୁଦ୍ରକୂଳରେ ବସି କଥାବାର୍ତ୍ତା ହେଉଥିବା ବେଳେ ସେଠାରେ ଚଣ୍ଡିପୁଟ ଗାଁର କିଛି ଯୁବକ ସେମାନଙ୍କଠାରୁ ଟଙ୍କା ଛଡ଼ାଇ ନେବା ପରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି। କେବଳ ଏହି ଘଟଣା ନୁହେଁ, ▶ପୃଷ୍ଠା-୭

## ଭୟଙ୍କର, ହୃଦୟ ବିଦାରକ



ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟିରେ ସରକାର ସମ୍ପୂର୍ଣ୍ଣ ବିଫଳ

ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ମଳିନ ହେଉଛି ରାଜ୍ୟର ଛବି

■ **ଭୁବନେଶ୍ୱର, ୧୬।୯ (ସମିସ):** ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଥିବା ବେଳେ ମହିଳାମାନେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। କୌଣସି ନିକାଞ୍ଚନ ଦୁର୍ଗମ ଅଞ୍ଚଳ ନୁହେଁ, ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ମଧ୍ୟ ମହିଳାମାନେ ଆଉ ସୁରକ୍ଷିତ ନାହାନ୍ତି। ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣା ପରେ ସୋମବାର ପୁରୀ ଜିଲ୍ଲାର ପ୍ରସିଦ୍ଧ ବାଲି ହରଚଣ୍ଡୀଠାରେ ସମାନ ଭାବେ ଆଉ ଏକ ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି ଘଟିଛି। ଯାହା ଓଡ଼ିଶାର ଛବିକୁ ଜାତୀୟସ୍ତରରେ ପୁଣି ଥରେ ମଳିନ କରିଥିବା ବେଳେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ସବୁଠାରେ କଡ଼ା ସମାଲୋଚନା ପ୍ରକାଶ ପାଇଛି। ଏପରି ସ୍ପର୍ଶକାତର ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ଘଟଣାରେ ସେ ଗଭୀର ମର୍ମାହତ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ▶ପୃଷ୍ଠା-୭

## ୨୬ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ

# ଦୁର୍ଗା ପୂଜାରେ ବର୍ଷା-ପବନ

ଭିଜିବ ପାର୍ବଣ

ବାତ୍ୟା ଆଶଙ୍କାକୁ ବି ଏଡ଼ାଯାଇ ନ ପାରେ

ଅଧିକ ଘନୀଭୂତ ହେବା ନେଇ ସୁହାଉଛି ସ୍ଥିତି

■ **ଭୁବନେଶ୍ୱର, ୧୬।୯ (ସମିସ):** ଏଥର ବର୍ଷାରେ ଭିଜିବ ପାର୍ବଣ। ଦୁର୍ଗା ପୂଜାରେ ଷଷ୍ଠୀ ଓ ସପ୍ତମୀ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ସେପ୍ଟେମ୍ବର ୨୫ କିମ୍ବା ୨୬ ବେଳକୁ ବଙ୍ଗୋପାସଗରରେ ଲଘୁଚାପ ସୃଷ୍ଟି ଆଶଙ୍କା ପାଣିପାଗକୁ ବିଗାଡ଼ିବ। ଏପରିକି ପୁରା ପାର୍ବଣ ଫିକା ପଡ଼ିଯିବ। ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ପରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ହେଉଥିବା ଓ ଅଧିକ ଘନୀଭୂତ ହୋଇ ବାତ୍ୟାକୁ ନିମନ୍ତ୍ରଣ କରୁଥିବାରୁ ଦୁର୍ଗାପୂଜାରେ ପାଗକୁ ନେଇ ଏବେଠାରୁ ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ସମ୍ଭାବ୍ୟ ଲଘୁଚାପ ବାତ୍ୟା ପରିସ୍ଥିତି ସୃଷ୍ଟି କରିପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି।

ସେପ୍ଟେମ୍ବର ଶେଷ ସପ୍ତାହରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଓ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇ ବଳ ଗୋଟାଇବ। ପ୍ରାଥମିକ ଆକଳନରୁ ଏହା ଲଘୁଚାପ, ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇପାରେ ବୋଲି ଆଶଙ୍କା ▶ପୃଷ୍ଠା-୭

## ସରକାରୀ ଜମିରୁ ଉଚ୍ଛେଦ ନେଇ ତୀବ୍ର ଉତ୍ତେଜନା

# ପୌରାଧ୍ୟକ୍ଷା-ତହସିଲଦାର ମୁହାଁମୁହିଁ

■ **ଭଦ୍ରକ, ୧୬।୯ (ସମିସ):** ଭଦ୍ରକ ସହରର ବାଇପାସ୍ ଛକଠାରୁ ନଗର ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନୀ ଓ ଜବରଦଖଲକାରୀଙ୍କୁ ଆଜି ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଥିବା ବେଳେ ଏହାକୁ ବିରୋଧ କରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳରେ ଭଦ୍ରକ ଟାଉନ ପୁଲିସ ଓ ଭଦ୍ରକ ତହସିଲଦାର ଉପସ୍ଥିତ ରହିଥିବା ବେଳେ ଲୋକେ ଉଚ୍ଛେଦକୁ ମଧ୍ୟରେ ମୁହାଁମୁହିଁ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ସରକାରୀ ଜମି କେହି ଜବରଦଖଲ କରିପାରିବେ ନାହିଁ ବୋଲି ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ କହିବା ସହ ଉଚ୍ଛେଦ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଉଚ୍ଛେଦ କରାଯିବ ବୋଲି କହିଥିଲେ। ଉଚ୍ଛେଦର ଶିକାର ଶହଶହ ମହିଳା, ପୁରୁଷଙ୍କ ସହ ଖୋଦ୍ ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି



ବିରୋଧ କରି ହାତରେ ପ୍ଲା-କାର୍ଡ ଧରି 'ଆଗ ଥଇଥାନ, ପରେ ଉଚ୍ଛେଦ' ବୋଲି ବିଭିନ୍ନ ନାରାବାଜି ଦେଇ ତୀବ୍ର ବିରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଘଟଣାସ୍ଥଳରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ସହ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ଲାଗି ଆସିଥିବା ଜେସିବି ମେସିନ ଆଗରେ ଉଠାଦୋକାନୀମାନେ ବସି ଧାରଣା ଦେଇଥିଲେ। ହେଲେ ପୁଲିସ ସେମାନଙ୍କୁ ବଳପୂର୍ବକ ଉଠାଇ ଦେଇଥିଲା। ଏହି ଘଟଣାକୁ ନେଇ ପୌରାଧ୍ୟକ୍ଷ ଓ ତହସିଲଦାରଙ୍କ ହବିବି, ଯୁବନେତା ଜାହିଦ ହିବିବ, ବରିଷ୍ଠ କାଉନସିଲର ଏମଡି ଜକାଉଲ୍ଲା, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ସହିଦ ଖାଁ, ଫରିୟାଦ ଖାଁ, ଯୁବନେତା ଲିଆକତ ଅଲ୍ଲିଖାଁ, ନାସିରୁଦ୍ଦିନ ଖାଁ, ଅର୍ଚ୍ଚନା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଶହଶହ ଦୋକାନ ଉଚ୍ଛେଦକୁ କଡ଼ା ବିରୋଧ କରିଥିଲେ। ବର୍ଷକ ତଳେ ଭଦ୍ରକ କଚେରି ବଜାର ଅଞ୍ଚଳରେ ଉଚ୍ଛେଦ କରାଯାଇଥିଲେ ବି କିଛି ନିର୍ମାଣ ହେଲାନି କି ଥଇଥାନ କରାଗଲାନି। ସାଳନ୍ଦୀ ଆଇବି ଅପରପାର୍ଶ୍ୱରେ ଥିବା ୪ଟି ସ୍ଥାୟୀ ଦୋକାନ ଘରକୁ ଭଙ୍ଗାଯାଇଥିଲା। ▶ପୃଷ୍ଠା-୭

# ଦିନକ ପରେ ବିଧାନସଭା

## ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି



■ **ଭୁବନେଶ୍ୱର, ୧୬।୯ (ସମିସ):** ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ମୌସୁମୀ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି। ଏନେଇ ବାଚସ୍ପତି କହିଛନ୍ତି ଯେ ସମସ୍ତ ଦଳ ଅଧିବେଶନରେ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବିଧାନସଭା ୧୮ରୁ ଆରମ୍ଭ ହୋଇ ୨୫ ତାରିଖ ଯାଏଁ ଅର୍ଥାତ୍ ୭ଟି କାର୍ଯ୍ୟ ଦିବସ ▶ପୃଷ୍ଠା-୭

## କେନ୍ଦ୍ର ଉପରେ ବର୍ଷିଲେ ସୁପ୍ରିମକୋର୍ଟ

# ସୁବିଧା ନଦେଲେ ଟ୍ରିବ୍ୟୁନାଲ ଉଚ୍ଛେଦ କର



■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ପୂର୍ବତନ ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନ ମାନସିକତା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ବିଭିନ୍ନ ଟ୍ରିବ୍ୟୁନାଲରେ ଅବସରପ୍ରାପ୍ତ ବିଚାରପତିଙ୍କୁ ନିଯୁକ୍ତ କରାଯାଉଛି। କିନ୍ତୁ ସେହି ହିସାବରେ ସେମାନଙ୍କୁ ସୁବିଧା ସୁଯୋଗ ଦିଆଯାଉ ନାହିଁ। ସରକାରଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ସେମାନେ ଅପମାନିତ ହେଉଛନ୍ତି ଏବଂ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ବି ହେଉଛନ୍ତି। ଯଦି ସରକାର ସେମାନଙ୍କୁ ସୁବିଧା ସୁଯୋଗ ଦେଇ ପାରୁ ନାହାନ୍ତି, ତାହାହେଲେ ସମସ୍ତ ଟ୍ରିବ୍ୟୁନାଲକୁ ବନ୍ଦ କରି ମାମଲାଗୁଡ଼ିକୁ ହାଇକୋର୍ଟକୁ ହସ୍ତାନ୍ତର କରିଦିଆଯାଉ।

ଆଜି ଶୁଣାଣି ବେଳେ ସୁପ୍ରିମ କୋର୍ଟ ଏଭଳି ଢଙ୍ଗରେ କେନ୍ଦ୍ର ସରକାର ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି। ଜଷ୍ଟିସ ବିଭି ନାଗରତ୍ନ ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଲେ ଯେ ଅବସର ପରେ ଅନେକ ପ୍ରଧାନ ବିଚାରପତି ଏବଂ ବିଚାରପତି ଟ୍ରିବ୍ୟୁନାଲରେ ନିଯୁକ୍ତି ପାଇଁ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରୁ ନାହାନ୍ତି। ଏଥିରେ ସେମାନଙ୍କର କିଛି ଦୋଷ ନାହିଁ। କାରଣ ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉ ନାହିଁ। ଯେଉଁମାନେ ଆପଣଙ୍କ ନିଯୁକ୍ତି ପ୍ରସ୍ତାବକୁ ଗ୍ରହଣ କରୁଛନ୍ତି ସେମାନଙ୍କ ପ୍ରତି ସମ୍ମାନ ଓ ମର୍ଯ୍ୟାଦା ସହ ବ୍ୟବହାର କରାଯାଉ। କୋର୍ଟ ଆହୁରି କହିଲେ ▶ପୃଷ୍ଠା-୭

## ଯୁପିଆଇ ପେମେଣ୍ଟ ସୀମା ବୃଦ୍ଧି

# ଦିନକରେ କରିହେବ ୧୦ ଲକ୍ଷର କାରବାର




୬ ଲକ୍ଷର ସୁନା ଅଳଙ୍କାର ବି କିଣାହେବ

ଯୁପିଆଇ ପେମେଣ୍ଟ ସୀମା ୨ ଲକ୍ଷ ଥିଲା

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ସମ୍ପ୍ରତି ଅନ୍‌ଲାଇନ୍ କାରବାର ଢ଼େର ବଢ଼ିଯାଇଛି। ଆଜିକାଲି ଅଧିକାଂଶ ଲୋକ ନଗଦ ପରିବର୍ତ୍ତେ ଅନ୍‌ଲାଇନରେ ଦେୟ ଦେବାକୁ ପସନ୍ଦ କରୁଛନ୍ତି। ଏବେ ଏଥିରେ ଏକ ବଡ଼ ଅପଡେଟ୍ ଆସିଛି, ଯାହା ବଡ଼ ପରିମାଣର ପେମେଣ୍ଟକୁ ଆହୁରି ସହଜ କରିଦେବ। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଯୁପିଆଇ ପେମେଣ୍ଟ ନିୟମରେ ବଡ଼ ଧରଣର ପରିବର୍ତ୍ତନ କରିଛି। ଏଥିରେ ଦୈନିକ ଯୁପିଆଇ ପେମେଣ୍ଟ ସୀମାରେ ସରକାର ବୃଦ୍ଧି ଘଟାଇଛନ୍ତି। ଏହାଫଳରେ ଜଣେ ବ୍ୟକ୍ତି ଗୋଟିଏ ଦିନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଏନ୍‌ପିସିଆଇ ପର୍ସନ୍-ଟୁ ମର୍ଚ୍ଚାଣ୍ଟ (ପିଟୁଏମ୍) ପେମେଣ୍ଟର ଅନେକ ବର୍ଗରେ ଦୈନିକ ସୀମା ୨ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହି ପରିବର୍ତ୍ତନଗୁଡ଼ିକ ସେପ୍ଟେମ୍ବର ୧୫ଠାରୁ କାର୍ଯ୍ୟକାରୀ ହୋଇଛି।

ଏହି ନୂତନ ପରିବର୍ତ୍ତନଗୁଡ଼ିକ ସାଧାରଣ ଲୋକଙ୍କ ସହିତ ଯୁପିଆଇ ମାଧ୍ୟମରେ କାରବାର କରୁଥିବା ଦୋକାନୀ/ବ୍ୟବସାୟୀମାନଙ୍କୁ ମଧ୍ୟ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ। ଏନ୍‌ପିସିଆଇ ବୀମା ପ୍ରିମିୟମ, ପୁଞ୍ଜି ବଜାର, କ୍ରେଡିଟ୍ କାର୍ଡ ବିଲ୍ ପେମେଣ୍ଟ ଭଳି କିଛି ବିଶେଷ ବର୍ଗ ପାଇଁ ଯୁପିଆଇ କାରବାରର ସୀମା ପ୍ରତି କାରବାର ପାଇଁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏପରି କାରବାର ପାଇଁ ଆପଣ ଗୋଟିଏ ଦିନରେ ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୦ ଲକ୍ଷ ଟଙ୍କାର କାରବାର କରିପାରିବେ। ଏହାବ୍ୟତୀତ, ଅନ୍ୟ ୧୨ଟି ବର୍ଗ ପାଇଁ ଦୈନିକ କାରବାର ସୀମା ମଧ୍ୟ ବୃଦ୍ଧି କରାଯାଇଛି। ଅପରପକ୍ଷେ ସାଧାରଣ ବ୍ୟବହାରକାରୀଙ୍କ ପାଇଁ ବ୍ୟକ୍ତିଙ୍କଠାରୁ ▶ପୃଷ୍ଠା-୭

## ନଦୀ ଗର୍ଭରୁ ବାଲି ଚାଲାଣ

# ନଦୀ ପହଁରି ୫ ଭେଳା ଜବତ କଲା ପୁଲିସ

■ **ନୀଳଗିରି, ୧୬।୯ (ସମିସ):** ନୀଳଗିରି ତହସିଲ ଅଧୀନ ସୋନ ନଦୀର ବିଭିନ୍ନ ଘାଟରୁ ଚୋରା ବାଲିଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ସକାଳେ ନଦୀର ସିଙ୍ଗିରି ଘାଟରୁ ବାଲିଚାଲାଣ ହେଉଥିବା ଖବର ପାଇ ପୁଲିସ୍ ଓ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ଅଯୋଧ୍ୟା ଫାଣ୍ଡି ଅଧିକାରୀ ସରୋଜ କୁମାର ଦାସ, ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏବଂ ୬ ଏପିଆର୍ ଫୋର୍ସଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ▶ପୃଷ୍ଠା-୭

## ଧର୍ମାନ୍ତରୀକରଣ ବିରୋଧୀ ଆଇନ ମାମଲାରେ ରାଜ୍ୟଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୧୬।୯: ଧର୍ମାନ୍ତରୀକରଣ ଆଇନ ବିରୋଧରେ ଆଗତ ପିଟିସନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ସୁପ୍ରିମ କୋର୍ଟ। ଏହାକୁ ନେଇ କେନ୍ଦ୍ର ସରକାର ସହିତ ଅନେକ ରାଜ୍ୟଙ୍କୁ ନୋଟିସ ଜାରିଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ବିଭିନ୍ନ ଧର୍ମବାଲମ୍ବୀଙ୍କୁ ବିବାହ କରିଥିବା ଦଂପତିଙ୍କୁ ହଇରାଣ କରିବା ଲାଗି ଧର୍ପାନ୍ତରୀକରଣ-ବିରୋଧୀ ଆଇନର ଦୁରୁପଯୋଗ କରାଯାଉଛି। ଉତ୍ତର ପ୍ରଦେଶ ସମେତ ମଧ୍ୟ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଛତିଶଗଡ଼, ଗୁଜରାଟ, ହରିଆଣା, ଝାଡ଼ଖଣ୍ଡ ଓ କର୍ଣ୍ଣାଟକ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ଜବାବ ପାଇଁ ୪ ସପ୍ତାହର ସମୟ ଦିଆଯାଇଛି। ନୋଟିସର ଜବାବ ମିଳିବା ପରେ ଧର୍ମାନ୍ତରୀକରଣ ବିରୋଧୀ ଆଇନ ଉପରେ ରୋକ ଲଗାଯିବ କି ନାହିଁ ତାହା ବିଚାର କରାଯିବ ବୋଲି ସୁପ୍ରିମ କୋର୍ଟ କହିଛନ୍ତି। ଜମିଅତ ଉଲେମା ଏ ହିନ୍ଦ ସମେତ ଅନେକ ସଂଗଠନ ପକ୍ଷରୁ ଦାଏର ପିଟିସନରେ ଅଭିଯୋଗ କରାଯାଇଛି ଯେ ବିଭିନ୍ନ ଧର୍ମର ଲୋକମାନଙ୍କୁ ଏହି ଆଇନ ଆଳରେ ହଇରାଣ କରାଯାଉଛି।

## ଯୁବରାଜ ସିଂହ, ରବିନ ଉଥପାଙ୍କୁ ଇଡି ସମନ

ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍‌ର ପ୍ରଚାରପ୍ରସାର ମାମଲାରେ ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଖେଳାଳି ଯୁବରାଜ ସିଂହ ଏବଂ ରବିନ ଉଥପାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ବେଟିଂ ଆପ୍ '୧xବେଟ୍' ମାମଲାରେ ଜେରା ପାଇଁ ଡକାଇଛି। ଉଥପାଙ୍କୁ ୨୨ ତାରିଖରେ ଏବଂ ଯୁବରାଜଙ୍କୁ ୨୩ରେ ଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ବଲିଉଡ ଅଭିନେତା ସୋନୁ ସୁଦଙ୍କୁ ମଧ୍ୟ ୨୪ ତାରିଖରେ ହାଜର ହେବା ପାଇଁ ନୋଟିସ ପଠାଯାଇଛି। ମନି ଲଣ୍ଡରିଂ ମାମଲାରେ ସମସ୍ତଙ୍କୁ ପଚରାଉଚୁରା କରାଯିବ। ଅନ୍ୟପଟେ ଆଜି ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କୁ ଜେରା ପାଇଁ ଡକାଯାଇଛି। ସୋମବାର ଏହି ମାମଲାରେ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀଙ୍କୁ ଇଡି ଜେରା କରି ବୟାନ ରେକର୍ଡ କରିଥିଲା। ପୂର୍ବରୁ ଶିଖର ଧାୱନ, ସୁରେଶ ରୈନା ଏବଂ ହରଭଜନ ସିଂହଙ୍କୁ ମଧ୍ୟ ଜେରା କରାଯାଇଥିଲା। ସେଲିବ୍ରିଟିଙ୍କ ମାଧ୍ୟମରେ ବିଜ୍ଞାପନ କରି ଏହି ଅନ୍‌ଲାଇନ ବେଟିଂ ଆପ୍ କୋଟି କୋଟି ଟଙ୍କାର ମନି ଲଣ୍ଡରିଂ ତଥା ଟିକସ ଚୋରି କରିଥିବା ଅଭିଯୋଗ ଲାଗିଛି। ଏହି ଆପ୍ ୧୮ ବର୍ଷ ହେଲା କାର୍ଯ୍ୟ କରୁଛି। ଏହାର ଗ୍ରାହକ ହଜାର ହଜାର ଖେଳ ଉପରେ ବେଟିଂ କରିପାରିବେ। କମ୍ପାନୀର ୱେବସାଇଟ ଏବଂ ଆପ୍ ୭୦ ଭାଷାରେ ଉପଲବ୍ଧ।

## ମାନିଲା ଜୈସ: ଅପରେସନ ସିନ୍ଦୂରରେ ମାସୁଦ ଆଝାର ପରିବାର ନିହତ

ଇସଲାମାବାଦ, ୧୬।୯ (ଏଜେନ୍ସି): ପ୍ରଥମ ଥର ପାଇଁ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ସତ ସ୍ୱୀକାର କରିଛି। ଅପରେସନ ସିନ୍ଦୁର ସମୟରେ ଭାରତର ଆକ୍ରମଣରେ ଏହାର ମୁଖ୍ୟ ମୌଲାନା ମସୁଦ ଆଝାରଙ୍କ ପରିବାରର ଅନେକ ସଦସ୍ୟ ନିହତ ହୋଇଥିଲେ। ଜୈସର କମାଣ୍ଡର ମାସୁଦ ଇଲିଆସ କାଶ୍ମୀରର ଏକ ଭାଇରାଲ ଭିଡିଓରେ ଏହା ସ୍ୱୀକାର କରାଯାଇଛି। ସେ କହିଥିଲା ଯେ ମେ' ୭ ତାରିଖରେ ବାହାବଲପୁରରେ ଭାରତର କାର୍ଯ୍ୟାନୁଷ୍ଠାନ ସମୟରେ ଆଝାରଙ୍କ ପରିବାର ସଦସ୍ୟଙ୍କୁ ଖଣ୍ଡ ଖଣ୍ଡ କରି କାଟି ଦିଆଯାଇଥିଲା।

# ମହିଳା ଅଧିକାରୀଙ୍କ ଘରୁ ୨ କୋଟିର ଅଳଙ୍କାର; ୯୨ ଲକ୍ଷ ଟଙ୍କା ଜବତ



ଗୌହାଟୀ, ୧୬।୯ (ଏଜେନ୍ସି): ଦୁର୍ନୀତିରେ ମହିଳା ଅଧିକାରୀଙ୍କ ସମ୍ପତ୍ତି ବଢ଼ିବାରେ ଲାଗିଛି। ଏବେ ଆସାମ ସିଭିଲ ସେବା (ଏସିଏସ) ଅଧିକାରୀ ନୁପୂର ବୋରାଙ୍କୁ ଦୁର୍ନୀତି ମାମଲାରେ ଗିରଫ କରାଯାଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚାକିରିର ମାତ୍ର ୬ ବର୍ଷ ମଧ୍ୟରେ ସେ କୋଟିପତି ହୋଇଯାଇଛନ୍ତି। ସମ୍ପତ୍ତି ଅହେତୁକ ଭାବେ ବଢ଼ିବାରେ ଲାଗିଛି। ଏହି ମାମଲାରେ ସୋମବାର ସ୍ପେସିଆଲ ଭିଜିଲାନ୍ସ ଟିମ୍ ନୁପୂରଙ୍କ ଗୌହାଟୀ ସ୍ଥିତ ଘରେ ଚଢ଼ଉ କରିଥିଲା। ଏଠାରୁ ୯୨ ଲକ୍ଷ ଟଙ୍କା ଏବଂ ପ୍ରାୟ ୨ କୋଟି ଟଙ୍କାର ଅଳଙ୍କାର ଜବତ କରାଯାଇଥିଲା। ଆଉ ଏକ ଟିମ୍ ନୁପୂରଙ୍କ ବାରପେଟା ସ୍ଥିତ ଭଡ଼ା ଘରେ ଚଢ଼ଉ କରି ୧୦ ଲକ୍ଷ ଟଙ୍କା ଜବତ କରିଥିଲା। ଏହି ମହିଳା ଅଧିକାରୀଙ୍କ ସହଯୋଗୀ ଲାଟ ମଣ୍ଡଳ ସୁରଜିତ ଡେକାଙ୍କ ଘରେ ମଧ୍ୟ ଚଢ଼ଉ ହୋଇଛି। ବାରପେଟା ରାଜସ୍ୱ ସର୍କଲରେ ଥିବା ସମୟରେ ନୁପୂର ଲାଞ୍ଚ ନେଇ ଜମି କାରବାର କରିଥିବା ଅଭିଯୋଗ ହୋଇଛି। ଏବେ ସେ କାମରୁପର ଗୋରୋଇମାରିରେ ସର୍କଲ ଅଫିସର ଭାବେ କାର୍ଯ୍ୟରତ।

ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ଯେ ବିବାଦୀୟ ଜମି ମାମଲାରେ ନାମ ସାମ୍ନାକୁ ଆସିବା ପରେ ଗତ ୬ ମାସ ହେଲା ନୁପୂରଙ୍କ ଉପରେ ନଜର ରଖାଯାଇଥିଲା। ଏଥିପାଇଁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନା ଅନୁଯାୟୀ ୨୦୧୯ରେ ନୁପୂର ସିଭିଲ ସେବାରେ ସାମିଲ ହୋଇଥିଲେ। ସେ ୧୯୮୯ ମାର୍ଚ୍ଚ ୩୧ରେ ଜନ୍ମଗ୍ରହଣ କରିଥିଲେ। ସେ କାମରୁପ ଜିଲ୍ଲା ଗୋଲାଘାଟର ବାସିନ୍ଦା। ସେ କାମରୁପର ଗୋରୋଇମାରିରେ ସର୍କଲ ଅଫିସର ଭାବେ ମୁତୟନ ଥିଲେ। କାର୍ବି ଆଙ୍ଗଲୋଙ୍ଗରେ ସହାୟକ କମିସନର ଭାବେ ପ୍ରଶାସନିକ କ୍ୟାରିୟର ଆରମ୍ଭ କରିଥିଲେ। ଏହି ପଦରେ ସେ ୨୦୨୩ ଜୁନ୍ ପର୍ଯ୍ୟନ୍ତ ଥିଲେ। ଏଠାରେ ବିଭିନ୍ନ ଦୁର୍ନୀତି ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିଥିଲା। ନୁପୂରଙ୍କ ସହଯୋଗୀ ସୁରଜିତ ଏବେ ବାରପେଟାରେ ନିଯୁକ୍ତ ଅଛନ୍ତି। ସେ ନୁପୂରଙ୍କ ସହ ମିଶି ବାରପେଟାରେ ଅନେକ ସମ୍ପତ୍ତି ନିଜ ନାମରେ କରିଥିବା ମଧ୍ୟ ଅଭିଯୋଗ ହୋଇଛି।

# ଗାଜାରେ ପଶିଲା ଇସ୍ରାଏଲ ସେନା

### ୭୮ ମୃତ; ସହର ଛାଡ଼ିଲେ ୩ ଲକ୍ଷ ନାଗରିକ

### ଗାଜା ଜଳୁଛି କହିଲେ ପ୍ରତିରକ୍ଷା ମନ୍ତ୍ରୀ



ତେଲ ଆଭିଭ, ୧୬।୯ (ଏଜେନ୍ସି): ଇସ୍ରାଏଲ-ହମାସ ସଂଘର୍ଷ ବନ୍ଦ ହେବାର ନା ଧରୁନି। ଦୀର୍ଘ ଦିନ ହେଲା ଆକ୍ରମଣ ଜାରି ରହିଥିବାବେଳେ ଗାଜା ଅଧିବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଦ୍ୟ ନ ପାଇ ମୃତ୍ୟୁ ସହ ଲଢେଇ କରୁଛନ୍ତି। ଏପରି ସମୟରେ ପୁଣିଥରେ ଇସ୍ରାଏଲ ଗାଜା ସିଟିରେ ଜୋରଦାର ଆକ୍ରମଣ କରିଛି। ଏହି ସହରକୁ ଦଖଲ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ମଙ୍ଗଳବାର ସକାଳେ ଇସ୍ରାଏଲ ସେନା ସ୍ଥଳ ଭାଗରେ ଆକ୍ରମଣ ଆରମ୍ଭ କରି ଗାଜା ସିଟିର ବାହ୍ୟ ଅଞ୍ଚଳକୁ ପ୍ରଥମେ କବ୍‌ଜା କରିବାରେ ଲାଗିଛି। ଏହି ଅଞ୍ଚଳରେ ଆଇଡିଏଫ ରାତି ସାରା ଆକାଶ ମାର୍ଗରୁ ଆକ୍ରମଣ କରିଥିଲେ। ବୋମା ମାଡ଼ରେ ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଛି। ଲୋକେ ଭୟରେ ଘରଦ୍ୱାର ଛାଡ଼ି ପଳାଇବାରେ ଲାଗିଛନ୍ତି। ଏହି ଆକ୍ରମଣରେ ୭୮ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଫୁଟବଲ ଏକାଡେମିର ୧୦ ଶିଶୁ ସାମିଲ ଅଛନ୍ତି। ଶତାଧିକ ମଧ୍ୟ ଆହତ ହୋଇଛନ୍ତି। ୩.୨ ଲକ୍ଷରୁ ଅଧିକ ଲୋକ ସହର ଛାଡ଼ି ଚାଲି ଯାଇଛନ୍ତି ବୋଲି ଜଣେ ଇସ୍ରାଏଲ ଅଧିକାରୀ କହିଛନ୍ତି।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ କହିଛନ୍ତି ଯେ ହମାସ କବ୍‌ଜାରେ ଥିବା ନାଗରିକଙ୍କୁ ମୁକ୍ତ କରିବାକୁ ଏବଂ ହମାସକୁ ହରାଇବା ପାଇଁ ସେନା ସାହସର ସହ ଲଢେଇ କରୁଛି। ଏବେ ଗାଜା ଜଳୁଛି। ସେନା ସମ୍ପୂର୍ଣ୍ଣ କ୍ଷମତାର ସହ ଆତଙ୍କବାଦୀଙ୍କ ଠିକଣାରେ ଆକ୍ରମଣ କରୁଛି। ଅଭିଯାନ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଇସ୍ରାଏଲ ପଛଘୁଞ୍ଚା ଦେବ ନାହିଁ କି ଅଟକିବ ନାହିଁ। ଏହା ପୂର୍ବରୁ ଗତ ମାସରେ ଗାଜା ସିଟି କବ୍‌ଜା ଯୋଜନାକୁ ଇସ୍ରାଏଲ କ୍ୟାବିନେଟ ମଞ୍ଜୁରି ଦେଇଥିଲା। ଏହା ଅଧୀନରେ ୬୦ ହଜାର ସଂରକ୍ଷିତ ସୈନିକଙ୍କୁ ଡକାଇବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଯୋଜନା ଅନୁଯାୟୀ ଗାଜା ସହରକୁ କବ୍‌ଜା ପାଇଁ ମୋଟ ୧.୩୦ ଲକ୍ଷ ସୈନିକଙ୍କୁ ମୁତୟନ କରାଯିବ। କାର୍ଯ୍ୟରେ ଯୋଗଦେବା ପାଇଁ ସୈନିକଙ୍କୁ ଦୁଇ ସପ୍ତାହ ତଳେ ନୋଟିସ ଜାରି କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ୪୦ରୁ ୫୦ ହଜାର ସୈନିକଙ୍କୁ ଡକାଇବା ପାଇଁ ଗତ ୨ ତାରିଖରେ ନିଷ୍ପତ୍ତି ନିଆଯାଇଥିଲା। ପରେ ନଭେମ୍ବର-ଡିସେମ୍ବର ଏବଂ ଫେବୃଆରୀ-ମାର୍ଚ୍ଚରେ ଅନ୍ୟ ସୈନିକଙ୍କୁ ଡକାଯିବ। ଏହି ଅଭିଯାନର ନାମ 'ଗିଦୋନସ ଚେରିଏଟ୍ସ-ବି' ରଖାଯାଇଛି। ଏହା ସହିତ ପୂର୍ବରୁ କାର୍ଯ୍ୟରେ ଯୋଗ ଦେଇଥିବା ସଂରକ୍ଷିତ ସୈନିକଙ୍କ ସେବା ଅବଧିକୁ ୪୦-୫୦ ଦିନ ପାଇଁ ବୃଦ୍ଧି କରାଯାଇଛି। ଏହି ଅଭିଯାନରେ ଆର୍ମି ଡିଭିଜନର ୫ଟି ଟିମ୍ ଏବଂ ୧୨ଟି ବ୍ରିଗେଡସ୍ତରୀୟ ଟିମ୍ ସାମିଲ ହେବ। ଏହା ମଧ୍ୟରେ ପଦାତିକ ସେନା, ଟ୍ୟାଙ୍କ, ତୋପ, ଇଞ୍ଜିନିୟରିଂ ଏବଂ ସପୋର୍ଟ ୟୁନିଟ ସାମିଲ ରହିଛି। ଏହା ବ୍ୟତୀତ ଗାଜା ଡିଭିଜନର ଉତ୍ତର ଏବଂ ଦକ୍ଷିଣ ବ୍ରିଗେଡ ମଧ୍ୟ ସାମିଲ ହେଉଛି।

ଇସ୍ରାଏଲର ଆକ୍ରମଣ ଯୋଗୁଁ ଗାଜା ଷ୍ଟ୍ରିପ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ଏପରି ସମୟରେ ଇସ୍ରାଏଲର ନୂଆ ଅଭିଯାନ ସମସ୍ୟାକୁ ଅଧିକ ବଢ଼ାଇ ଦେଇଛି। ଏବେ ଗାଜାର ୮୦ ପ୍ରତିଶତ ଅଞ୍ଚଳରେ ପାଲେଷ୍ଟିନୀୟଙ୍କ ପ୍ରବେଶକୁ ବାରଣ କରିଦିଆଯାଇଛି। ଏହି ଅଭିଯାନରେ ହମାସ କବ୍‌ଜାରେ ଥିବା ବନ୍ଦୀଙ୍କୁ ମୁକ୍ତ କରିବାକୁ ଇସ୍ରାଏଲ ଲକ୍ଷ୍ୟ ରଖିଛି। ଏ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଇସ୍ରାଏଲ ସେନା ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ନ ଥିଲା। ଆଇଡିଏଫ ଅନୁଯାୟୀ ଗାଜା ଷ୍ଟ୍ରିପ୍‌ର ପ୍ରାୟ ୭୫ ପ୍ରତିଶତ ଅଞ୍ଚଳ ଦେଶ ନିୟନ୍ତ୍ରଣରେ ରହିଛି। ମାତ୍ର ୨୫ ପ୍ରତିଶତ ଅଞ୍ଚଳକୁ ଦଖଲ କରାଯାଇ ନାହିଁ। ଏଠାରେ ଇସ୍ରାଏଲ ବନ୍ଦୀଙ୍କୁ ରଖାଯାଇଥିବା ଅନୁମାନ କରାଯାଉଛି। ତେଣୁ ଏହି ଅଭିଯାନ ଆରମ୍ଭ ହୋଇଛି। ଏବେ ଗାଜାରେ ହମାସ ପାଖରେ ପ୍ରାୟ ୫୦ ଜଣ ବନ୍ଦୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଥିବାବେଳେ ୨୮ ଜଣ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି।

## ନିଟ୍ ଛାତ୍ରଙ୍କୁ ହତ୍ୟା କଲେ ପଶୁ ଚୋରାଚାଲାଣକାରୀ

ଗୋରଖପୁର, ୧୬।୯ (ଏଜେନ୍ସି): ଉତ୍ତର ପ୍ରଦେଶ ଗୋରଖପୁରରେ ପଶୁ ଚୋରାଚାଲାଣକାରୀ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏହି ସମୟରେ ଚୋରାଚାଲାଣକାରୀ ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଛାତ୍ରଙ୍କୁ ଟାଣି ନେଇ ପିଟି ପିଟି ହତ୍ୟା କରିଦେଇଛନ୍ତି। ମୃତଦେହକୁ ଘରଠୁ ୪ କିମି ଦୂରରେ ନେଇ ଫୋପାଡ଼ିଛନ୍ତି। ସାଢ଼େ ଚାରି ଘଣ୍ଟା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାତ୍ରଙ୍କ ମୃତଦେହ ମିଳିଥିଲା। ତାଙ୍କ ମୁଣ୍ଡକୁ ପିଟି ପିଟି ନଷ୍ଟ କରିଦିଆଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜଣେ ଚୋରକୁ ଧରି ମଧ୍ୟ ପ୍ରବଳ ମାଡ଼ ମାରିଛନ୍ତି। ଛଡ଼ାଇବାକୁ ଆସିବାରୁ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ସୋମବାର ରାତି ୧୧ଟାରେ ଏହି ହଙ୍ଗାମା ଆରମ୍ଭ ହୋଇଥିଲା। ୧୦-୧୨ ଜଣ ପଶୁ ଚୋରାଚାଲାଣକାରୀ ପିକ୍‌ଅପରେ ପିପରାଇଚରୁ ମଓଆଚାପି ଗାଁରେ ପହଞ୍ଚି ଥିଲେ। ଏଠାରେ ଗ୍ରାମବାସୀଙ୍କ ସହ ହଙ୍ଗାମା ହେବା ପରେ ଆଗରେ ଥିବା ନିଟ୍ ଛାତ୍ର ଦୀପକଙ୍କୁ ନେଇ ପଳାଇ ଥିଲେ।

ସୂଚନା ଅନୁଯାୟୀ ଗାଁର ପ୍ରବେଶ ପଥ ନିକଟରେ ଦୁର୍ଗେଶ ପାଠକଙ୍କ ଆସବାବ ଦୋକାନ ଥିଲା। ଶୂନଶାନ ସ୍ଥାନ ଦେଖିବା ପରେ ସୋମବାର ରାତିରେ ଚୋରାଚାଲାଣକାରୀ ଲୁଟ୍ କରିବା ପାଇଁ ଦୋକାନ ତାଲା ଭାଙ୍ଗିବାରେ ଲାଗିଥିଲେ। ଏହି ସମୟରେ ଦୋକାନର ଉପର ମହଲାରେ ଟ୍ରାଭେଲ ଅଫିସ ଥିଲା। ସେଠାରେ ଦୁର୍ଗେଶଙ୍କ ଭଉଣୀର ପୁଅ ଶୋଇଥିଲା। ସେ ୧୦-୧୨ ଚୋରଙ୍କୁ ଦେଖି ମାମୁଁ ଦୁର୍ଗେଶଙ୍କ ପୁଅ ଦୀପକଙ୍କୁ କଲ୍ କରି ଡକାଇ ଥିଲେ। ଲୋକଙ୍କ ସ୍ୱର ଶୁଣି ଚୋର ଯାଉଥିବାବେଳେ ଆଗରେ ଥିବା ଦୀପକଙ୍କୁ ଭିଡ଼ି ନେଇଥିଲେ। ଏହି ସମୟରେ ଗ୍ରାମବାସୀ ଜଣେ ଚୋରକୁ ଧରି ନେଇ ପ୍ରବଳ ମାଡ଼ ମାରିଥିଲେ। ପୁଲିସ ପହଞ୍ଚି ଗିରଫ କରିବାକୁ ପ୍ରୟାସ କରୁଥିବାବେଳେ ଗ୍ରାମବାସୀ ଏସ୍‌ପିଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏଥିରେ ଏସ୍‌ପି ଜିତେନ୍ଦ୍ର ଶ୍ରୀବାସ୍ତବ ଏବଂ ପିପରାଇଚ ଥାନା ପ୍ରଭାରୀ ଆହତ ହୋଇଥିଲେ।

## ହିଂସା ପାଇଁ ମସ୍କଙ୍କୁ ଦାୟୀକଲେ ବ୍ରିଟେନ ପ୍ରଧାନମନ୍ତ୍ରୀ

ଲଣ୍ଡନ, ୧୬।୯ (ଏଜେନ୍ସି): ଆପ୍ରବାସନ ନୀତିକୁ ବିରୋଧ କରି ବ୍ରିଟେନରେ ହୋଇଥିବା ହିଂସା ପାଇଁ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ବ୍ୟବସାୟୀ ଏଲନ ମସ୍କଙ୍କୁ ଦାୟୀ କରିଛନ୍ତି। ସେ ଟେସ୍‌ଲା ମାଲିକଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଉତ୍ତେଜନାପୂର୍ଣ୍ଣ ଏବଂ ବିପଜ୍ଜନକ ଭାଷଣ ପାଇଁ ଦକ୍ଷିଣ ପନ୍ଥୀ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ ସମୟରେ ହିଂସା ହେଲା ବୋଲି କହିଛନ୍ତି। ଷ୍ଟାରମରଙ୍କ କାର୍ଯ୍ୟାଳୟପକ୍ଷରୁ କୁହାଯାଇଛି ଯେ ବ୍ରିଟେନ ଏକ ସହିଷ୍ଣୁ ଦେଶ। ଏଠାରେ ହିଂସାକୁ ଉସକାଉଥିବା ଭାଷାର କୌଣସି ସ୍ଥାନ ନାହିଁ। ସୂଚନାଯୋଗ୍ୟ ଯେ ଦେଶରେ ବେଆଇନ ପ୍ରବାସୀଙ୍କ ବର୍ଦ୍ଧିତ ଜନସଂଖ୍ୟାକୁ ନେଇ ଲଣ୍ଡନରେ ପ୍ରତିବାଦ ହୋଇଥିଲା। ଅନଲାଇନ୍ ମାଧ୍ୟମରେ ମସ୍କ ଏଥିରେ ଯୋଗ ଦେଇଥିଲେ। ସେ ବ୍ରିଟେନ ସଂସଦ ଭଙ୍ଗ କରିବାକୁ ଦାବି କରିଥିଲେ। ଲଢେଇ କରନ୍ତୁ, ନଚେତ ମରିବେ ବୋଲି କହିଥିଲେ। ଏହା ପରେ ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୨୬ ଜଣ ପୋଲିସ ଆହତ ହୋଇଥିଲେ।

## 'ଦ ନ୍ୟୁୟର୍କ ଟାଇମ୍ସ' ବିରୋଧରେ ଟ୍ରମ୍ପଙ୍କ ମାନହାନୀ ମାମଲା

ୱାଶିଂଟନ, ୧୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଦ ନ୍ୟୁୟର୍କ ଟାଇମ୍ସ' ବିରୋଧରେ ବଡ଼ ଅଭିଯୋଗ ଲଗାଇ ୧୫ ବିଲିୟନ ଡଲାର ତଥା ୧.୩ ଲକ୍ଷ କୋଟି ଟଙ୍କାରର ମାନହାନୀ ମାମଲା ଦାଏର କରିଛନ୍ତି। କିଛି ଦଶନ୍ଧି ହେଲା ଏହି ଖବରକାଗଜ ତାଙ୍କ ବିରୋଧରେ ଭୁଲ୍ ରିପୋର୍ଟ ପ୍ରଚାରପ୍ରସାର କରି ଛବି ଖରାପ କରୁଥିବା ଟ୍ରମ୍ପ ଅଭିଯୋଗ ଲଗାଇଛନ୍ତି। ଏହା ମଧ୍ୟରେ ଦିବଙ୍ଗତ ସେକ୍ସ ଅପରାଧୀ ଜେଫରି ଏପଷ୍ଟିନ ସାମିଲ ଅଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ କହିଛନ୍ତି ଯେ ନ୍ୟୁୟର୍କ ଟାଇମ୍ସ ତାଙ୍କ ପରିବାର, ବ୍ୟବସାୟ , ରାଷ୍ଟ୍ରପତି ଏବଂ ସାରା ଦେଶ ବିରୋଧରେ ମିଛ ପ୍ରଚାରପ୍ରସାର କରୁଛି। ଏହି ଖବରକାଗଜ ଚରମପନ୍ଥୀ 'ଲେଫ୍ଟ ଡେମୋକ୍ରାଟ ପାର୍ଟି'ର ପ୍ରବକ୍ତା ପାଲଟି ଯାଇଛି। କମଳା ହ୍ୟାରିସଙ୍କ ସମର୍ଥନରେ ପ୍ରଥମ ପୃଷ୍ଠାରେ ଆଲେଖ୍ୟ ଲେଖିଥିଲା। ଏହା ଆମେରିକା ଫାଷ୍ଟ ମୁଭମେଣ୍ଟ ଏବଂ ମାଗାର ମଧ୍ୟ ବିରୋଧୀ। ଏହି ମାମଲା ଫ୍ଲୋରିଡ଼ାରେ ଦାଏର କରାଯାଇଛି ବୋଲି ଟ୍ରମ୍ପ କହିଛନ୍ତି।




ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଏହି ଖବରକାଗଜ ଦୀର୍ଘ ଦିନ ହେଲା ଭିଡିଓ ଏବଂ ପ୍ରମାଣପତ୍ରରେ ଜାଲିଆତି କରି ମିଥ୍ୟା ଖବରର ପ୍ରଚାରପ୍ରସାର କରୁଛି। ଏହା ବେଆଇନ। ଏହାକୁ ରୋକିବାକୁ ହେବ। ଏପରି କରିବାକୁ ଯାଉଛି ବୋଲି ମୋତେ ଗର୍ବ ଲାଗୁଛି। ଟ୍ରମ୍ପ ଏବଂ ବଦ୍‌ନାମ ହୋଇଥିବା ଫାଇନାନ୍ସର ଜେଫରି ଏପଷ୍ଟିନଙ୍କ ସମ୍ପର୍କକୁ ନେଇ ନ୍ୟୁୟର୍କ ଟାଇମ୍ସ ଖବର ଛାପିବା ପରେ ଆମେରିକା ରାଷ୍ଟ୍ରପତି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେ ନ୍ୟୁୟର୍କ ଟାଇମ୍ସକୁ ଆମେରିକାର ସବୁଠୁ ଖରାପ ଏବଂ ବର୍ବାଦ ହୋଇଯାଇଥିବା ଖବରକାଗଜ କହିଛନ୍ତି। ତେବେ ଏ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ଅଭିଯୋଗ ଉପରେ ନ୍ୟୁୟର୍କ ଟାଇମ୍ସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

ସୂଚନାଯୋଗ୍ୟ ଯେ ଏହି ଖବରକାଗଜ ଭାରତର ବିରୋଧରେ ମଧ୍ୟ ଅନେକ ମିଥ୍ୟା ଖବର ପ୍ରଚାରପ୍ରସାର କରିଥିଲା। ଭିତ୍ତିହୀନ ରିପୋର୍ଟିଂ କରି ଭାରତରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ କରିଥିଲା। କଶ୍ମୀରରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଇଥିବା ଦାବି କରିଥିଲା। ଏହା ମଧ୍ୟ ଅନେକ ସମୟରେ କଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧୀ ଖବର ଛାପିଥିଲା।

### ଟ୍ରମ୍ପଙ୍କ ଦାବିକୁ ଖାରଜ କଲେ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ

## ତୃତୀୟ ପକ୍ଷର ମଧ୍ୟସ୍ଥତାକୁ କେବେ ସ୍ୱୀକାର କରିନି ଭାରତ

ଦୋହା, ୧୬।୯ (ଏଜେନ୍ସି): ପୁଣିଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ପଦାରେ ପଡ଼ିଯାଇଛି। 'ଅପରେସନ ସିନ୍ଦୂର' ପରେ ଭାରତ ଏବଂ ପାକିସ୍ତାନ ସଂଘର୍ଷକୁ ଅଟକାଇଥିବା ନେଇ ଟ୍ରମ୍ପ ବାରମ୍ବାର ଦାବି କରିଆସୁଛନ୍ତି। ଏଥିପାଇଁ ନୋବେଲ ଶାନ୍ତି ପୁରସ୍କାର ନିମନ୍ତେ ତାଙ୍କୁ ମନୋନୀତ କରିବାକୁ ଟ୍ରମ୍ପ ଭାରତ ଉପରେ ଚାପ ପକାଉଛନ୍ତି। ଏପରି ସମୟରେ ଟ୍ରମ୍ପଙ୍କ ମିଛ ଉପରୁ ଖୋଦ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇସାକ ଡାର୍ ପରଦା ଉଠାଇ ଦେଇଛନ୍ତି। ଏହା ସହିତ ସାରା ବିଶ୍ୱରେ ପୁଣିଥରେ ଟ୍ରମ୍ପଙ୍କ ଅସଲ ମୁଖା ଖୋଲି ଯାଇଛି। ଭାରତ-ପାକିସ୍ତାନ ଯୁଦ୍ଧ ରୋକିଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଡାର୍ ଖାରଜ କରିଦେଇଛନ୍ତି।

ଅଲଜଜିରାକୁ ମଙ୍ଗଳବାର ଦେଇଥିବା ଏକ ସାକ୍ଷାତକାରରେ ଡାର ସ୍ୱୀକାର କରିଛନ୍ତି ଯେ ଉଭୟ ଦେଶ ମଧ୍ୟରେ କୌଣସି ତୃତୀୟ ରାଷ୍ଟ୍ରର ମଧ୍ୟସ୍ଥତାକୁ ଭାରତ କେବେ ସ୍ୱୀକାର କରି ନାହିଁ। ଏହି ସମୟରେ ଉପସ୍ଥାପକ ତାଙ୍କୁ ସଂଘର୍ଷ ସମାଧାନ ଲାଗି ତୃତୀୟ ପକ୍ଷର ହସ୍ତକ୍ଷେପ ନିମନ୍ତେ ପାକିସ୍ତାନ ପ୍ରସ୍ତୁତ ଥିଲା କି ବୋଲି ପଚାରି ଥିଲେ। ଏହା ଉପରେ ପାକିସ୍ତାନର କୌଣସି ଆପତ୍ତି ନ ଥିଲା ବୋଲି ଡାର୍ କହିଥିଲେ। କିନ୍ତୁ ଏଥିପାଇଁ ଭାରତ ମନା କରିଦେଇଥିଲା। ସୂଚନା ଅନୁଯାୟୀ ମେ' ୭ରେ ସଂଘର୍ଷ ଆରମ୍ଭ ହେବାର ତିନି ଦିନ ପରେ ୧୦ରେ ଭାରତ-ପାକିସ୍ତାନ ମଧ୍ୟରେ ଟ୍ରମ୍ପ ଅସ୍ତ୍ରବିରତିର ସୂଚନା ଦେଇଥିଲେ। ପରେ ସେ ପ୍ରାୟ ୩୦ ଥର ଏହି ଯୁଦ୍ଧ ବନ୍ଦ କରିଥିବାର ଶ୍ରେୟ ନିଜକୁ ଦେଲେଣି। କିନ୍ତୁ ଭାରତ ଟ୍ରମ୍ପଙ୍କ ଦାବିକୁ ଖାରଜ କରିଆସିଛି। ଅସ୍ତ୍ରବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି କୁହାଯାଇଛି। ଏହା ପରେ ଇସାକ ଡାର ସଂଘର୍ଷର ସମାଧାନ ନେଇ ଆମେରିକା ବିଦେଶ ମନ୍ତ୍ରୀ ମାର୍ଗ ରୁବିୟୋଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ମଧ୍ୟ ଭାରତ ଆଉ କାହାର ହସ୍ତକ୍ଷେପ ଚାହୁଁ ନ ଥିବା କହିଥିଲେ।

ଡାର କହିଥିଲେ ଯେ ଜୁଲାଇ ୨୫ରେ ୱାଶିଂଟନରେ ରୁବିୟୋଙ୍କ ସହ ବୈଠକ ହୋଇଥିଲା। ଏଠାରେ ମଧ୍ୟ ଅନ୍ୟ କୌଣସି ଦେଶରେ ପାକିସ୍ତାନ ସହ ଆଲୋଚନା କରିବା ପାଇଁ ଭାରତ ରାଜି ହୋଇ ନ ଥିଲା।

# ୪୦ ବର୍ଷ ପରେ ପାକିସ୍ତାନରେ ବିପର୍ଯ୍ୟୟ ସୃଷ୍ଟି କଲା ରାବି ନଦୀ


ଇସଲାମାବାଦ, ୧୬।୯ (ଏଜେନ୍ସି): ଦୀର୍ଘ ୪୦ ବର୍ଷ ପରେ ଭାରତରେ ପ୍ରବାହିତ ରାବି ନଦୀ ପାକିସ୍ତାନରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଦୀର୍ଘ ଚାରି ଦଶନ୍ଧି ପର୍ଯ୍ୟନ୍ତ ଶାନ୍ତ ରହିବା ପରେ ଏହି ନଦୀ ନିଜର ଭୟଙ୍କର ରୂପକୁ ଦେଖାଇଛି। ଚଳିତ ମୌସୁମୀର ଭୀଷଣ ବର୍ଷାରେ ଅଗଷ୍ଟରେ ରାବି ନଦୀ ପୁଣି ଫୁଲି ଉଠିଛି। ଏହା ସୀମା ସରହଦ ଦେଇ ପାକିସ୍ତାନର ଲାହୋରକୁ ବ୍ୟାପି ଯାଇଛି। ଏହା ଘର ଏବଂ କ୍ଷେତ ଭିତରେ ପଶି ବିପୁଳ କ୍ଷତି ଘଟାଇଛି। ଏବେ ଅନେକ ଅଞ୍ଚଳ ବନ୍ୟାରେ ବୁଡି ରହିଛି। ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କୁ ୪୦ ବର୍ଷ ତଳେ ହୋଇଥିବା ବିପର୍ଯ୍ୟୟର କରୁଣ ଦୃଶ୍ୟକୁ ପୁଣିଥରେ ଏହା ମନେ ପକାଇ ଦେଇଛି। ପ୍ରକୃତି ସହ ଖେଳି ହେଉଥିବା ବିକାଶ କାର୍ଯ୍ୟର ଏହା କୁପରିଣତି ବୋଲି କିଛି ଲୋକ କହୁଛନ୍ତି। ଆଉ କିଛି ଲୋକେ ଏହାକୁ ରାବି ନଦୀର ଚମତ୍କାର ବୋଲି ଆଖ୍ୟା ଦେଇଛନ୍ତି। ରାବି ବୁଡେଇଲା, ଭସେଇଲା ଆଉ ପୁରୁଣା ସ୍ମୃତିକୁ ସତେଜ କରିଦେଲା ବୋଲି ପୁରୁଖା ଲୋକ କହୁଛନ୍ତି। ତେବେ ଏହି ବନ୍ୟା ପାଇଁ ପାକିସ୍ତାନ ଭାରତକୁ ଦୋଷ ଦେଉଛି। ଭାରତ ପାଣି ଅଟକାଇ ଛାଡ଼ିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି।

ସିନ୍ଧୁ ନଦୀ ପ୍ରଣାଳୀର ନଦୀଗୁଡ଼ିକ ପାକିସ୍ତାନ ଏବଂ ଭାରତରେ ଥିବା ପଞ୍ଜାବ ପ୍ରଦେଶର ଲୋକକଥା ଏବଂ ସଂସ୍କୃତିର ଅଂଶ ହୋଇ ରହିଛି। ବିଭାଜନକୁ ମଧ୍ୟ ନଦୀ ପରି ଉଲ୍ଲେଖ କରାଯାଇଛି। ଏହାକୁ ନେଇ ଗୁରଦାସ ମାନ-ଦିଲଜିତ୍ ଦୋସାଞ୍ଜ୍ ପଞ୍ଜାବୀ ଗୀତ ଲେଖିଛନ୍ତି। ପାକିସ୍ତାନର ପଞ୍ଜାବର ରାଜଧାନୀ ଲାହୋରର ସହିତ ରାବୀ ନଦୀର ପ୍ରେମକାହାଣୀ ବହୁ ଶତାବ୍ଦୀ ପୁରୁଣା। ତେଣୁ ଚାରି ଦଶନ୍ଧିରୁ ଅଧିକ ସମୟ ପରେ ରାବି ଲାଗି ଲାହୋରରେ ବନ୍ୟା ଆସିବାରୁ କେବଳ ବ୍ୟାପକ କ୍ଷତି ଘଟାଇନଥିଲା, ବରଂ ସ୍ମୃତିର ଏକ ବନ୍ୟା ମଧ୍ୟ ଆସିଥିଲା।

ସତଲେଜ୍ ଏବଂ ଚେନାବ ସହିତ ରାବି ପଞ୍ଜାବର ସବୁଠୁ ଭୟଙ୍କର ବନ୍ୟା ସୃଷ୍ଟି କରିଥିଲା। ଲାହୋରର ଅଧିବାସୀ ସେତୁ ଉପରେ ଏକାଠି ହୋଇ ପରିବାର ସହ ନଦୀ ବଢ଼ି ଦେଖୁଥିଲେ। ଚଳିତ ଥର ଉଭୟ ପଞ୍ଜାବକୁ ରାବି କ୍ରୋଧର ସମ୍ମୁଖୀନ ହେବାକୁ ପଡିଛି। ଭାରତର ଗୁରୁଦାସପୁର ଏବଂ ପଠାନକୋଟରୁ ପାକିସ୍ତାନର ନାରୋୱାଲ, ସାହିୱାଲ, କସୁର ଏବଂ ଲାହୋର ପର୍ଯ୍ୟନ୍ତ ସହରଗୁଡିକୁ ରାବି ବୁଡାଇ ଦେଇଛି। କରତାରପୁରର ଗୁରୁଦ୍ୱାର ସାହିବକୁ ମଧ୍ୟ ବନ୍ୟାପାଣି ପ୍ରବେଶ କରିଛି।

### ବୁଡ଼େଇଲା, ଭସେଇଲା, କନ୍ଦେଇ ସତେଜ କଲା ସ୍ମୃତି

ରାବି ନଦୀ ହିମାଚଳ ପ୍ରଦେଶର ବାରା ଭଙ୍ଗାଲ ଅଞ୍ଚଳରୁ ବାହାରି ଚମ୍ବା ଉପତ୍ୟକା ଦେଇ ପଞ୍ଜାବରେ ପ୍ରବେଶ କରିଛି। ପାକିସ୍ତାନର ନାରୱାଲରେ ପ୍ରବେଶ କରିବା ପୂର୍ବରୁ ପଞ୍ଜାବର ପଠାଣକୋଟ, ଅମୃତସର ଏବଂ ଗୁରୁଦାସପୁର ଜିଲ୍ଲା ଦେଇ ପ୍ରବାହିତ ହୋଇଛି। ସେଠାରୁ ଏହା ଲାହୋର ଆଡକୁ ଯାଇ ଶେଷରେ ଚେନାବ ନଦୀରେ ମିଶିଛି। ରାବି ଲାହୋରରେ ପ୍ରବେଶ କରି ଏହି ସହରର ଦୁର୍ବଳ ଭିତ୍ତିଭୂମିକୁ ବିପର୍ଯ୍ୟସ୍ତ କରିଦେଇଛି। ନଦୀବନ୍ଧ ଭାଙ୍ଗି ଯାଇଛି, ସହରୀ ଯୋଜନା ଭୁଶୁଡ଼ି ପଡ଼ିଛି ଏବଂ ସହରର ପରିବେଶଗତ ଅବହେଳା ପଦାରେ ପଡ଼ିଯାଇଛି। ରାବି ନଦୀ ବନ୍ଧ ପ୍ରକଳ୍ପକୁ ବିକାଶ ଭାବେ ଦେଖାଯାଉଥିବାବେଳେ ଏବେ ଏହା ଇତିହାସରୁ କିଛି ଶିକ୍ଷା ଗ୍ରହଣ କରିନାହିଁ ବୋଲି ଲାଗୁଛି। କାରଣ ପୂର୍ବରୁ ହୋଇଥିବା ଭୁଲ୍‌ଗୁଡ଼ିକର ପୁନରାବୃତ୍ତି ହେବାର ଆଶଙ୍କା ରହିଛି। ଶେଷ ଥର ପାଇଁ ୧୯୮୮ରେ ରାବି ଯୋଗୁଁ ଲାହୋରରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ଏହା ପରଠାରୁ କୌଣସି ବନ୍ୟା ଆସି ନ ଥିବାରୁ ମୁକାବିଲା ପାଇଁ ପାକିସ୍ତାନ ପ୍ରସ୍ତୁତ ନ ଥିଲା। ଫଳରେ ରାବିରେ ୧୪ ଲକ୍ଷ କ୍ୟୁସେକ ଜଳ ମାଡ଼ି ଆସି ସୀମାରେ ଥିବା ୩୦ କିମିର ଲୁହା ବାଡ଼କୁ ଭସାଇ ନେଇଥିଲା। ପହଲଗାମ ଆକ୍ରମଣକୁ ନେଇ ସିନ୍ଧୁ ଚୁକ୍ତି ରଦ୍ଦ କରିବା ପରେ ଏପରି ହୋଇଛି। 'ଇଷ୍ଟର୍ଣ୍ଣ ଇଣ୍ଡସ ରିଭର ସିଷ୍ଟମ'ରେ ପ୍ରବାହିତ ହେଉଥିବା ଏହି ରାବି ନଦୀ ଆଣିଥିବା ବନ୍ୟାକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ 'ମେମେ'ର ବନ୍ୟା ଆସିଥିଲା। ପାଣି ରୋକିବାକୁ ଭାରତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପାକିସ୍ତାନର ସିଂହ ଭାଗ କେମିତି ବୁଡିଗଲା ବୋଲି ଲୋକେ ପଚାରୁଛନ୍ତି।



## ବାଳିହରଚଣ୍ଡୀ ପୀଠରେ ଗଣଦୁଷ୍କର୍ମ ମାମଲା

# ଆନ୍ଧ୍ରରୁ ଧରାହେଲା ମୁଖ୍ୟ ଅଭିଯୁକ୍ତ



- ପୀଡ଼ିତାଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ କଲା ପୁଲିସ
- ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କଲା ସାଇଣ୍ଟିଫିକ୍ ଟିମ୍
- ଅଭିଯୁକ୍ତଙ୍କର ହେଲା ଡାକ୍ତରୀମାଇନା

ପୁରୀ/ବ୍ରହ୍ମଗିରି, ୧୬।୯ (ସମିସ): ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ବାଳିହରଚଣ୍ଡୀ ନିକଟ ଜଙ୍ଗଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାକୁ ନେଇ ପୂରା ରାଜ୍ୟ ଉଠୁଛି ପଡୁଛି। ଏହି ଘଟଣାରେ ପୁରୀ ପୁଲିସ୍ ୩ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଆଜି ଆଉ ଜଣଙ୍କୁ ଆନ୍ଧ୍ରପ୍ରଦେଶ ସୀମାରୁ ଧରିଛି। ସେ ହେଲା, ମନୋଜ ବେହେରା ଓରଫ୍ କାଳିଆ। ଏହି ଘଟଣାର ସେ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି। ଅନ୍ୟ ଅଭିଯୁକ୍ତମାନେ ହେଲେ, ଶିବ ସାହୁ, ରାହୁଲ ସାହୁ ଓ ଆଦ୍ୟା ବେହେରା। ସମସ୍ତଙ୍କ ଘର ବ୍ରହ୍ମଗିରି ବ୍ଲକ୍ ପଲଙ୍କ ପଞ୍ଚାୟତର ଗଡ଼ଚଣ୍ଡୀପୁଟ ଗ୍ରାମରେ।

ଅଭିଯୋଗ ଅନୁଯାୟୀ, ଗତ ଶନିବାର ମଧ୍ୟାହ୍ନରେ ଯୁବତୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବାଳିହରଚଣ୍ଡୀ ପୀଠକୁ ଯାଇଥିଲେ। ସେଠାରେ ମା'ଙ୍କ ଦର୍ଶନ କରିସାରିବା ପରେ ନିକଟସ୍ଥ ସମୁଦ୍ର କୂଳକୁ ଜଙ୍ଗଲ ଦେଇ ଯାଇଥିଲେ। ଜଙ୍ଗଲରେ ବସି କଥାବାର୍ତ୍ତା ହେଉଥିବା ବେଳେ ଅଭିଯୁକ୍ତମାନେ ପହଞ୍ଚି ସେମାନଙ୍କୁ ହଇରାଣ କରିଥିଲେ। ଏହାପରେ ଅଭିଯୁକ୍ତମାନେ ପୁରୁଷବନ୍ଧୁଙ୍କୁ ଏକ ଗଛରେ ବାନ୍ଧି ଦେଇଥିଲେ ଏବଂ ତାଙ୍କ ଆଗରେ ମନୋଜ ଓ ଶିବ ମିଶି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ। ଏଥିରେ ରାହୁଲ ଏବଂ ଆଦ୍ୟା ସହଯୋଗ କରିଥିଲେ। ଗଣଦୁଷ୍କର୍ମ ପରେ ଅଭିଯୁକ୍ତମାନେ ସେମାନଙ୍କୁ ଧମକଚମକ ଦେଇ ପଳାଇ ଯାଇଥିଲେ। କିନ୍ତୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଏହି ଲଜ୍ଜାଜନକ ଘଟଣା ସମ୍ପର୍କରେ ବ୍ରହ୍ମଗିରି ଅଞ୍ଚଳରେ ଚର୍ଚ୍ଚା ହେବା ପରେ ପୁଲିସ ୩ଜଣଙ୍କୁ ଉଠାଇନେଇ ପଚରାଉଚରା କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମନୋଜ ଫେରାର୍ ହୋଇଯାଇଥିଲା। ପରେ ଏ ସଂପର୍କରେ ଅଭିଯୋଗ ହୋଇଥିଲା।


ଏଭଳି ସମ୍ବେଦନଶୀଳ ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ ପୁରୀ ଏସ୍‌ପି ପ୍ରତୀକ ସିଂ। ସଦର ଥାନା ଆଇଆଇସିଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍ ଫୋନ୍‌କୁ ଟ୍ରାକ୍ କରି ମନୋଜଙ୍କୁ ଆନ୍ଧ୍ରପ୍ରଦେଶରୁ ଧରିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟାରେ ପୀଡ଼ିତାଙ୍କର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଥିଲା। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନଙ୍କର ଡାକ୍ତରୀମାଇନା କରାଯାଇଛି। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଏଥିସହ ସିନ୍-ରିକ୍ରିଏସନ୍ ମଧ୍ୟ କରାଯାଇଛି। ସେଦିନର ଲୋମହର୍ଷଣକାରୀ ଘଟଣାର ସବିଶେଷ ତଥ୍ୟ ପୁଲିସକୁ ଦେଇଛନ୍ତି ପୀଡ଼ିତା। ମଙ୍ଗଳବାର ଅଭିଯୁକ୍ତମାନଙ୍କର ଡାକ୍ତରୀମାଇନା କରାଯାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାଳିହରଚଣ୍ଡୀ ରାଜ୍ୟର ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ବଣଭୋଜି ନିମନ୍ତେ ଏହା ସବୁଠୁ ଆକର୍ଷଣୀୟ ସ୍ଥାନ ପାଲଟିଛି। ସାମୁଦ୍ରିକ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ପରିବେଶ ବେଶ୍ ମନୋରମ। ପ୍ରତିଦିନ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ବଣଭୋଜି କରିବାକୁ ଆସି ବେଳାଭୂମିକୁ ବୁଲିବାକୁ ଯାଇଥା'ନ୍ତି। ହେଲେ ଏଠାରେ ସୁରକ୍ଷା ବ୍ୟବସ୍ଥା କଥା ନ କହିଲେ ଭଲ। ଅନେକ ସମୟରେ ଅସାମାଜିକ ଯୁବକ ନିଶା ସେବନ କରି ଅନେକ ଘଟଣା ଘଟାଇଥା'ନ୍ତି। ଖବର ପାଇ ପୁଲିସ ଆସିବା ପୂର୍ବରୁ ଅପରାଧୀମାନେ ସ୍ଥାନ ଛାଡ଼ି ଚମ୍ପଟ ମାରିଥା'ନ୍ତି। ବିଶେଷକରି, ଏହି ପୀଠଟି ବ୍ରହ୍ମଗିରି ଥାନା ଓ ପୁରୀ ସଦର ଥାନା ଅଧୀନରେ ରହୁଛି। ଏପରିକି, ଅନେକ ପେସାଦାର ଅପରାଧୀ ଅପରାଧ ଘଟାଇ ଏହି ଅଞ୍ଚଳରେ ଲୁଚି ରହିଥା'ନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଏବଂ ମନ୍ଦିରର ସେବାୟତମାନେ ଏଠାରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି କରିଆସୁଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ। ଗତ ଶନିବାର ଘଟିଥିବା ଗଣଦୁଷ୍କର୍ମ ଭଳି ଲଜ୍ଜାଜନକ ଘଟଣାକୁ ସମସ୍ତେ ଘୋର୍ ନିନ୍ଦା କରିବା ସହ ବାଳିହରଚଣ୍ଡୀ ପୀଠରେ ଏକ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି କରିଛନ୍ତି।

## ■ ଚାଷ ସମୟରେ ସାର ନ ପାଇ ଚାଷୀ ହତାଶ

# ସବୁ ଜାଣି ବି ସରକାର ନିରବ ରହିବା କ୍ଷୋଭର ବିଷୟ: ନବୀନ

ଭୁବନେଶ୍ୱର, ୧୬।୯ (ସମିସ): ସରକାର ଯେତେ ବାହାସ୍ଫୋଟ ମାରିଲେ ମଧ୍ୟ ରାଜ୍ୟରେ ସାର ସଂକଟର ସମାଧାନ ହେଉନାହିଁ। ସମସ୍ୟାକୁ ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ସରକାରୀ ଅପାରଗତାକୁ ନେଇ ବିରୋଧୀ ଦଳ ବର୍ଷୁଛନ୍ତି। ଏହି କ୍ରମରେ ଚାଷୀଙ୍କ ସମସ୍ୟାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ସାର ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। କେଉଁଠି ଘଣ୍ଟାଘଣ୍ଟା ଲମ୍ବା ଧାଡ଼ି ତ କେଉଁଠି ସାରା ରାତି ଅନିଦ୍ରା



ଚାଷୀଙ୍କ ପାଇଁ ସ୍ୱର ଆହୁରି ଶାଣିତ କରିବ ବିଜେଡି

ପରେ ବି ସାର ମିଳୁ ନାହିଁ। ଚାଷ ସମୟରେ ସାର ନ ପାଇ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। କିନ୍ତୁ ସାର ସଙ୍କଟ ନେଇ ସବୁ ଜାଣି ବି ସରକାର ନିରବ ରହିବା ସବୁଠୁ କ୍ଷୋଭର ବିଷୟ। ଏନେଇ ବିଜୁ ଜନତା ଦଳ ଜୋରଦାର ପ୍ରତିବାଦ କରିଛି। ଚାଷୀ ଭାଇଭଉଣୀଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛି। ସାର ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦଳ ଗଣଧାରଣା ଦେବା ସହ ରାଜ୍ୟପାଳଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛି। ଯଥାଶୀଘ୍ର ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଚାଷୀଙ୍କ ହକ୍ ପାଇଁ ବିଜୁ ଜନତା ଦଳର ସ୍ୱର ଆହୁରି ଶାଣିତ ହେବ ବୋଲି ନବୀନ କହିଛନ୍ତି।

# ହୀରାକୁଦ ଜଳସ୍ତର ୬୨୯.୧୭ ଫୁଟ୍

ସମ୍ବଲପୁର, ୧୬।୯ (ସମିସ): ହୀରାକୁଦର ସର୍ବୋଚ୍ଚ କ୍ଷମତା ୬୩୦ଫୁଟ୍ ପାଖାପାଖି ଜଳଭଣ୍ଡାରର ଜଳସ୍ତର ହେବା ପରେ ଗତକାଲି ପର୍ଯ୍ୟାୟକ୍ରମେ ଆଉ ୪ଟି ଗେଟ୍ ଖୋଲାଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୨୯.୧୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୧୦,୪୩୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୫,୮୪୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୮,୨୫୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୮୪୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୪ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୧.୪୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୧୯ ଫୁଟ୍ ରହିଥିଲା।

# ୯୧୩ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୯ (ସମିସ): ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ତୃଣମୂଳସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ। ଆଜି ଆଭାସୀ ମାଧ୍ୟମରେ ରାଜ୍ୟର ୯୧୩ ଅଙ୍ଗନବାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏପରି କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୭୪,୨୨୪ ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ରୂପାନ୍ତରିତ କରାଯିବ। ଏହାସହ ବିପଦସଂକୁଳ ଅବସ୍ଥାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ବିଶେଷ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି 'ଆସ ବୁଲିଯିବା ଅଙ୍ଗନବାଡ଼ି' ଅଭିଯାନରେ ୨ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣ ସାମିଲ ହୋଇ ଏହି ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣିତ କରିଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ୱଚ୍ଛତା ଓ ପାନୀୟଜଳ ସୁବିଧା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଅରୂପ କୁମାର ସାହୁଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ରାଜ୍ୟର ସବୁ ଅଙ୍ଗନବାଡ଼ି କେନ୍ଦ୍ର ହେବ 'ସକ୍ଷମ': ଉପମୁଖ୍ୟମନ୍ତ୍ରୀ**

# ବଜ୍ରପାତରେ ଯୁବକ ମୃତ

ବଡ଼ସାହି,୧୬।୯ (ସମିସ): ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତ ମଙ୍ଗଗଡ଼ିଆ ଗ୍ରାମର ଜଣେ ଯୁବକ ଆଜି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ହେଲେ, ଗ୍ରାମର ସ୍ୱର୍ଗତ ଧନିରାମ ମୁର୍ମୁଙ୍କ ପୁଅ ଲସ (୪୫)। ଆଜି ଅପରାହ୍ଣରେ ସେ କ୍ଷେତରୁ ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ସେ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଭଦ୍ରକ ଆଇନଜୀବୀଙ୍କ ଲାଇସେନ୍ସ ୨ବର୍ଷ ପାଇଁ ସସ୍‌ପେଣ୍ଡ

କଟକ, ୧୬।୯ (ସମିସ): ବିଚାର ବିଭାଗ ଅଧିକାରୀ ଓ ନ୍ୟାୟପାଳିକା ବିରୋଧରେ ଫେସବୁକ୍‌ରେ ଅରୁଚିକର ମନ୍ତବ୍ୟ ଦେବା ଭଦ୍ରକର ଜଣେ ଆଇନଜୀବୀଙ୍କ ପାଇଁ ମହଙ୍ଗା ପଡ଼ିଛି। ରାଜ୍ୟ ବାର୍ କାଉନସିଲ ଶୃଙ୍ଖଳାଗତ କମିଟି ତାଙ୍କ ଲାଇସେନ୍ସକୁ ୨ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ସେ ହେଲେ, ଆଇନଜୀବୀ ହେମନ୍ତ କୁମାର ନାୟକ। ଏହି ୨ବର୍ଷ ମଧ୍ୟରେ ସମ୍ପୃକ୍ତ ଆଇନଜୀବୀଙ୍କୁ ଏଭଳି ଆଚରଣରୁ ନିବୃତ୍ତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ବାର୍ କାଉନସିଲ ପକ୍ଷରୁ ଏକ ପ୍ରେସ୍‌ବିବୃତ୍ତିରେ କାଉନସିଲ୍‌ର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଜଣାଇଛନ୍ତି। ଓକିଲ ଶ୍ରୀ ନାୟକ ନିଜେ ଗ୍ରାଣ୍ଟ କୁମାର ନାୟକ(ଚାଣକ୍ୟ) ନାମରେ ଫେସବୁକ୍ ଆକାଉଣ୍ଟ ଖୋଲି କିଛି ବର୍ଷ ହେବ ବିଚାର ବିଭାଗୀୟ ଅଫିସରଙ୍କ ନାମରେ ଅରୁଚିକର, ଅସଭ୍ୟ ମନ୍ତବ୍ୟ ଦେଇ ଆସୁଥିଲେ। ଏ ସମ୍ପର୍କରେ ରାଜ୍ୟ ବାର୍ କାଉନସିଲ୍ ନିଜ ଆଡୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲା। ତଦନୁଯାୟୀ ବାର୍ କାଉନସିଲ ଶୃଙ୍ଖଳାଗତ କମିଟିର ଅଧ୍ୟକ୍ଷ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ତପନ ବିଶ୍ୱାଳ ଓ ଫଣୀଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ୩ ଜଣିଆ କମିଟି ଏହାର ବିଚାର ପାଇଁ ଶ୍ରୀ ନାୟକଙ୍କୁ ବାରମ୍ବାର କାରଣ ଦର୍ଶାଅ ନୋଟିସ୍ ଦେଇଥିଲେ। ନୋଟିସ ପାଇବା ପରେ ଆହୁରି ଉତ୍କ୍ଷିପ୍ତ ହୋଇ ଆଇନଜୀବୀ ଶ୍ରୀ ନାୟକ ଫେସବୁକ ଆକାଉଣ୍ଟରେ ବାର୍ କାଉନସିଲର କ୍ଷମତା ସମ୍ପର୍କରେ ପ୍ରଶ୍ନ ଉଠାଇ ଶୃଙ୍ଖଳାଗତ କମିଟିରେ ହାଜର ହୋଇନଥିଲେ।

# ଆତ୍ମସମର୍ପଣ କଲେ ମହିଳା ମାଓବାଦୀ

ନୂଆପଡ଼ା,୧୬।୯ (ସମିସ): ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଜଣେ ମହିଳା ମାଓବାଦୀ। ତାଙ୍କ ନାମ ଜାନସି ଉର୍ଫ ବଛେଲା ଅଟାମୀ। ସେ ନଗରୀ ଏରିଆ ମାଓ ସଂଗଠନର ସଚିବ ଥିଲେ। ଜାନସି ମହାରାଷ୍ଟ୍ର ଗଡ଼ଚିରୋଲିର ମୂଳବାସିନ୍ଦା। ଦୀର୍ଘ ୨୦ବର୍ଷ ହେବ, ସେ ଧମତରୀ-ଗରିଆବନ୍ଧ- ନୂଆପଡ଼ା ଡିଭିଜନ କମିଟିର ସକ୍ରିୟ ସଦସ୍ୟ ଥିଲେ।



ଜାନସୀ, କେନ୍ଦ୍ର କମିଟି ସଦସ୍ୟ ଚଳପତିର ଘନିଷ୍ଠ ସହଯୋଗୀ ସତ୍ୟମ ଗାବଡେଙ୍କ ସ୍ତ୍ରୀ। ଗତ ଜାନୁଆରୀ ମାଓ ଏନକାଉଣ୍ଟର୍‌ରେ ଚଳପତି ସହ ସତ୍ୟମ ଗାବଡେ ମଧ୍ୟ ନିହତ ହୋଇଥିଲା। ଜାନସିଙ୍କ ନାମରେ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଜାନସୀ ମାଓ ସଂଗଠନ ଛାଡ଼ି ଗରିଆବନ୍ଧ ଏସ୍‌ପି ନିଖିଲ ରଖେଚାଙ୍କ ନିକଟରେ ଆତ୍ମସମର୍ପଣ କରିଛି।

## ରାଜ୍ୟରେ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ

# ଆଜି ସବୁ ଜିଲ୍ଲା ଏସ୍‌ପି ଅଫିସ ଘେରିବ ମହିଳା ବିଜେଡି

ଭୁବନେଶ୍ୱର,୧୬।୯ (ସମିସ): ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାଳିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ଲୋମଟାଙ୍କୁରା ଘଟଣାରୁ ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଡ଼ିଥିବା ପ୍ରମାଣିତ ହେଉଛି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଏପରି ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପି ଅଫିସ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଧାରଣା ଦିଆଯିବା ସହ ଏସ୍‌ପିମାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।


ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳାଙ୍କୁ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମା' ବାଳିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିର ସଦ୍ୟତମ ନମୁନା। ଏହି ଘଟଣା ଗୋପାଳପୁର ବେଳାଭୂମିରେ ଘଟିଥିବା ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି। ରାଜ୍ୟରେ ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଇତ୍ୟାଦି ଘଟଣା ଯେପରି ଥମିବାର ନାଁ ନେଉନାହିଁ। ଦୁଷ୍କର୍ମ ଓ ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ଗୋପାଳପୁର ଘଟଣା ପରେ ଆମେରିକା ପକ୍ଷରୁ ଜାରି ଆଡଭାଇଜରିରେ ମହିଳା ସୁରକ୍ଷା ସ୍ଥିତି ଠିକ୍ ନଥିବା ଦର୍ଶାଇ ଓଡ଼ିଶା ସମେତ ୬ଟି ରାଜ୍ୟକୁ ତାଙ୍କ ଦେଶର ମହିଳାମାନଙ୍କୁ ଯିବାକୁ ବାରଣ କରାଯାଇଥିଲା। ସେହିପରି, ଏଫଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଲଜ୍ଜାଜନକ ବୋଲି ଦେଇଥିବା ମନ୍ତବ୍ୟ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲା। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଆସନ୍ତାକାଲି ରାଜ୍ୟର ସମସ୍ତ ଜିଲ୍ଲାରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯିବ।

ଡ. ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହିଳାଙ୍କ ବିରୋଧରେ ଅପରାଧ ସୀମା ସରହଦ ଉଲ୍ଲଂଘନ ହୋଇଛି। ରାଜ୍ୟରେ ପ୍ରତିଦିନ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଗତ ୧୪ ମାସର ବିଜେପି ଶାସନରେ ସମସ୍ତ ବର୍ଗର ବ୍ୟକ୍ତିମାନଙ୍କ ଭିତରୁ ମହିଳାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ମାତ୍ର ରାଜ୍ୟ ସରକାର ମହିଳା ସୁରକ୍ଷାର ଡିଣ୍ଡିମ ପିଟୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟର ସମସ୍ତ ଲଭର୍ସ ପଏଣ୍ଟରେ ସୁରକ୍ଷା ପ୍ରଦାନ ପାଇଁ ଘୋଷଣା କରିଥିଲେ। ବାଳିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ପରେ ଶ୍ରୀମତୀ ପରିଡ଼ାଙ୍କ ଘୋଷଣା ପାଣିରେ ଗାର ସଦୃଶ୍ୟ ହୋଇଛି। ରାଜ୍ୟ ପୁଲିସ କର୍ତ୍ତୃପକ୍ଷ ପୁଲିସ କର୍ମଚାରୀ ଅଭାବ ରହିଛି ବୋଲି ସଫେଇ ଦେଉଛନ୍ତି। ରାଜ୍ୟର ନେତା, ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ବ୍ୟସ୍ତ ଅଛି, କିନ୍ତୁ ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ କର୍ମଚାରୀଙ୍କ ଅଭାବ ରହିଛି ବୋଲି ଦର୍ଶାଯିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ବିଜେଡି ନେତ୍ରୀ ମିନତି ବେହେରା କହିଥିଲେ ଯେ ମହିଳାମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ମହିଳା ଓ ଶିଶୁ ଡେସ୍କଗୁଡ଼ିକ ବର୍ତ୍ତମାନ କାର୍ଯ୍ୟ କରୁନାହିଁ। ଫଳରେ ଅତ୍ୟାଚାରର ଶିକାର ହେଉଥିବା ମହିଳାମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଛଡ଼ା ୧୮୧ ହେଲ୍ପଲାଇନ ମଧ୍ୟ କାର୍ଯ୍ୟ କରୁନାହିଁ। ଗତ ୧୪ମାସର ବିଜେପି ଶାସନରେ ରାଜ୍ୟରୁ ଯୁବତୀ ଚାଲାଣ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ଏଥିପ୍ରତି ନିଘା ନାହିଁ। ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



- ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀକୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ
- ୧୪ ମାସର ବିଜେପି ଶାସନରେ ମହିଳାମାନେ ସର୍ବାଧିକ କ୍ଷତିଗ୍ରସ୍ତ
- ବାଳିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ସଦ୍ୟତମ ନମୁନା



# ମହେଶପୁର ଗ୍ରାମ ରାସ୍ତା ମରଣଯନ୍ତା



ଭୋଗରାଇ, ୧୬।୯ (ସମିସ) : ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତର ସେହି ଗ୍ରାମର ୧୪ ନମ୍ବର ୱାର୍ଡରେ ଥିବା ରାସ୍ତା ମରଣଯନ୍ତା ସାଜିଛି। ମହେଶପୁର ପଞ୍ଚାୟତରେ ଥିବା ଝାଟିଆ ବାଡି କାଳି ମନ୍ଦିର ପାଖରୁ ମହାନ୍ତି ଛକ ପର୍ଯ୍ୟନ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି। ରାସ୍ତା ଉପରେ ବିରାଟ ବିରାଟ ଗର୍ତ୍ତ ସହିତ କାଦୁଅରେ ଲୋକମାନେ ଯିବା ବେଳେ ବିପଦପୂର୍ଣ୍ଣ ଅବସ୍ଥାରେ ଯିବାଆସିବା କରୁଛନ୍ତି। ବିଶେଷ କରି ବର୍ଷା ଦିନରେ ଛାତ୍ରଛାତ୍ରୀ ମହେଶ ପୁର ପ୍ରାଥମିକ ବିଦ୍ୟାଳୟ, ବାଗରୁଖି ଉଚ୍ଚ ସରକାରୀ ବିଦ୍ୟାଳୟ ଯିବାଆସିବା ସମୟରେ ଦୁର୍ଘଟଣାରେ ଶିକାର ହେଉଛନ୍ତି। ଗ୍ରାମର ଲୋକମାନେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ, ବ୍ଲକ, ଥାନା, ରେଜିଷ୍ଟ୍ରି ଅଫିସକୁ ସେହି ବାଟେ ଯିବା ସମୟରେ ବହୁ ଅସୁବିଧାରେ ଶିକାର ହେଉଛନ୍ତି। ବିଶେଷ କରି ପଞ୍ଚାୟତ ପକ୍ଷରୁ ରାସ୍ତାରେ ଆଲୁଅ ଦେଇନଥିବାରୁ ରାତିରେ ବିଷଧର ସାପ ଓ ବାର୍‌ହା ହାବୁଡ଼ରେ ଲୋକେ ପଡୁଛନ୍ତି। ସେହି ରାସ୍ତାରେ କିଛି ଲୋକ ଗୃହପାଳିତ ପଶୁ ସହିତ ଆବର୍ଜନା ପକେଇ ରଖିବାରୁ ବର୍ଷା ପାଣିରେ ସାରା ରାସ୍ତା ଦୁର୍ଗନ୍ଧମୟ ହେଉଅଛି। ବିଶେଷ କରି ନିକଟରେ ସ୍ୱଚ୍ଛତା ପାଇଁ ଦିଲ୍ଲୀରେ ପୁରସ୍କାର ପାଇଥିବା ସରପଞ୍ଚଙ୍କ ନିଜ ୱାର୍ଡର ରାସ୍ତା ଏପରି ବୋଲି ଗ୍ରାମର କାର୍ତ୍ତିକ ଚନ୍ଦ୍ର ନାୟକ, ଚନ୍ଦନ ନାୟକ, ଭାରତୀ ନାୟକ, ମମତା ନାୟକ, ସବିତା ନାୟକ, ସୀତାରାଣୀ ନାୟକ, କବିତା ନାୟକ ଅଭିଯୋଗ କରିଛନ୍ତି। ଯଦି ଶିଘ୍ର ରାସ୍ତାଟି ମରାମତି କରାନଯାଏ ତେବେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତା ଅବରୋଧ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣରେ ଠକେଇ

ଜଳେଶ୍ୱର ବ୍ଲକ, ୧୬।୯ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ସମ୍ପିତିଆ ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣରେ ଠକେଇ ଅଭିଯୋଗ ହୋଇଛି। କେତେକ ହିତାଧିକାରୀ ନୂତନ ଆବାସ ଗୃହ ନିର୍ମାଣ ନ କରି ଗ୍ରାମ ପଞ୍ଚାୟତର ଏଡିଇଓଙ୍କୁ ମୋଟା ଅଙ୍କର ହାତ ଗୁଞ୍ଜା ଦେଇ ପୁରୁଣା ଘର ଦେଖାଇ ବିଲ୍ ଉଠାଇ ନେଇଥିବା ଗ୍ରାମର ସମାଜସେବୀ ସୁଧୀର କୁମାର ଦେ ପୂର୍ବରୁ ଜଳେଶ୍ୱର ବିଡ଼ିଓଙ୍କୁ ଏ ବାବଦରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ତଦନ୍ତ ନ ହେବାରୁ ପୁଣି ଗତ ସୋମବାର ଜଳେଶ୍ୱର ପଞ୍ଚାୟତ ସମିତିରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଆଗକୁ ଯଦି ବିଡ଼ିଓ ଏହାକୁ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ସେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ କହିଥିଲେ ଅଭିଯୋଗ ପାଇଛି। ଏକ ଟିମ୍ ଗଠନ କରି ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗୋଷ୍ଠୀ କେନ୍ଦ୍ର ବ୍ୟବହାରକୁ ବିରୋଧ, ବିଡିଓଙ୍କୁ ଅଭିଯୋଗ

ରାଜଘାଟ, ୧୬।୯ (ସମିସ): ବସ୍ତା ଥାନା ଭେଲୋରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାଧରପୁର (କୁଣ୍ଡୁଳି) ଗ୍ରାମରେ ନିର୍ମିତ ଗୋଷ୍ଠୀକେନ୍ଦ୍ରକୁ ରୂପାନ୍ତର କରି ନିର୍ଦ୍ଦିଷ୍ଟ ଧର୍ମର ମନ୍ଦିର ରୂପେ ବ୍ୟବହାର ଏବଂ ଉକ୍ତ ମନ୍ଦିରକୁ ଦଳିତ ଏବଂ ଆଦିବାସୀ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପ୍ରତିବାଦରେ ଗ୍ରାମବାସୀ ବିଡିଓଙ୍କୁ ନିକଟରେ ଫେରାଦ ହୋଇଛନ୍ତି। ସୂଚନା ଅନୁସାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଗତ ୨୩/୨୪ ଆର୍ଥିକ ବର୍ଷରେ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୁଣ୍ଡୁଳି ମହାଦେବ ମନ୍ଦିର ପାଖରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ହୋଇଥିଲା। ମାତ୍ର ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ରାଜନୈତିକ ମନୋଭାବ ନେଇ ଜବରଦସ୍ତ ଅକ୍ତିଆରରେ ରଖି ଠାକୁର ଭାଗବତ ଜୀଉ ନାମ ଫଳକ ଲେଖି ବ୍ୟବହାର କରୁଛନ୍ତି। ଭେଲୋରା ଗ୍ରାମ ପଞ୍ଚାୟତ ୯ ନଂ ୱାର୍ଡସଭ୍ୟ ଚିତ୍ତରଞ୍ଜନ ପାଢ଼ୀ ପୂଜକ ରୂପେ ଏଠାରେ ଠାକୁର ପୂଜା କରୁଛନ୍ତି। ଦଳିତ ଓ ଆଦିବାସୀ ସଂପ୍ରଦାୟର ପିଲାଛୁଆ ଓ ବଡ଼ଲୋକମାନଙ୍କୁ ମଧ୍ୟ କେନ୍ଦ୍ରଘର କାନ୍ଥ ଛୁଇଁବାକୁ ଦିଆଯାଉନି। କେନ୍ଦ୍ରକୁ ମନ୍ଦିର ରୂପେ ବ୍ୟବହାର କରିବାରୁ ଏସ ଏଚ ଜି (ଦଳିତ ଆଦିବାସୀ) ମହିଳା ରାସ୍ତାରେ ବସି ବୈଠକ କରୁଥିବାର ନଜିର ରହିଛି। ମାତ୍ର ବର୍ଷାଦିନେ ଗ୍ରାମବାସୀ ଏଠାରେ ବୈଠକ କରିବାରୁ ବଞ୍ଚିତ ହେଉଛନ୍ତି। ଏହା ଫଳରେ ବେଳେ ବେଳେ ଜାତିଗତ ଚାପା ଉତ୍ତେଜନା ସୃଷ୍ଟି ହେଉଛି। ଧର୍ମାନ୍ତୀକରଣ ନାମରେ ଏହା ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ନଷ୍ଟ କରୁଛି। ଏଣୁ ନିରପେକ୍ଷ ତଦନ୍ତ କରିବା ସହିତ ଧର୍ମାନ୍ତୀକରଣ ବନ୍ଦ କରାଯିବା, ଦଳିତ ଓ ଆଦିବାସୀ ଭେଦଭାବକୁ ରୋକାଯିବା ବା ଗୋଷ୍ଠୀକେନ୍ଦ୍ରକୁ ଜବରଦଖଲକାରୀଙ୍କଠାରୁ ମୁକ୍ତ କରାଇ ଗୋଷ୍ଠୀକେନ୍ଦ୍ରଟିକୁ ଗ୍ରାମ କମିଟିକୁ ହସ୍ତାନ୍ତର କରାଇବା ଲାଗି ସୋମବାର ସତ୍ୟବ୍ରତ ଜେନା, ଅର୍ଚ୍ଚନା ଜେନା, ଆଦିତ୍ୟ ଦାସ, ଗୌରୀଶଙ୍କର ଜେନା, ଜୟନାରାୟଣ ଜେନାଙ୍କ ସମେତ ବହୁ ଗ୍ରାମବାସୀ ବିଡିଓ ମିହିର ରଞ୍ଜନ ବେହେରାଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।



**ଅବକାରୀ ବିଭାଗର ଚଢ଼ଉ**

# ୩୧୫ ଗ୍ରାମ ବ୍ରାଉନସୁଗର ଜବତ; ୨ କୋର୍ଟ ଚାଲାଣ

ଜଳେଶ୍ୱର/ ଜଳେଶ୍ୱର ବ୍ଲକ ୧୬।୯ (ସମିସ)



ଆଜି ଅବକାରୀ ବିଭାଗର ଚଢାଉ ଫଳରେ ୨ଟି ସ୍ଥାନରୁ ୩୧୫ ଗ୍ରାମ ବ୍ରାଉନ୍‌ସୁଗର ଜବତ୍ କରିବା ସହିତ ୨ଜଣ ଅଭିଯୁକ୍ତଙ୍କୁ ଅଟକ ରଖି କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ଜଳେଶ୍ୱର ଅବକାରୀ ଓ ଅବକାରୀ ସାଟେଲାଇଟ ଟିମ୍‌ର ମିଳିତ ଚଢାଉ ଫଳରେ ରାସଗୋବିନ୍ଦପୁର ଥାନାର ତମ୍ବାଖୁରୀ ଅଞ୍ଚଳର ସୁଦୀପ କୁମାର ଭୂୟାଁ (୩୪) ଜଳେଶ୍ୱରର ଏକ ଅଂଚଳରୁ ୧୧୦ ଗ୍ରାମର ବ୍ରାଉନସୁଗର ଧରି ଚାଲନ୍ତି ବାଇପାସ୍ ନିକଟରେ ଅପେକ୍ଷା କରିଥିବା ବେଳେ ଖବର ପାଇ ଅବକାରୀ ନିରିକ୍ଷକ ହରିହର ସିଂଙ୍କ ନେତୃତ୍ୱରେ ଅବକାରୀ ଟିମ୍ ତାଙ୍କୁ ଧରିଥିଲା। ସେହିପରି ୨୧୫ ଗ୍ରାମ ବ୍ରାଉନସୁଗର୍ ଧରି ଆମ୍ବଲିଆଠା ବାଇପାସ୍ ନିକଟରେ ବସ୍‌କୁ ଅପେକ୍ଷ କରିଥିବା ପଥରପୁରା ଅଂଚଳର ଏସ୍‌କେ ରୋଶନଙ୍କ ପୁଅ ଏସ୍‌କେ ସାଜନ୍ ଛିଡା ହୋଇଥିବା ବେଳେ ଅବକାରୀ ବିଭାଗର ସେଟେଲାଇଟ୍ ଟିମ୍‌ର ନିରିକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ସଦଳବଳେ ଚଢାଉ କରି ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲେ। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜବତ୍ ହୋଇଥିବା ମୋଟ ୨୧୫ ଗ୍ରାମ ହେରୋଇନ୍‌ର ମୂଲ୍ୟ ୩୨୫୦୦୦୦ ହେବ ବୋଲି କୁହାଯାଇଛି। ଚଢାଉରେ ଅବକାରୀ ଓଆଇସି ଚନ୍ଦନ ନାୟକ, ଜୟପ୍ରକାଶ ବେହୁରା, ସଂଜିବ ମୁଣ୍ଡ, ବାସୁଦେବ କାମିଲା, ଅନିଲ ପଣ୍ଡା, ମଧୁସ୍ମିତା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

**ରୋଗୀ କଲ୍ୟାଣ ସମିତି ବୈଠକ**

# ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ




ବାଲେଶ୍ୱର, ୧୬।୯ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତିର ଗଭର୍ଣ୍ଣିଂ ବଡି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ଜିଲ୍ଲାର ସମସ୍ତ ବିଧାୟକମାନଙ୍କ ମଧ୍ୟରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ସୋର ବିଧାୟକ ମାଧବ ଧଡା, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଏବଂ ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଜିଲ୍ଲା ଚିକତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ପ୍ରଭାତ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ବୈଠକରେ ନୂତନ ଗଠିତ ରୋଗୀ କଲ୍ୟାଣ ସମିତିର ପରିଚୟ, ଚିକିତ୍ସାଳୟର ତଥ୍ୟ, କାର୍ଯ୍ୟକ୍ରମର ଫଟୋଗ୍ରାଫି ଏବଂ ୨୦୨୫-୨୬ ବାର୍ଷିକ କାର୍ଯ୍ୟଯୋଜନା ଉପରେ ଆଲୋଚନା ହୋଇଥିଲା। ବିଧାୟକମାନେ ଚିକିତ୍ସାଳୟର ଉନ୍ନତି ଓ ରୋଗୀ ସେବା ବୃଦ୍ଧି ପାଇଁ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଚିକିତ୍ସା ଅଧିକାରୀ ତଥା ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ଅଗ୍ନି ନିରାପତ୍ତା, ଭିତ୍ତିଭୂମି ସଂସ୍କାର, ବିଦ୍ୟୁତ୍ ଓ ଜଳ ସୁବିଧା, ପରିଚ୍ଛନ୍ନତା ଏବଂ ରୋଗୀ ସୁବିଧା ପାଇଁ ବିଭିନ୍ନ ନୂତନ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏହି ପ୍ରସ୍ତାବଗୁଡ଼ିକରେ ଅଗ୍ନି ନିର୍ବାପଣ ବ୍ୟବସ୍ଥା, ମଲ୍ଟି-ଷ୍ଟୋରୀ ସର୍ଜରୀ ୱାର୍ଡ, ଷ୍ଟାଫ କ୍ୱାର୍ଟର, ରୋଗୀ ଅପେକ୍ଷା କକ୍ଷ, ମଡୁଲାର ଅପରେସନ ଥିଏଟର ଏବଂ ଅକ୍ସିଜେନ ପାଇପଲାଇନ ସମ୍ପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା। ବୈଠକରେ ରୋଗୀ କଲ୍ୟାଣ ସମିତି ଖର୍ଚ୍ଚର ପୂର୍ବ ଅନୁମୋଦନ ଏବଂ ଅନ୍ୟାନ୍ୟ ଆଲୋଚନା ମଧ୍ୟ ସ୍ଥାନ ପାଇଥିଲା। ଏହି ବୈଠକ ଚିକିତ୍ସାଳୟର ସେବା ଗୁଣବତ୍ତା ବୃଦ୍ଧି ଓ ରୋଗୀମାନଙ୍କ ପାଇଁ ଆଧୁନିକ ସୁବିଧା ଯୋଗାଇବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।

**● ରାଜ୍ୟସ୍ତରୀୟ କିକ୍ ବକ୍ସିଂ କ୍ରୀଡ଼ା ପ୍ରତିଯୋଗିତା**

# ସ୍ୱର୍ଣ୍ଣପଦକ ଜିଣିଥିବା ମହେଶ୍ୱରଙ୍କୁ ସମ୍ବର୍ଦ୍ଧନା



ନୀଳଗିରି, ୧୬।୯ (ସମିସ): ନୀଳଗିରି ସ୍ଥିତ ଅଗ୍ରଣୀ ବେସରକାରୀ ଶିକ୍ଷାଅନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲ ଓଡିଶା ସ୍କୁଲ ସ୍ପୋର୍ଟସ ଆସୋସିଏସନ ରାଜ୍ୟସ୍ତରୀୟ କିକ ବକ୍ସିଂ କ୍ରୀଡା ପ୍ରୟିଯୋଗୀତାରେ ସ୍ୱର୍ଣ୍ଣ ପଦକଧାରୀ ଛାତ୍ର ମହେଶ୍ୱର ସେଠୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ନୀଳଗିରି ସ୍ଥିତ ଛୋଟଟକାନପୁର ଗ୍ରାମ ନିବାସୀ କମଳ ଲୋଚନ ସେଠୀ ମାତା ଅନିତା ସେଠୀଙ୍କ ପୁତ୍ର ମହେଶ୍ୱର ସେଠୀ ନୀଳଗିରିସ୍ଥିତ ଡିଭାଇନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ ରତ। ସେ ନୀଳଗିରି ମହାବିଦ୍ୟାଳୟର ଯୁକ୍ତ ଦୁଇ କଳାର ପ୍ରଥମ ବର୍ଷର ଛାତ୍ର। ମାତ୍ର ୧୬ବୟସରେ ନୀଳଗିରି ଅଞ୍ଚଳ ତଥା ସାରା ଓଡ଼ିଶାର ଗୌରବମୟ ଅଟନ୍ତି ନିଜର ସ୍ୱକୀୟ ପ୍ରତିଭା ନିମନ୍ତେ। ଓଡ଼ିଶାର କେନ୍ଦୁଝର ବଡ଼ବିଲସ୍ଥ ଡିଏମ ପଡିଆରେ ରାଜ୍ୟ ସ୍ତରୀୟ କିକ ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାପରେ ଜାମୁକାଶ୍ମୀରରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ସେ ଏହାର ଶ୍ରେୟ ତାଙ୍କର କୋଚ୍ ତଥା ଶିକ୍ଷାନୁଷ୍ଠାନର ପୂର୍ବତନ ଛାତ୍ରୀ କିକ ବକ୍ସିଂ ରାଣୀ ଜ୍ୟୋସ୍ନା ରାଣୀ ଦାସଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଜାତୀୟ ସ୍ତରରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିବେ ବୋଲି ଆଶା ରଖିଛନ୍ତି। ସମସ୍ତ ଘଟଣାକୁ ନେଇ ନୀଳଗିରି ସ୍ଥିତ ଡିଭାଇନ ଶିକ୍ଷାଅନୁଷ୍ଠାନର ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ଜରିଆରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟାନ୍ୟ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ ଆଚାର୍ଯ୍ୟ ଓ ଅବସର ଅଧ୍ୟାପକ ବିଷ୍ଣୁମୋହନ ପରିଡା ଉପସ୍ଥିତ ଥିଲେ।

# ଡେଙ୍ଗୁ ଆକ୍ରାନ୍ତ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର ବ୍ଲକ, ୧୬।୯ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳରେ ଏବେ ଡେଙ୍ଗୁ ଆତଙ୍କ ବଢ଼ି ଚାଲିଛି। ଗତ କିଛି ଦିନ ଧରି ଖୁଦିଆମାଝୀ ସାହି ଗ୍ରାମ ପଞ୍ଚାୟତର ବେହେରାସାହି ଗ୍ରାମରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କ ଡେଙ୍ଗୁ ଜନିତ ମୃତ୍ୟୁ ଘଟିଥିବା ବେଳେ ଅନେକ ବ୍ୟକ୍ତି ଡେଙ୍ଗୁ ଜ୍ୱରରେ ପୀଡ଼ିତ ହୋଇ ବାଲେଶ୍ୱର ଓ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଏତିକି ବେଳେ ଆଉ ଏକ ଅଭାବନୀୟ ଘଟଣା ଘଟିଛି ଖୁଆଡ ଗ୍ରାମ ପଞ୍ଚାୟତର ନୂଆଗାଁ ଗ୍ରାମରେ। ଶ୍ୟାମଚରଣ ଘୋଷଙ୍କ ସାନ ପୁଅ ଚନ୍ଦନ ଘୋଷ (୩୫) ଗତ କିଛି ଦିନ ଧରି ଅଣ୍ଡା ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସା କରାଉ ଥିଲେ। ପରେ ତାଙ୍କର ଡେଙ୍ଗୁ ଜ୍ୱର ଚିହ୍ନଟ ହେବା ପରେ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ସୋମବାର ରାତିରେ ମୃତ୍ୟୁ ଘଟିଛି। ଆଜି ତାଙ୍କର ପାର୍ଥିବ ଶରୀର ପୈତୃକ ଘରେ ପହଞ୍ଚିବା ପରେ ସାହି ପଡିଶା ଦୁଃଖରେ ମ୍ରିୟମାଣ ହେବା ସହିତ ବିଜେପି ଯୁବ ନେତା ସୁଜିତ ଦାସ, ସନତ ସାହୁ, ବାଦଲ ସୋରେନ, ଅଜିତ୍ ବେହେରା, ମହେନ୍ଦ୍ର ମରାଣ୍ଡି, ଗୌତମ ପାତ୍ର, ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ ବାରିକ୍ ପ୍ରମୁଖ ତାଙ୍କ ପରିବାର ପାଖରେ ପହଞ୍ଚି ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି। ଗାଁ ମଶାଣିରେ ପୁତୁରା ସଂଗ୍ରାମ ମୁଖାଗ୍ନି ପ୍ରଦାନ କରିଥିଲେ।

# ଫତେପୁରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାଲେଶ୍ୱର/ଔପଦା, ୧୬।୯ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଫତେପୁର ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟ ଗୋପୀନାଥ ଜୀଉ ଶିକ୍ଷାନୁଷ୍ଠାନର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଜଗଜ୍ଜୀବନ ମହାପାତ୍ରଙ୍କ ତରଫରୁ ଆଜି ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ଅନୁଷ୍ଠାନ ପ୍ରାଙ୍ଗଣ, ହରିହାଟ ପଡିଆ ଏବଂ ରାସ୍ତା ପାଶ୍ୱର୍ରେ ପାଖାପାଖି ୧୦୦ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଚିରଞ୍ଜିବୀ ଦାଶ, ନନ୍ଦଗୋପାଳ ଷଡ଼ଙ୍ଗୀଙ୍କ ସହ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜଳେଶ୍ୱର ସହରରେ ଭାରୀଯାନ ପ୍ରବେଶରେ କଟକଣା



ଜଳେଶ୍ୱର, ୧୬।୯ (ସମିସ): ଆଗକୁ ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା। ତେଣୁ ବିଭିନ୍ନ ସ୍ଥାନରେ ପୂଜା ମଣ୍ଡପମାନ ଅନୁଷ୍ଠିତ ହେଉଥିବାରୁ ଲୋକ ସମାଗମ ବୃଦ୍ଧି ସହିତ ବ୍ୟବସାୟ ବଢିବ। ଫଳରେ ବାଇକ୍, ସାଇକେଲ, କାର୍, ଟେମ୍ପୋ ଚଳାଚଳ ଅଧିକ ରହିବାର ସମ୍ଭାବନା ଥିବାରୁ ସକାଳ ୭ଟାରୁ ୧ ଘଟିକା ଓ ଅପରାହ୍ନ ୫ଟାରୁ ୯ ଘଟିକା ପର୍ଯ୍ୟନ୍ତ ସହର ମଧ୍ୟକୁ ଭାରିଯାନ ପ୍ରବେଶ ନ କରିବାକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନିୟମକୁ ନ ମାନିଲେ ବିହିତ କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ଆଦାୟ ହେବ ବୋଲି ସୂଚନା ଦିଆଯାଇଛି।


# ସଙ୍ଗୀତ ମାଧ୍ୟମରେ ଖଇରାକୁ ଏନ୍‌ଏସି ଦାବି




ଖଇରା, ୧୬।୯ (ସମିସ): ବାଲେଶ୍ୱର ଜିଲାର ଖଇରାକୁ ଏନଏସି ଦାବି ନେଇ ବିଭିନ୍ନ ସଙ୍ଗଠନର ସମର୍ଥନରେ ବ୍ଲକ ଗେଟ ସମ୍ମୁଖରେ ଗଣଧାରଣା ରେ ବସିଥିବା ଖଇରା ସ୍ୱାଭିମାନ ମଞ୍ଚ ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ମଙ୍ଗଳବାର ଭିନ୍ନ ଢଙ୍ଗର ଦାବୀ ଶୈଳୀ ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି। କିଶୋର ରାଉତଙ୍କ ସଙ୍ଗୀତ ସଂଯୋଜନାରେ ପ୍ରସ୍ତୁତ 'ଖଇରା ଏନଏସି ହେବରେ ଭାଇ ଖଇରା ଏନଏସି ହେବ, ଏନଏସି ଘୋଷଣା ନହେବା ଯାଏ ଆନ୍ଦୋଳନ ଚାଲୁଥିବ। ଖଇରା ମାଟି ଜିନ୍ଦାବାଦ, ବିପ୍ଳବ ମାଟି ଜିନ୍ଦାବାଦ' ଗୀତ ମାଧ୍ୟମରେ ଖଇରାବାସୀ ଏକ ହୋଇ ଦାବିପୂରଣ ପାଇଁ ଆହ୍ୱାନ ଦେବା ଦୃଶ୍ୟ ଦେଖିବାକୁ ମିଳିଛି। ଏହିଭଳି ଭାବେ ହାରମୋନିୟମ ଓ ତବଲା ସାଙ୍ଗକୁ ଗୀତର ତାଳେ ତାଳେ ସ୍ଲୋଗାନ ଆନ୍ଦୋଳନକାରୀଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେଇଛି। ଏହି ଗୀତ ସାମାଜିକ ଗଣ ମାଧ୍ୟମରେ ପ୍ରବଳ ମାତ୍ରାରେ ଭାଇରାଲ ହେଉଥିବା ବେଳେ ସରକାରୀ କଳ ଉପରେ ଚାପ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ଦ୍ୱିତୀୟ ଦିନ ମଧ୍ୟ ପ୍ରାକ୍ତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଆନ୍ଦୋଳନରେ ସାମିଲ ମଞ୍ଚ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ।

# ବିଦ୍ୟୁତ୍ ବଣ୍ଟନରେ ନୂଆ ମାନଦଣ୍ଡ ସ୍ଥାପନ କରିଛି ଟିପିଏନ୍‌ଓଡିଏଲ୍

ବାଲେଶ୍ୱର, ୧୬।୯ (ସମିସ)



ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଡିଜିଟାଲ୍ ରୂପାନ୍ତରଣ ଓ ଗ୍ରାହକ ପ୍ରଥମ ଅଭିଯାନକୁ ଏକତ୍ରୀତ କରି ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଗତ ଚାରି ବର୍ଷରେ କମ୍ପାନି ବିଲିଂ ହେଉଥିବା ୟୁନିଟ୍‌ରେ ପ୍ରାୟ ୪୯ ପ୍ରତିଶତ ଏବଂ କଲେକ୍ସନରେ ୬୧ ପ୍ରତିଶତରୁ ଅଧିକ ବୃଦ୍ଧି ହାସଲ କରିଥିବା ବେଳେ ଏଟିଆଣ୍ଡସି କ୍ଷତିକୁ ୧୬.୬୧ ପ୍ରତିଶତ କମ୍ କରିପାରିଛି ଯାହା ଗ୍ରାମୀଣ ଭାରତରେ ପରିଚାଳିତ ଡିସ୍‌କମ୍‌ଗୁଡ଼ିକ ପାଇଁ ଏକ ନୂଆ ମାନଦଣ୍ଡ ସଦୃଶ। ବାଣିଜ୍ୟିକ ପ୍ରଦର୍ଶନକୁ ସୁଦୃଢ଼ କରିବା ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଅନ ସ୍ପଟ୍ ବିଲ୍ ସଂଶୋଧନ, ଏଆଇ ଆଧାରିତ ମିଟର ରିଡିଂ, ବାଣିଜ୍ୟିକ ପ୍ରକ୍ରିୟାର ଡିଜିଟାଲ୍‌କରଣ ଏବଂ ଗ୍ରାହକଙ୍କ ଅଭିଯୋଗର ଟ୍ରାକିଂ ଭଳି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଉଦ୍ୟମଗୁଡ଼ିକ ସ୍ୱଚ୍ଛତା, ଶୃଙ୍ଖଳାରେ ଉନ୍ନତି ଏବଂ କଲେକ୍ସନରେ ଅନ୍ତର୍ଭୁକ୍ତୀକରଣ ଆଣିପାରିଛି। ସମଗ୍ର ପରିଚାଳନାରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପକ୍ଷରୁ ବାସ୍ତବ ସମୟ ଡ୍ୟାସବୋର୍ଡ ଓ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି। ବିବିଧ ଟଚ୍‌ପଏଣ୍ଟ୍, ଗ୍ରାହକ ସେବା କେନ୍ଦ୍ର, ଅନୁଭବ କେନ୍ଦ୍ର, ବହୁଭାଷୀ କଲ୍ ସେଂଟର ଓ ଡିଜିଟାଲ୍ ଆପ୍ ଜରିଆରେ ଗ୍ରାହକ ସୁବିଧାରେ ଉନ୍ନତି ଅଣାଯାଇଥିବା ବେଳେ ବିଦ୍ୟୁତ୍ ସେବାକୁ ପରିବାର ଓ ଶିଳ୍ପଗୁଡ଼ିକର ନିକଟତର କରାଯାଇଛି। କମ୍ପାନୀ ପକ୍ଷରୁ ଶିଳ୍ପ ସଂଯୋଗ ଏବଂ ଗ୍ରାମାଂଚଳ ଓ ଆଦିବାସୀ ଅଞ୍ଚଳରେ ବିଦ୍ୟୁତ୍‌କରଣକୁ ତ୍ୱରାନ୍ୱିତ କରାଯାଇଛି ଯାହା ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ଅନ୍ତର୍ଭୁକ୍ତୀକରଣ ବିକାଶ ପ୍ରତି ଯୋଗଦାନ କରିଛି। ଏଥି ସହିତ ସ୍କୁଲ ଓ କଲେଜରେ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶକ୍ତି ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଛି। ଏହି ଯାତ୍ରା ଉପରେ ଆଲୋକପାତ କରି ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି ଯେ, ଆମର ଧ୍ୟାନ ହେଉଛି ଏକ ଭବିଷ୍ୟତଧର୍ମୀ ଓଡ଼ିଶା ଗଠନ କରିବା। ଆମେ ୧୦୦% ସ୍ମାର୍ଟ ମିଟରିଂ, ଏଟିଆଣ୍ଡସି କ୍ଷତିରେ ଉଲ୍ଲେଖନୀୟ ହ୍ରାସ ଏବଂ ଡିଜିଟାଲ୍ ପ୍ରଥମ ଗ୍ରାହକ ସେବା ଦିଗରେ କାମ କରୁଛୁ। ୨୪ ଘଣ୍ଟିଆ ଭରସାଯୋଗ୍ୟ, ସୁଲଭ ଓ ସ୍ଥାୟୀ ବିଦ୍ୟୁତ୍ ଶକ୍ତିକୁ ନେଇ ରାଜ୍ୟର ରହିଥିବା ଲକ୍ଷ୍ୟ ପ୍ରତି ଆମେ ପ୍ରତିବଦ୍ଧ ରହିଛୁ ଯାହା ଶିଳ୍ପକୁ ଆଗକୁ ବଢ଼ିବା, ଗ୍ରାମଗୁଡ଼ିକୁ ସମୃଦ୍ଧ କରିବା ଏବଂ ଓଡ଼ିଶା ପ୍ରଗତିରୁ ପ୍ରତି ନାଗରିକଙ୍କୁ ଲାଭବାନ ହେବାରେ ସକ୍ଷମ କରିଛି। ପ୍ରଯୁକ୍ତି ଆଧାରିତ ବ୍ୟବସ୍ଥା ଓ ଗ୍ରାହକ କୈନ୍ଦ୍ରୀକ ସେବା ସହିତ ଟିପିଏନ୍‌ଓଡିଏଲ୍ ଓଡ଼ିଶାରେ ବିଦ୍ୟୁତ୍ ବଂଟନକୁ ପୁନଃ ଆକାର ପ୍ରଦାନ କରିଛି।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch
If Intrested...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com

ବ୍ରାଉନ୍‌ସୁଗର କାରବାର ଅଭିଯୁକ୍ତଙ୍କୁ ଛାଡ଼ିଦେବା ଘଟଣା

# 'ବିଧିବଦ୍ଧ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ'

ଭୋଗରାଇ, ୧୬।୯ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଓଡ଼ିଶା-ପଶ୍ଚିମବଂଗ ସୀମାନ୍ତରେ ବେଧଡ଼କ ବ୍ରାଉନସୁଗର କାରବାର ଚାଲିଛି। ହେଲେ ପୁଲିସ ଶାସକ ଦଳର କୁଜିନେତାଙ୍କ ହାତବାରିସି ସାଜି ବ୍ରାଉନସୁଗର ବେପାରିଙ୍କୁ ଥାନାରୁ ଖସାଇ ଦେଉଛି। ସେପଟେ ସୁବର୍ଣ୍ଣରେଖା ନଦୀପଠାରୁ ଦିନ ଦିପହରରେ ବାଲି ଚୋରି ହେଉଛି। ଏସବୁକୁ ନେଇ ବାରମ୍ବାର ପୁଲିସ ଓ ପ୍ରଶାସନକୁ ବିଧାୟକ ଗୌତମବୁଦ୍ଧ ଦାସ ଅବଗତ କରିଥିଲେ ମଧ୍ୟ ସମସ୍ତେ ନିରବଦ୍ରଷ୍ଟା ସାଜିଛନ୍ତି। ସରକାରୀ ଦଳର କର୍ମୀଙ୍କ ଦ୍ୱାରା ଏସବୁ ଚୋରି ଚାଲିଥିବାବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀ ନୀତିବାଣୀ ଶୁଣାଉଛନ୍ତି, କହି ଚୋରଙ୍କ ଗହଣରେ ଥାଇ ଚୋରି ବନ୍ଦ କର ବୋଲି କହିବା ପ୍ରହସନ ଏବଂ ଏସବୁ ନାଟକବାଜି ବନ୍ଦ ନ ହେଲେ ଭୋଗରାଇରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

ବ୍ରାଉନ୍‌ସୁଗର ଜବତ ଘଟଣାରେ ତାଳସାରୀ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଅନୁକମ୍ପା ଦେଖାଇ ୩ ଜଣ ଅଭିଯୁକ୍ତ ଓ କାର୍‌କୁ ଛାଡି ଦେଇଥିବା ଅଭିଯୋଗ ହୋଇଛି। ଏପରି ସମୟରେ ସ୍ଥାନୀୟ ବିଧାୟକ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କିଛି ଫଳ ନ ମିଳିବାରୁ ଏବେ ସେ ଏସ୍‌ପିଙ୍କୁ ଭେଟି ଦାବି ଦୋହରାଇଛନ୍ତି। ବିଧିବଦ୍ଧ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ କରାଯିବ ବୋଲି ବିଧାୟକ କହିଛନ୍ତି।

ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଗତ ୮ ତାରିଖ ଦିନ ଭୋଗରାଇ ବ୍ଲକ୍ ଅନ୍ତର୍ଗତ ସାହାବାଜିପୁରରୁ ୩୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିଲେ। ଏହି ଘଟଣାରେ ଦିବାକର ନାୟକ ଓ ଅନ୍ୟ ୩ ଜଣ ଯୁବକ ଧରାପଡ଼ିଥିବା ବେଳେ ଏକ ବାଇକ୍ ଓ ଏକ କାର୍ ଜବତ ହୋଇଥିଲା। ଏମିତି କି ସୋମବାର ଦିନ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଓ ସବ୍-ଇନ୍‌ସପେକ୍ଟର୍ ଆଶିଷ କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ ଘଟଣାର ସିନ୍ ରିକ୍ରିଏସନ୍ କରାଯାଇଥିଲା। ହେଲେ ପରେ ଘଟଣାରେ ସଂପୃକ୍ତ ୩ ଜଣ ଯୁବକଙ୍କ ସହ କାର୍‌କୁ ପୁଲିସ ଛାଡ଼ିଦେଇଥିଲା। ତେବେ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଅନୁକମ୍ପା ଦେଖାଇ ୩ ଜଣ ଯୁବକଙ୍କ ସହ କାର୍‌କୁ ଛାଡ଼ିଦେଇଥିବା ଅଭିଯୋଗ ହୋଇଥିଲା। ଏମିତି କି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଚିଠି ଲେଖିଥିଲେ। ଏସ୍‌ପି ଶ୍ରୀ ଦିବାକର ମଧ୍ୟ ଉଚ୍ଚପଦସ୍ଥ ପୁଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା ଘଟଣାର ତଦନ୍ତ କରିଥିଲେ। ହେଲେ ଏଯାଏ କିଛି କାର୍ଯ୍ୟାନୁଷ୍ଠାନ ହେଲାନି। ଏପରି ସମୟରେ ବିଧାୟକ ଶ୍ରୀ ଦାସ ଏସ୍‌ପି ଶ୍ରୀ ଦିବାକରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପୁଣି ବିଧିବଦ୍ଧ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନହେଲେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ନେଇ ପୂର୍ବରୁ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଥିଲେ, ଯେଉଁମାନଙ୍କ ଘଟଣାରେ ସଂପୃକ୍ତି ନଥିଲା, ସେମାନଙ୍କୁ ଏବଂ ସେମାନଙ୍କ କାର୍‌କୁ ଛଡ଼ାଯାଇଛି। ଏଥିରେ ଅନୁକମ୍ପାର କିଛି କଥା ନାହିଁ। ସବୁ ପ୍ରକାର ତଦନ୍ତକୁ ସାମ୍ନା କରିବା ପାଇଁ ମୁଁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

## କଳା ପ୍ରଦର୍ଶନୀ 'ସାଦୃଶ୍ୟ' ଉଦ୍‌ଘାଟିତ



ବାଲେଶ୍ୱର,୧୬।୯ (ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା କଲିକତା ଏକାଡେମୀ ଅଫ୍ ଫାଇନ୍ ଆର୍ଟଠାରେ କଳା ପ୍ରଦର୍ଶନୀ 'ସାଦୃଶ୍ୟ' ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କଲିକତା ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ସପନ କୁମାର ଜାନା, ଚିତ୍ରଶିଳ୍ପୀ ସୁକାନ୍ତ ଦାସ, ମୁଦ୍ରଣ କଳା ଚିତ୍ରଶିଳ୍ପୀ ଅବଦୁଲ ସଲାମ, ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ଯୋଗଦାନ କରି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଅଧ୍ୟାପକ ଦୈତାରୀ ବେହେରା, ଆକାଶ ବାଲ୍ମିକ, ସୁଧାଂଶୁ ଶେଖର ଜେନା, ପର୍ଶୁରାମ ପଣ୍ଡା, ଅଧ୍ୟାପିକା ଆର୍ଯ୍ୟ ପ୍ରଜ୍ଞା ବାସବଦତ୍ତା କଳାକୃତି ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ ୧୬ ଜଣ ଛାତ୍ରଛାତ୍ରୀ ଯୋଗଦେଇ ନିଜର କଳାକୃତି ପ୍ରଦର୍ଶନ କରିଛନ୍ତି।

## ଡାକ୍ତର ଚିତ୍ତରଞ୍ଜନ ସାହୁଙ୍କୁ ପ୍ରାକୃତିକ ଚିକିତ୍ସା ସମ୍ମାନ



ବାଲେଶ୍ୱର,୧୬।୯ (ସମିସ): ବାଲେଶ୍ୱର ଓ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଓର ଆଣ୍ଡ ଯୋଗିକ ସାଇନ୍ସର ମୁଖ୍ୟ ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ନିକଟରେ ଆୟୁଷ କଲେଜ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ନୂଆ ଦିଲ୍ଲୀ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଉପରେ ନେଚୋରପାଥି ଏକସେଲେଣ୍ଟ ଆୱାଡର୍ ପ୍ରାପ୍ତ କରିଛନ୍ତି। ଦୀର୍ଘ ୩୫ ବର୍ଷ କାଳ ପ୍ରାକୃତିକ ଚିକିତ୍ସା ଉପରେ ଗବେଷଣା, ଚିକିତ୍ସା ଓଡ଼ିଶା ତଥା ଓଡ଼ିଶା ବାହାରେ ପୁଣେ ନେସନାଲ ଇନଷ୍ଟିଚ୍ୟୁଟ ଅଫ ନେଚରପାଥି ଭାରତ ସରକାରଙ୍କ ଦ୍ୱାରା ଡାଇବେଟିସ, ଉଚ୍ଚ ରକ୍ତଚାପ, କିଡନୀ ଫେଲୱର, ମାନସିକ ରୋଗ ଉପରେ ନେଚରପାଥି ଚିକିତ୍ସାର ସୁଫଳ ଗବେଷଣା କରି ଓଡ଼ିଶାରୁ ସର୍ବସେଷ୍ଠ ନେଚରପାଥି ଆୱାଡର୍ ପ୍ରାପ୍ତ କରିଛନ୍ତି। ଇଣ୍ଟର ନେସନାଲ ନେଚରପାଥି ଅର୍ଗାନାଇଜେସନ ର ମୁଖ୍ୟ ଡାକ୍ତର ଅନନ୍ତ ବିରାଦିର ଦ୍ୱାରା ପ୍ରାପ୍ତ କରିଥିଲେ ଯାହା ଦ୍ୱାରା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କର୍ମକର୍ତ୍ତାଙ୍କ ମନରେ ଲହରୀ ଆଣିଦେଇଛି। ଏଥିପାଇଁ ଡାକ୍ତର ସାହୁଙ୍କୁ ବିଭିନ୍ନ ସହରରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲିଫ୍ଟ ଅଚଳ

ବାଲେଶ୍ୱର,୧୬।୯ (ସମିସ): ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୂତନ ଭାବେ ନିର୍ମାଣ ହୋଇଛି। ସେଠାରେ ବହୁ ବିଭାଗ କାର୍ଯ୍ୟ କରୁଛି। ପ୍ରତିଦିନ ସେଠାରେ ସମସ୍ତ ସରକାରୀ କର୍ମଚାରୀଙ୍କ ସମେତ ବହୁ ଲୋକ ଯିବା ଆସିବା କରୁଛନ୍ତି। ଗ୍ରାଉଣ୍ଡ



ଫ୍ଲୋରରୁ ଦ୍ୱିତୀୟ ମହଲାକୁ ଯିବା ପାଇଁ ଗୋଟିଏ ପଟେ ଶିଡ଼ି ରହିଥିବା ବେଳେ ଦୁଇ ପାଶ୍ୱର୍ରେ ଦୁଇଟି ଲିଫ୍ଟ ରହିଛି। ଏଥିରେ ଲୋକେ ସୁବିଧାରେ ଯିବା ଆସିବା କରୁଥିଲେ। ସେଠାରେ ଥିବା ଦୁଇଟି ଲିଫ୍ଟ ମଧ୍ୟରୁ ଗୋଟିଏ ଲିଫ୍ଟ କାମ କରୁ ନାହିଁ। ଯାହା ଫଳରେ ସରକାରୀ କର୍ମଚାରୀମାନଙ୍କ ସହ ସାଧାରଣ ଲୋକେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗୋଟିଏ ଲିଫ୍ଟ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଯାହାଫଳରେ ଲୋକେ ବାଧ ହୋଇ ଶିଡ଼ିରେ ଯିବା ଆସିବା କରୁଥିବା ବେଳେ ଅନ୍ୟଏକ ଲିଫ୍ଟକୁ ହିଁ ଭରସା କରୁଛନ୍ତି। ଏଣୁ ଜିଲ୍ଲାପାଳ ଦୃଷ୍ଟି ଦେଇ ଶିଘ୍ର ଏହାକୁ ମରାମତି କରାଇବାକୁ ଦାବି ହୋଇଛି।

## ଡେଙ୍ଗୁ ଆତଙ୍କ; ୧୯ ଜଣଙ୍କ ରକ୍ତ ନମୁନା ସଂଗ୍ରହ

ଜଳେଶ୍ୱର,୧୬।୯ (ସମିସ): ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳର ଖୁଦିଆମାଝୀସାହି ପଞ୍ଚାୟତର ବେହେରାସାହି ଗାଁର ଡେଙ୍ଗୁ ଜ୍ୱରକୁ ନେଇ ଲୋକେ ଆତଙ୍କିତ ଭାବେ ରହିଛନ୍ତି। ଜିଲ୍ଲାର ଡାକ୍ତରୀ ଟିମ ବାରମ୍ବାର ଗସ୍ତ କରୁଥିବା ବେଳେ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଚେତନ ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହା ସହ ମେସିନ ଦ୍ୱାରା ବ୍ୟାପକ ଭାବେ ଧୂଆଁ ଦିଆଯାଉଛି। ମଙ୍ଗଳବାର ବେହେରାସାହି ଗାଁରୁ ୧୯ ଜଣଙ୍କ ରକ୍ତ ନମୁନ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଅନ୍ୟପଟେ ଜ୍ୱରରେ ପୀଡ଼ିତ ଖୁଆଡ ପଞ୍ଚାୟତ ନୂଆଗାଁର ଯୁବକ ଚନ୍ଦନ ଘୋଷ(୩୫)ଙ୍କ ମୃତ୍ୟୁ ଘଟିଛି।

## ବିଶିଷ୍ଟ ଅନୁବାଦକ ସୁଖେନ୍ଦୁ ମୋହନ ଦାସଙ୍କ ପରଲୋକ

ବାଲେଶ୍ୱର,୧୬।୯ (ସମିସ): ବିଶିଷ୍ଟ ଅନୁବାଦକ ତଥା ଯଶସ୍ୱୀ ସାହିତ୍ୟିକ ସୁଖେନ୍ଦୁ ମୋହନ ଦାସଙ୍କ ୯୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାସ ବଙ୍ଗଳା ସାହିତ୍ୟରୁ ଓଡ଼ିଆ ସାହିତ୍ୟକୁ ଅନୁସୃଜନ କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ। ଅମଳେଶ ଭଟ୍ଟାଚାର୍ଯ୍ୟଙ୍କ କୃତ "ମହାଭାରତ' ଓ "ରାମାୟଣ'କୁ ଓଡ଼ିଆ ଭାଷାରେ ଅନୁବାଦ କରି ପାଠକ ମହଲରେ ବେଶ ଆଦୃତ ହୋଇଥିଲେ। ଏନବ୍ୟତୀତ ତାଙ୍କଦ୍ୱାରା ଅନୁଦିତ ନିତ୍ୟାନନ୍ଦ ମହାପାତ୍ରଙ୍କ "ଘରଡିହ ଉପନ୍ୟାସକୁ ବଙ୍ଗଳା ସାହିତ୍ୟରେ 'ଭିଟେ' ଶୀର୍ଷକରେ କେନ୍ଦ୍ରସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା। ସେ ଶ୍ରୀମା ଅରବିନ୍ଦଙ୍କ ଜଣେ ଭକ୍ତ ଭାବରେ ଶ୍ରୀଅରବିନ୍ଦଙ୍କ ଅନେକ ଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ



କରିଛନ୍ତି। ୨୦୧୪ ମସିହାରେ ସ୍ୱର୍ଗତ ଦାସଙ୍କ ସର୍ବକାଳୀନ କୃତି ପାଇଁ ସମ୍ମାନ ଜନକ ରାଜଧାନୀ ପୁସ୍ତକ ମେଳା ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ ହୋଇଥିଲେ। ପୁରୁଣା ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତିନି ଝିଅ ଲିପିଶ୍ରୀ, ସୁଧାପ୍ରିୟା, ସୁପ୍ରିୟା, ପୁତ୍ର ଲାବେନ୍ଦୁ, ପୁତ୍ରବଧୂ ସଞ୍ଜୁଲତା, ଜ୍ୱାଇଁ ସ୍ନେହାଂଶୁ ଓ ଦୀପକ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ, ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୧୬।୯ (ସମିସ): ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଓ "ମିଳିତ ନିଶା ନିବାରଣ ଅଭିଯାନ (ମନା)'ର ମିଳିତ ସହଯୋଗରେ ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ନିଶାସେବନ ସାମାଜିକ ପ୍ରତିଷ୍ଠାର ଅବକ୍ଷୟ କରିବା ସହିତ ଅପରାଧ ପ୍ରବଣତା ବୃଦ୍ଧି କରେ ଏବଂ ନିଶାରୁ ନିବୃତ୍ତ ରହିଲେ ଆର୍ଥିକ, ଶାରୀରିକ, ସାମାଜିକ କ୍ଷେତ୍ରରେ ଆମେ ଉନ୍ନତି କରିପାରିବା ବୋଲି କହିବା ସହିତ ଏହିଭଳି ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ସଂପାଦିକା ମମତା ମହାପାତ୍ର ଶିବିର ଆୟୋଜନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଉପଦେଷ୍ଟା ସୁବ୍ରତ କର ସଂପ୍ରତି ଖବରକାଗଜରେ ପ୍ରକାଶିତ ନିଶାର ଭୟାବହ ବିବରଣୀ ଦେଇଥିଲେ। ନିଶା ବିରୋଧୀ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୪ ଜଣ କଲେଜ ଛାତ୍ରଛାତ୍ରୀ ମୋନାଲି ଆଚାର୍ଯ୍ୟ, କଳ୍ପନା ରାଉତ, ଆଶୁତୋଷ ମହାପାତ୍ର, ବିଭୂତି ଭୂଷଣ ନାୟକଙ୍କୁ "ମନା' ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅକ୍ଷୟ ତ୍ରିପାଠୀ, ତ୍ରିଦିବ ନାୟକ, ଗଙ୍ଗାଧର ସୃଷ୍ଟି ଓ କଲ୍ୟାଣୀ ନନ୍ଦ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। "ମନା'ର ଉପସଭାପତି ଡ. କ୍ଷୀତିଶ୍ୱର ଦାଶ ଶିବିରର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନିରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଗୀତାଞ୍ଜଳି ସିଂହ ମଞ୍ଚ ଆହ୍ୱାନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। "ମନା'ର ସଭ୍ୟ ବେଣୁଧର ସାହୁ, ଶାନ୍ତି ବିଶି, ଭାରତୀ ପଣ୍ଡା, ପ୍ରଭାକର ସାହୁ ସାହୁ (ଖ), ରବିନାରାୟଣ ଭୋଳ, ଯୋଗେଶ ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟାପକ ଅରୁଣ କୁମାର ଦାସ ଓ ସନ୍ଧ୍ୟାରାଣୀ ବେରା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

## ସ୍ମରଣିକା 'ଉଦୟନ' ଉନ୍ମୋଚିତ



ବାଲେଶ୍ୱର,୧୬।୯ (ସମିସ): ଚାନ୍ଦିପୁରସ୍ଥ ପ୍ରୁଫ୍‌ର ବୈଜ୍ଞାନିକ, ଶିକ୍ଷାବିତ୍, ଲେଖକ ତଥା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟ ଉଦୟଚନ୍ଦ୍ର ଦାସଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା "ଉଦୟନ'କୁ ବସ୍ତାର ବିଧାୟିକା ତଥା "ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ସୁନହଟସ୍ଥିତ ବାସଭବନଠାରେ ଆୟୋଜିତ ସ୍ମୃତିସଭାରେ ଉନ୍ମୋଚନ କରିଛନ୍ତି। ଲୋକସେବା ଭବନ ଇଣ୍ଡଷ୍ଟ୍ରି ବିଭାଗର ଅବସରପ୍ରାପ୍ତ ଉପ ବିଭାଗ ଅଧିକାରୀ ତଥା ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାକୁ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଜନସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଖଣ୍ଡ ମହାବିଦ୍ୟାଳୟ ଇତିହାସ ବିଭାଗ ପ୍ରାଧ୍ୟାପକ ନୀରଦ କୁମାର ଜେନା, ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ମିଶ୍ର, ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହେରା, ଶିକ୍ଷକ ନାରାୟଣ ମହାରଣା, ପୂର୍ବତନ ସରପଞ୍ଚ ଦାଶରଥି ମହାରଣା, ପ୍ରାକ୍ତନ ସରପଂଚ ଦୀପକ କୁମାର ଖିଲାର, ସମାଜସେବୀ ନଟବର ମହାନ୍ତି ଯୋଗଦାନ କରି ସ୍ୱର୍ଗତ ଉଦୟ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ପ୍ରମୋଦ କୁମାର ଦାସ, ନୂଆଗାଁ ବ୍ଲକ୍ ମଣ୍ଡଳ ମତ୍ସ୍ୟ ଅଧିକାରୀ ଡ଼. ସୁଧାଂଶୁ ଶେଖର ବେହେରା, ପ୍ରୁଫ୍‌ର ଅବସରପ୍ରାପ୍ତ କାରିଗର ଶ୍ରୀଧର ବିନ୍ଧାଣୀ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ସୁଜ୍ୟୋତ୍ସ୍ନା ଜେନା, ଶିକ୍ଷୟିତ୍ରୀ ପୁଷ୍ପିତା ଦାସ, ଆଡଭୋକେଟ୍ ଉର୍ମିମାଳା ଦାସ, ଇଂଜିନିୟର ତାପସ ରଂଜନ ଦାସ, ଅତିରିକ୍ତ ତହସିଲଦାର କମନ୍ଦନ ମାଝୀ, ଗାଳ୍ପିକା ଡ଼. ନିବେଦିତା ଦାସ, ଶିକ୍ଷୟିତ୍ରୀ ବନ୍ଦନା ପାଣି, ଗୀତାରାଣୀ ଦାସ, ଉମେଶ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ସୁଲୋଚନା ସେନାପତି, ମାନସ ରଂଜନ ଦାସ ଓ ସୁଭଦ୍ରା ଦାସ ପରିଚାଳନା କରିଥିଲେ। ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ପରିସରରେ ସେବାକାରୀ ପ୍ରମିଳା, ଯୋଗଗୁରୁ ସୁଜିତ କୁମାର ଜେନା ଓ ବ୍ରହ୍ମାକୁମାରୀ ମିନତୀଙ୍କ ସଂଚାଳନାରେ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏହି ସ୍ମୃତି ସଭାରେ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ବୈଷ୍ଣବ ସମ୍ପ୍ରଦାୟ ସହ ବହୁ ଲେଖକ, ସାହିତ୍ୟିକ ଯୋଗଦାନ କରିଥିଲେ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଡର୍ଣ୍ଣ ପବ୍ଲିକ ସ୍କୁଲ ଛାତ୍ରଙ୍କ କୃତିତ୍ୱ




ବାଲେଶ୍ୱର,୧୬।୯ (ସମିସ): ରାଜ୍ୟସ୍ତରୀୟ ଜୁନିୟର ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଚତୁର୍ଥଶ୍ରେଣୀ ଛାତ୍ର ଆୟୂଷ ରଞ୍ଜନ ଏବଂ ୟଙ୍ଗ ଇଣ୍ଡିଆନ ଦ୍ୱାରା ଆୟୋଜିତ ମକ ପାର୍ଲିଆମେଂଟ ପ୍ରତିଯୋଗିତାରେ ଜାତୀୟ ସ୍ତରକୁ ମନୋନୀତ ହୋଇଥିବା ନବମ ଶ୍ରେଣୀର ଛାତ୍ର ଅନୁରାଗ ସାହୁଙ୍କୁ ମଡର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବଲପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଆୟୂଷ ରଞ୍ଜନ ଅଂଶ ଗ୍ରହଣ କରିଥିଲେ। ଆଠଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ବିଦ୍ୟାଳୟର ନବମଶ୍ରେଣୀର ଛାତ୍ର ଅନୁରାଗ ସାହୁ ଝାଡଖଣ୍ଡର ଜାମସେଦପୁର ଠାରେ ୟଙ୍ଗ ଇଣ୍ଡିଆନ ପକ୍ଷରୁ ଆୟୋଜିତ କ୍ଷେତ୍ରୀୟ ସ୍ତରୀୟ ମକ ପାର୍ଲିଆମେଂଟ ପ୍ରତିଯୋଗିତାରେ ୪୦ଜଣ ପ୍ରତିଯୋଗୀଙ୍କ ସହ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସେ ଏକମାତ୍ର ଭାବେ ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମହାନ୍ତି ଏବଂ ଅନ୍ୟତମ ଉପାଧ୍ୟକ୍ଷ ରଞ୍ଜନ ନାୟକ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟତ୍ରୀ ପଲ୍ଲବୀ ପ୍ରଧାନ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିଙ୍କ ସହ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।


ଆସୁଛନ୍ତି ମା' ଦୁର୍ଗା

# ୧୬୩ ବର୍ଷ 'କର ପରିବାର' ଦୁର୍ଗାପୂଜା

ବାଲେଶ୍ୱର,୧୬।୯ (ସମିସ)

ସହରରେ ବିଭିନ୍ନ କମିଟି ପକ୍ଷରୁ ଦୁର୍ଗା ପୂଜା ହେବା ସହିତ ଘରୋଇ ଭାବେ ମଧ ଦୁର୍ଗା ପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ। ସେଥିମଧ୍ୟରୁ କର ପରିବାର ଦୁର୍ଗାପୂଜା ଅନ୍ୟତମ। କୁହାଯାଏ, ବାଲେଶ୍ୱର ସହରର ପ୍ରଥମ ଘରୋଇ ପୂଜା ଭାବେ କର ପରିବାର ଦୁର୍ଗା ପୂଜା ଆରମ୍ଭ କରିଥିଲେ। ଯାହା ଏଯାବତ ହୋଇଆସୁଛି। ଚଳିତବର୍ଷ ୧୬୩ ବର୍ଷ ପାଳନ ହେବ କର ପରିବାର ଦୁର୍ଗାପୂଜା। ସେହିପରି ପିତଳ ପ୍ରତିମା ଏବଂ ଘଟ ପୂଜାକୁ ୨୦୩ ବର୍ଷ ପୁରୁଛି। ଏନେଇ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଏହାବ୍ୟତୀତ ମହିଳାମାନଙ୍କ ସିନ୍ଦୂର ଖେଳ ବେଶ୍ ମନୋରମ।





ସୂଚନାଯୋଗ୍ୟ, କର ପରିବାର ଏକ ବଙ୍ଗୀୟ ପରିବାର। ୧୭୦୦ ମସିହା ପୂର୍ବରୁ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାର ସାହାଜାହାବାଦ ସବଡିଭିଜନ ଅର୍ନ୍ତଗତ ମାୟାପୁରରୁ ଏହି ବଂଶର ପୂର୍ବ ପୁରୁଷମାନେ ବାଲେଶ୍ୱର ଆସିଥିଲେ। କର ପରିବାରର ପୂର୍ବ ପୁରୁଷମାନେ ବଣିକ ଥିଲେ। ସେମାନେ ବାଣିଜ୍ୟ କରିବା ପାଇଁ ବିଭିନ୍ନ ସ୍ଥାନକୁ ଯାଉଥିଲେ। ପୁଣି ସେଇ ସମୟରେ ମୁସଲମାନ ସୁବେଦାର ଓ ବର୍ଗୀମାନଙ୍କ (ମରହଟ୍ଟା) ଅତ୍ୟାଚାରରେ ଅତିଷ୍ଠ ହୋଇ କର ପରିବାର ବାଲେଶ୍ୱର ବଙ୍ଗୋପସାଗରକୁ ଲାଗିଥିବାରୁ ଏବଂ ବର୍ଦ୍ଧମାନ ନିକଟତର ହୋଇଥିବାରୁ ସମୁଦ୍ର ପଥରେ ଆସିବା ସୁବିଧା ଜନକ ଦେଖି ବାଲେଶ୍ୱରକୁ ଉପଯୁକ୍ତ ସ୍ଥାନ ଭାବି ବାଲେଶ୍ୱର ସହରର ବାରବାଟୀ ଅଞ୍ଚଳକୁ ଆସି ୧୬୯୭ ମସିହାରୁ ସ୍ଥାୟୀ ଭାବରେ ବସବାସ ଆରମ୍ଭ କରିଥିଲେ। ଠାକୁରଙ୍କ ଆଶୀର୍ବାଦରୁ ବ୍ୟବସାୟରେ ଉନ୍ନତି କରି ସେ ସମୟରେ ଚାରି ହଜାର ମହଣ ଲେଖାଏଁ ମାଲ ପରିବହନ କରିପାରୁଥିବା ୨୦ଟି ବୋଟ୍ ଥିଲା ଏବଂ ବଳଙ୍ଗ ନଦୀର ପରମିଟ୍ ଘାଟରୁ ଜାଭା, ସୁମାତ୍ରା, ବାଲି ଓ ବ୍ରହ୍ମଦେଶ ସହ ବାଣିଜ୍ୟ କାରବାର କରୁଥିଲେ। ଏହି ବଂଶଧରମାନେ ବାଲେଶ୍ୱର ସହରରେ ପ୍ରତିଷ୍ଠିତ ବ୍ୟବସାୟୀ ହୋଇପାରିଥିଲେ। ସୋର, ଭଦ୍ରକ, ଚାନ୍ଦବାଲି, ଛାନୁଆ, ଚର୍ତ୍ତୁଖୁଣ୍ଟା, ଜମିଦାରୀ କିଣିଥିଲେ। ୧୮୨୨ ମସିହା ବେଳକୁ କର ପରିବାରର ୪୨୭୪୯ ବିଘା ବା ପ୍ରାୟ ୧୪ ହଜାର ୫୦୦ ଏକର ଜମି ଥିଲା ଏବଂ ୨୭ ହଜାର ପ୍ରଜା ଥିଲେ। ମାତ୍ର ଏତେ ବଡ଼ ଜମିଦାରୀ ଏବଂ ବ୍ୟବସାୟକୁ ଚଳାଇବା ପାଇଁ ପରବର୍ତ୍ତୀ ସମୟରେ ଏହି ଅଖଣ୍ଡ କ୍ଷମତାର ସୁରକ୍ଷା ପାଇଁ କର ବଂଶର ସଦସ୍ୟମାନେ କୌଣସି ଏକ ଶକ୍ତି ଆରାଧନା କରିବାକୁ ଉଚିତ ମନେ କଲେ। ଏ ସଂପର୍କରେ ସେମାନେ ତତ୍‌କାଳୀନ ସମାଜ ଧାରକ ମହାପୁରୁଷ ମାନଙ୍କ ସହିତ ବିଚାର ପରାମର୍ଶ ମଧ୍ୟ କରିଥିଲେ। ମାତୃଶକ୍ତିକୁ ନିଷ୍ଠାର ସହିତ ପୂଜା କରିଲେ ସେ ଯେକୌଣସି ପ୍ରକାର ବିପତ୍ତିରୁ ଉଦ୍ଧାର କରନ୍ତି ବୋଲି ହୃଦ୍‌ବୋଧ କରିବା ପରେ ସେମାନେ ଶକ୍ତି ପୂଜା କରିବାକୁ ମନସ୍ଥ କରିଥିଲେ। ୧୮୨୨ ମସିହାରେ କଲିକତାରୁ ଏକ ପିତ୍ତଳ ହର, ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ ମୂର୍ତ୍ତି ଆଣି ପୂଜା ଆରମ୍ଭ କରିଥିଲେ। ଏହି ବଂଶର ପରବର୍ତ୍ତୀ ପିଢ଼ିମାନେ ୧୮୬୩ ମସିହାରେ ନିଜ ଗୃହରେ ବୈଠକଖାନା ତିଆରି କରି ହର ପାର୍ବତୀଙ୍କ ମୂର୍ତ୍ତି ସହ ଲକ୍ଷ୍ମୀ, ସରସ୍ୱତୀ, ଗଣେଷ, କାର୍ତ୍ତିକଙ୍କ ସହ ଦୁର୍ଗା ପୂଜା ପାଳନ କରିଆସୁଛନ୍ତି। ତେବେ ରଥ ଦିନଠାରୁ ପୂଜା ପାଇଁ ମାଟି ସଂଗ୍ରହ କରାଯାଇ ମୂର୍ତ୍ତି ଗଢ଼ା ଆରମ୍ଭ ହୁଏ। ସପ୍ତମୀ ଦିନ ବୁଢ଼ା ବଳଙ୍ଗ ନଦୀଠାରେ ପୂଜା ଅର୍ଚ୍ଚନା କରି ଘଟ ଉତ୍ତୋଳନ କରାହୋଇଥାଏ। ଏହି ପୂଜାରେ ୭ ଜଣ ପୁରୋହିତ ପ୍ରଧାନ ଆଚାର୍ଯ୍ୟ, ଚଣ୍ଡି, ହୋତା, ଜପ, ତୁଳସୀ ଓ ଚର୍ଚ୍ଚକ ଆରମ୍ଭରୁ ଶେଷଯାଏ ନିଜ ନିଜ ଦାୟିତ୍ୱ ତୁଲାଇଥାନ୍ତି। ପୂଜା ପାଇଁ ୭ ମହଣ ଅରୁଆ ଚାଉଳ ନୈବେଦ୍ୟ ଲାଗେ। ଅଷ୍ଟମୀ ଦିନ ସନ୍ଧି ପୂଜା ସମୟରେ ଗୋଟିଏ ନୈବେଦ୍ୟ ୫୦ ସେର ଚାଉଳର ପ୍ରସ୍ତୁତି ହୋଇଥାଏ। ହୋମ ପାଇଁ ୫ ମହଣ କାଠ ପୋଡାଯାଏ ଏବଂ ୨୦ କେଜିରୁ ଅଧିକ ଗୁଆ ଘିଅ ଲାଗିଥାଏ। ଏହି ଚାରି ଦିନ ପୂଜା ପୁରୁଣା ନୀତି ନିୟମରେ ହୋଇଥାଏ। ଏବେ କିଛି ବର୍ଷ ହେବ ଦେବୀଙ୍କର ବିସର୍ଜନ ପରେ ସିନ୍ଦୂର ଖେଳ ପରିବାରର ସମସ୍ତେ ମିଶି ମନାଉଛନ୍ତି। ଏବେ ଆଧୁନିକ ସମୟରେ ମଧ୍ୟ କର ପରିବାର ପୂଜା ପାରମ୍ପରିକ ନୀତିଠାରୁ ଦୂରେଇ ଯାଇନାହିଁ। ପ୍ରତ୍ୟେକ ସୋପାନରେ ପ୍ରତିଫଳିତ ହେଉଛି ୧୮୬୩ ମସିହାର ସେହି ନିଆରା ପୂଜା ପଦ୍ଧତି।


◆ ସମୟ ସୁଅରେ କର ପରିବାର ପୃଥକାନ୍‌ରେ ଚଳି ଆସୁଥିଲେ ହେଁ ବଂଶର ଏହି ମହାନ ପୂଜାକୁ ସମସ୍ତେ ବର୍ଷ ତମାମ୍ ଅପେକ୍ଷା କରିଥାନ୍ତି। ଯିଏ ଯେଉଁଠି ଥାନ୍ତୁ ନା କାହିଁକି ସମସ୍ତେ ଏହି ପୂଜାରେ ଏକତ୍ରିତ ହୁଅନ୍ତି ଏବଂ ପୂଜାରେ ମିଳିମିଶି ସହଯୋଗ କରନ୍ତି।



ବିକ୍ରମଜିତ କର

ସକାଳ
THE SAKALA

# ସମ୍ପାଦକୀୟ



ପାଠପଢ଼ାର ଅନୁଭୂତି ତିକ୍ତ ହୋଇପାରେ, କିନ୍ତୁ ଏହାର ଫଳ ମଧୁର ।
-ଆରିଷ୍ଟୋଟଲ୍

## ମାଧୁରୀର ଲୁହ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗତ ସୋମବାରେ ଏକ ରାୟ ଆସିଛି, ଯାହା ଅନେକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ, ଅଥଚ ଭାବାବେଗ ସମ୍ପର୍କିତ ଏକାଧିକ ପ୍ରଶ୍ନ ଉତ୍ଥାପନକାରୀ । ମାନବ ସ୍ୱାର୍ଥ-ପରିବେଶ-ପଶୁ ଅଧିକାର ସମ୍ବନ୍ଧିତ ଏହି ରାୟଟି ମଧ୍ୟ ଖବରର ଗହଳି ଭିତରେ ଲୁଚି ଯାଇଥା'ନ୍ତା କିମ୍ବା ସେତେ ଗୁରୁତ୍ୱ ପାଇ ନ ଥା'ନ୍ତା, ଯଦି ତାହା ତା'ପରଦିନ(ମଙ୍ଗଳବାର) ହିଁ ମୁଖ୍ୟସ୍ରୋତ ମୁଦ୍ରିତ ଖବରକାଗଜର ପ୍ରଥମ ପୃଷ୍ଠାର ଅର୍ଦ୍ଧାଧିକ ମଣ୍ଡନ କରି ନ ଥା'ନ୍ତା । ବସ୍ତୁତଃ ବିଜ୍ଞାପନଧର୍ମୀ ଏହି ଦେୟଯୁକ୍ତ ଖବରଟି ପ୍ରକାଶ ପାଇବା ପରେ ହିଁ ଅଧିକାଂଶ ପାଠକ ପ୍ରସଙ୍ଗର ଗୁରୁତ୍ୱ ବିଷୟରେ ଜାଣିବାକୁ ପାଇଛନ୍ତି । ପ୍ରସଙ୍ଗଟି ସାଧାରଣ ଲାଗୁଥିଲେ ମଧ୍ୟ କୋଟିକୋଟି ଟଙ୍କା ବ୍ୟୟରେ ଖବର-ବିଜ୍ଞାପନ ଆକାରରେ ରାୟଟିର ବିସ୍ତୃତ ବିବରଣୀ ପ୍ରକାଶିତ ହେବା ପଛରେ ଯେ ଏହାର ଅସାଧାରଣତା ଲୁଚି ରହିଛି, ତାହା ଅନସ୍ୱୀକାର୍ଯ୍ୟ ।

ଗତ ଜୁଲାଇ ମାସରେ ସାମାଜିକ ଗଣମାଧ୍ୟମରେ ଏକ ରିଲ୍ସ(ସୂଚନା) ପ୍ରସାରିତ ହୋଇଥିଲା, ଯେଉଁଥିରେ ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲା ଅଧୀନସ୍ଥ ଶିରୋଲ୍ ତାଲୁକାର ନନ୍ଦିନୀ ଗ୍ରାମରେ ଥିବା ଏକ ଜୈନ ମଠରେ ବହୁବର୍ଷ ଧରି ରହିଆସୁଥିବା ମହାଦେବୀ (ଡାକନାମ ମାଧୁରୀ) ନାମ୍ନୀ ହାତୀକୁ ବଳପୂର୍ବକ ଜନୈକ ବିଶିଷ୍ଟ ଶିଳ୍ପପତିଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାଣୀ ଉଦ୍ଧାର କେନ୍ଦ୍ର(ଅଭୟାରଣ୍ୟ)କୁ ନିଆଯାଉଥିବାର ଦୃଶ୍ୟ ସହିତ ଆଶ୍ରମବାସୀଙ୍କ ବିବଶତା, ଅନ୍ତେବାସୀଙ୍କ ମାଧୁରୀ ପ୍ରତି ସମବେଦନା ଜନିତ ଲୁହ ଓ କୋହର ଦୃଶ୍ୟ ଭରି ରହିଥିଲା । ସବୁଠାରୁ ହୃଦୟବିଦାରକ ଥିଲା ମାଧୁରୀର ଆଖିରୁ ଅନବରତ ଝରୁଥିବା ଲୁହ । ଘଟଣା ପଛର ପୃଷ୍ଠଭୂମି ଥିଲା ଏହିପରି - ମାଧୁରୀର ଚିକିତ୍ସା ଓ ଯତ୍ନ ଜରୁରୀ ଦର୍ଶାଇ ଏକ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ପଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବମ୍ବେ ଉଚ୍ଚ ନ୍ୟାୟାଳୟ ମାଧୁରୀକୁ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ମାଧୁରୀକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କାଏମ୍ ରଖିଥିଲେ ।

ମାଧୁରୀ ଅଞ୍ଚଳବାସୀଙ୍କ ଏତେ ପ୍ରିୟ ଥିଲା ଯେ ସମ୍ପୃକ୍ତ ଶିଳ୍ପପତିଙ୍କ ସମସ୍ତ ବ୍ୟବସାୟିକ ସଂସ୍ଥା ସହିତ ଆଖପାଖ ତିନି ଗ୍ରାମବାସୀ ଅସହଯୋଗ କରିବା ସହିତ ୩୦ ହଜାର ଲୋକ ୪୫ କିମି ବ୍ୟାପୀ ମାନବ ଶୃଙ୍ଖଳ ଓ ନିରବ ପଦଯାତ୍ରା କରିଥିଲେ । ମାତ୍ର ଚାରିଦିନ ମଧ୍ୟରେ ଦେଢ଼ ଲକ୍ଷ ମୋବାଇଲ୍ ଫୋନ୍ ଗ୍ରାହକ ସମ୍ପୃକ୍ତ ସଂସ୍ଥାର ସେବାରୁ ଓହରି ଆସିଥିଲେ । ଏହାପରେ ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଯାଇଥିଲା ଏବଂ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ଅବୈଧ ଦର୍ଶାଇ ତା'ର କାର୍ଯ୍ୟକଳାପ ଉପରେ କଟକଣା ଜାରି କରିବାକୁ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା । ଏପରିକି ପଶୁ ଅଧିକାର ପାଇଁ ଲଢୁଥିବା ସମ୍ପୃକ୍ତ ଆମେରିକୀୟ ବେସରକାରୀ ସଂସ୍ଥା ବିପୁଳ ଅର୍ଥଲୋଭରେ ମାଧୁରୀକୁ ସ୍ଥାନାନ୍ତର କରିବା ପାଇଁ ମସୁଧା କରିଥିବା ଅଭିଯୋଗ ଆସିଥିଲା ଏବଂ ସଂସ୍ଥାର ଭାରତୀୟ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ମଧ୍ୟ ଜନମତ ସୃଷ୍ଟି ହୋଇଥିଲା । ମାଧୁରୀକୁ ପୁଣି ଆଶ୍ରମକୁ ଫେରାଇ ଆଣିବା ଲାଗି୨ ଲକ୍ଷ ଦସ୍ତଖତ ସଂଗ୍ରହ କରାଯାଇଥିଲା ।

ଘଟଣା ସମ୍ପର୍କରେ ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ତଥ୍ୟ ସଂଗ୍ରହ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍ଆଇଟି) ଗଠନ କରିଥିଲେ । ଏସ୍ଆଇଟିର ରିପୋର୍ଟ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ଅଭୟାରଣ୍ୟର ପ୍ରତିଷ୍ଠା, କାର୍ଯ୍ୟକଳାପ ଓ ଲକ୍ଷ୍ୟକୁ ତ୍ରୁଟିଶୂନ୍ୟ ଓ ସର୍ବଆଇନ ସମ୍ମତ ଦର୍ଶାଇଛନ୍ତି । ତେଣୁ ସ୍ୱାଭାବିକ ଭାବେ ସମ୍ପୃକ୍ତ ଶିଳ୍ପପତି ନିଜ ଉପରେ ଆସିଥିବା ଅଭିଯୋଗର ବହୁ ପ୍ରଶ୍ନବାଣରୁ ମୁକ୍ତ ହେବାର ଆନନ୍ଦ ଗଣମାଧ୍ୟମ ଜରିଆରେ ପ୍ରକାଶ କରିଛନ୍ତି ।

ସମ୍ପୃକ୍ତ ପଶୁ ଅଧିକାର ସଂଗଠନର ଅଭିଯୋଗ ଅନୁଯାୟୀ ମାଧୁରୀକୁ ଅତି ଅମାନବୀୟ ଭାବେ ୨୦୧୨ରୁ ୨୦୨୩ ମଧ୍ୟରେ ମହାରାଷ୍ଟ୍ରରୁ ତେଲେଙ୍ଗାନାକୁ ବିନା ବିଭାଗୀୟ ଅନୁମତିରେ ୧୩ ଥର ବ୍ୟବସାୟିକ ଉଦ୍ଦେଶ୍ୟରେ ଚଲାଇ ଚଲାଇ ନିଆଯାଇଛି । ୨୦୧୭ରେ ମାଧୁରୀ ଗୁରୁତର ହେବା ପରେ ତା'ର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା । ୨୦୨୩ ଜାନୁଆରୀ ମାସରେ ତେଲେଙ୍ଗାନାର ଜଙ୍ଗଲ ବିଭାଗ ବନ୍ୟଜନ୍ତୁ(ସୁରକ୍ଷା) ଆଇନ୍ ୧୯୭୨ ଅନୁଯାୟୀ ସମ୍ପୃକ୍ତ ଜୈନ ମଠ ବିରୋଧରେ ଏକ ଅଭିଯୋଗ ଦାଖଲ କରିଥିଲା । ସମ୍ପୃକ୍ତ ବେସରକାରୀ ସଂସ୍ଥା ମାଧୁରୀର ଗୁରୁତର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ୨୦୨୩ ଅକ୍ଟୋବର ମାସରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଆଗରେ ଅଭିଯୋଗ ପରେ ୨୦୨୩ ଅଗଷ୍ଟରେ ଏକ ଡାକ୍ତରୀ ଦଳ ପରୀକ୍ଷା କରି ମାଧୁରୀର ପାଦ ଓ ଗୋଡ଼ରେ ଘା' ହୋଇଥିବା ଏବଂ ସେ ମାନସିକ ଅବସାଦ ଭିତରେ ଥିବା ରିପୋର୍ଟ ଦେଇଥିଲେ । ଏହି ରିପୋର୍ଟ ଆଧାରରେ ମାଧୁରୀର ଚିକିତ୍ସା ପାଇଁ କର୍ତ୍ତୃପକ୍ଷ ଆଶ୍ରମକୁ ତିନିମାସ ସମୟ ଦେଇଥିଲେ । ନଭେମ୍ବର ୨୦୨୪ରେ ପୁନଃ ଯାଞ୍ଚ ବେଳେ ଜଣାପଡ଼ିଲା ଯେ ଆଶ୍ରମ ପକ୍ଷରୁ ମାଧୁରୀର ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତର ଅବହେଳା ପ୍ରଦର୍ଶନ କରାଯାଇଛି । ସେହି ସମୟ ମଧ୍ୟରେ ମାଧୁରୀକୁ ଦୁଇଦୁଇ ଥର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ପୁଣି ମୂଳ ଆଶ୍ରମକୁ ଫେରାଇ ଅଣାଯାଇଥିଲା । ଶେଷରେ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ମାଧୁରୀର ସ୍ଥାନାନ୍ତର ପାଇଁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ।

ଯଦି ଡାକ୍ତରୀ ଦଳ ଓ ଏସ୍ଆଇଟି ରିପୋର୍ଟ ଆଧାରରେ ସମ୍ପୂର୍ଣ୍ଣ ଘଟଣାକୁ ତର୍ଜମା କରାଯାଏ ତେବେ ସାମାଜିକ ଗଣମାଧ୍ୟମରେ ମାଧୁରୀ ପ୍ରତି ସମ୍ବେଦନଶୀଳତା ଆଳରେ ସମ୍ପୃକ୍ତ ଶିଳ୍ପପତିଙ୍କ ବିରୋଧରେ କେବଳ ଏକ ଉଚ୍ଚାଟ ସୃଷ୍ଟି କରାଯାଇଥିଲା ବୋଲି କୁହାଯାଇପାରେ । ଅପରପକ୍ଷରେ ଯଦି ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ବିଶ୍ୱାସକୁ ନିଆଯାଏ ତେବେ ଆମ ବ୍ୟବସ୍ଥାରେ ଅର୍ଥ ଓ ପ୍ରତିପତ୍ତିର ପ୍ରଭାବକୁ ସ୍ୱୀକାର କରିବାକୁ ପଡ଼ିବ । ଅର୍ଥ, ପ୍ରତିପତ୍ତି ଓ ଛଦ୍ମ ଭାବାବେଗର ପ୍ରଚାରପ୍ରସାରର ଏହି ଲୁଚକାଳି ଖେଳରେ ବିଚରା ମାଧୁରୀ କିନ୍ତୁ ମୋହରା ହୋଇସାରିଛି । ତା' ଆଖିରୁ ଝରୁଥିବା ଲୁହ ଆଶ୍ରମରୁ ବିଦାୟ ଜନିତ ଭାବପ୍ରବଣତା କିମ୍ବା ଶ୍ରମକ୍ଳାନ୍ତ ଜନିତ ଦୁଃଖ ଲାଘବର ଆନନ୍ଦାଶ୍ରୁ ତାହା ବୁଝିବାର ଶକ୍ତି ମଣିଷର ନାହିଁ । ଅର୍ଥ ଓ ପ୍ରତିପତ୍ତି ଆଗରେ ଭାବପ୍ରବଣତା ବିବଶ ହୋଇଛି ନା ଭକ୍ତି, ପରମ୍ପରାର ରୁଢ଼ିବାଦରେ ପଶୁମନର ଭାବ ବୁଝିବାରେ ଅବହେଳା ହୋଇଛି ତା'ର ଉତ୍ତର ଖୋଜି ପାଇବା ଆମ ବ୍ୟବସ୍ଥାରେ ନାହିଁ । ବାସ୍ତବତା ଓ ଛଳନାକୁ ବୁଝିପାରୁଥିବା ମାଧୁରୀ ହିଁ କହିପାରନ୍ତା ତା' କୋହ ଓ ଲୁହ ପଛର କାରଣ ଓ କାହାଣୀ ।

## 'ଜେନ୍ ଜେଡ୍'ଙ୍କ ଈପ୍ସିତ ବିଶ୍ୱ

ଡ. ବିମଳ ଷଡ଼ଙ୍ଗୀ

୨୦୨୫ମସିହା ସେପ୍ଟେମ୍ବର ମାସର ପ୍ରାରମ୍ଭରେ ନେପାଳରେ ଶାସକ ବିରୋଧୀ ହିଂସାତ୍ମକ ଆନ୍ଦୋଳନରେ 'ଜେନ୍ ଜେଡ୍'ଙ୍କ ଭୂମିକା ସାରା ବିଶ୍ୱରେ ଚର୍ଚ୍ଚାକୁ ଆସିଛି । ତେବେ ଏ 'ଜେନ୍ ଜେଡ୍' କିଏ ଓ ସେମାନେ କାହିଁକି ଏପରି ପଦକ୍ଷେପ ନେଲେ ତାହା ଆଲୋଚନାସାପେକ୍ଷ । ବିଶ୍ୱରେ ୧୯୯୭-୨୦୧୨ମସିହା ମଧ୍ୟରେ ଜନ୍ମିତ ଯୁବବର୍ଗଙ୍କୁ 'ଜେନ୍ ଜେଡ୍' ବା 'ଜେଡ୍ ଜେନେରେସନ' କୁହାଯାଉଛି । ସେହି ସମୟରେ ଜନ୍ମିତ ପିଲାମାନେ ବହୁତ ସଂବେଦନଶୀଳ ଓ ଇଣ୍ଟରନେଟ ବ୍ୟବହାରରେ କୁଶଳୀ । ସେମାନେ ଏପରି ଏକଯୁଗରେ ଜନ୍ମିତ, ଯାହା ସେମାନଙ୍କୁ ପ୍ରତିକ୍ଷଣରେ ଇଣ୍ଟରନେଟ, କୃତ୍ରିମ ବୁଦ୍ଧିମତ୍ତା ଆଦି ବିକଶିତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସଶକ୍ତ କରିଥାଏ । ସେମାନେ ମୁଖ୍ୟତଃ ସାମାଜିକ ଗଣମାଧ୍ୟମ ଦ୍ୱାରା ଜଳବାୟୁ ପରିବର୍ତ୍ତନ, ଦୁର୍ନୀତି, ବେକାରୀ, ବେରୋଜଗାରୀ, ସମାଜର ଅସମାନତା ଏବଂ ପ୍ରଦୂଷଣ ଭଳି ସମସ୍ୟାଗୁଡ଼ିକୁ ଅତି କମସମୟରେ ଖୁବ ନିକଟରୁ ଅନୁଭବ କରନ୍ତି । ସେଥିପାଇଁ ସେମାନେ ଏକ ସ୍ୱଚ୍ଛ, ନିରପେକ୍ଷ ଓ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ଦୃଢ଼ ଆଶା ରଖିଥିବା ଏକ ପିଢ଼ି ଭାବରେ ପରିଚିତ ।

୧୯୯୦ଦଶକ ପୂର୍ବରୁ ଯେତେବେଳେ ସାମାଜିକ ଗଣମାଧ୍ୟମ ବୋଲି କିଛି ନ ଥିଲା, ସେତେବେଳେ କୌଣସି ଘଟଣା ବା ଦୁର୍ଘଟଣାକୁ ଆମେମାନେ ବହୁତ ପରେ ଜାଣିବାକୁ ପାଉଥିଲେ । ମାତ୍ର 'ଜେନ୍ ଜେଡ୍' ବର୍ଗର ପିଲାମାନେ ଖୁବକମ୍ ସମୟ ମଧ୍ୟରେ ସାରା ବିଶ୍ୱ କିପରି ପରିଚାଳିତ ହେଉଛି ତାହା ଜାଣିବାକୁ ସକ୍ଷମ ହେଉଛନ୍ତି । ଯାହାଫଳରେ ଅତିଶୀଘ୍ର ପ୍ରତ୍ୟେକ କାର୍ଯ୍ୟକୁ ତୁଳନା କରିବାକୁ ସେମାନେ ପଛାଉନାହାନ୍ତି । କେଉଁମାନେ ଅନ୍ୟାୟ କରି ଟଙ୍କା ଠୁଳ କରୁଛନ୍ତି, କେଉଁମାନେ ଶିକ୍ଷା ବ୍ୟବସାୟ ନାମରେ ସାରା ଦେଶକୁ ଲୁଟି ଦେଶର ଭବିଷ୍ୟତଙ୍କୁ ବିନା ଶିକ୍ଷାରେ ଖାଲି ସାର୍ଟିଫିକେଟ ବିକୁଛନ୍ତି, କେଉଁମାନେ ସ୍ୱାସ୍ଥ୍ୟ ବ୍ୟବସାୟରେ ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରୁଛନ୍ତି, କେଉଁମାନେ ଜାଲିଆତି କରି କିଣା ପିଏଚଡି ଡିଗ୍ରୀ ସହିତ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ହୋଇଛନ୍ତି, ଜାଲ ସାର୍ଟିଫିକେଟ ଧାରଣ କରି ଶିକ୍ଷକତା କରୁଛନ୍ତି, କେଉଁମାନେ ଜନତାଙ୍କ ଟଙ୍କାରେ ବିଦେଶ ବୁଲି, ନିଜ ପିଲାଙ୍କୁ ବିଦେଶରେ ପାଠ ପଢ଼ାଇ ଭଲ ଚାକିରି ହାତେଇବାକୁ ସକ୍ଷମ ହେଉଛନ୍ତି, କେଉଁମାନେ ଭ୍ରଷ୍ଟାଚାର ଲିପ୍ତ ହୋଇ ନିଜ ପରିବାରକୁ ଭଲରେ ରଖୁଛନ୍ତି, ଅଥଚ ସାଧାରଣ ବ୍ୟକ୍ତି ଅନାହାରରେ ମରୁଛନ୍ତି, କେଉଁମାନେ ଦେଶର ଖଣି ଖାଦାନ ଲୁଟ କରୁଛନ୍ତି ଆଦି ସମ୍ବାଦ ତୀବ୍ର ଅସନ୍ତୁଷ୍ଟ ଓ ବିବ୍ରତ କରୁଛି ଏବଂ ବେଳେ ବେଳେ ତାହା ବିସ୍ଫୋରକର ରୂପ ନେଉଛି । ନେପାଳରେ ଏବେ ତାହା ହିଁ ଘଟିଛି ।

ପୂର୍ବ ପିଢ଼ି ଅପେକ୍ଷା 'ଜେନ୍ ଜେଡ୍' ଅଧିକ ଶିକ୍ଷିତ ଓ ସଚେତନ । ବିଶ୍ୱ ଜଳବାୟୁ ଆନ୍ଦୋଳନରେ ଗ୍ରେଟା ଥନବର୍ଗଙ୍କ ପରି ଅଭିଯାନ ସେମାନଙ୍କୁ ଏକ ସ୍ୱଚ୍ଛ ବିଶ୍ୱସୃଷ୍ଟି ପାଇଁ ଦୃଢ଼ ଭାବରେ ପ୍ରଭାବିତ କରିଛି । ସେମାନେ କେବଳ ଅଭିଯୋଗ କରନ୍ତି ନାହିଁ ସଚେତନତା ବୃଦ୍ଧି କରିବା, ଅଭିଯାନ ଆୟୋଜନ କରିବା ଏବଂ ପରିବର୍ତ୍ତନ ପାଇଁ ଚାପ ପକାଇବା ପାଇଁ ସାମାଜିକ ଗଣମାଧ୍ୟମ ଓ ନବସୃଜନର ବ୍ୟବହାର କରନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ ପ୍ରଯୁକ୍ତିବିଦ୍ୟା ସହିତ ଏକ ସ୍ୱଚ୍ଛ ଓ ଅଧିକ ନୈତିକ ସମାଜର ଗଠନ ସମ୍ଭବ । ସେଥିପାଇଁ ଯେତେବେଳେ ନେପାଳରେ ସାମାଜିକ ଗଣମାଧ୍ୟମକୁ ବନ୍ଦ କରାଯାଇଥିଲା ସେତେବେଳେ ସେମାନେ ଭାବିଥିଲେ ଯେ ସେମାନଙ୍କ ସ୍ୱରକୁ ଚାପିବାର ଉଦ୍ୟମ ହୋଇଛି ।

ଅରପପକ୍ଷରେ ଯେତେବେଳେ ସେମାନେ ଅନୁଭବ କରିବେ ଯେ ଆଜିର ମାତ୍ରାଧିକ ସାମାଜିକ ଗଣମାଧ୍ୟମ ସେମାନଙ୍କ ଜୀବନପ୍ରତି ବିପଦ, ସେତେବେଳେ ନୂଆ ରୂପରେ ବିଦ୍ରୋହ ଆସିପାରେ । ଯେପରି ନେପାଳ ସରକାର ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ସାମାଜିକ ଗଣମାଧ୍ୟମ ପ୍ରତିବନ୍ଧକକୁ ଉଠାଇ ଦେଇଥିଲେ ଏବଂ ଭାବିଥିଲେ 'ଜେନ୍ ଜେଡ୍' ଗୋଷ୍ଠୀ ଶାନ୍ତ ହୋଇଯିବେ । ମାତ୍ର ତାହା ହୋଇନଥିଲା । କାରଣ ଅଧିକାଂଶ ନେପାଳୀ ଯୁବକ ଓ ଯୁବତୀ ଯେତେବେଳେ କୌଣସି ରୋଜଗାର ମାଧ୍ୟମ ପାଇବାକୁ ଏବଂ ବଞ୍ଚିବାକୁ ସଂଘର୍ଷ କରିବା ସହିତ ଘୋର ଆର୍ଥିକ ସଙ୍କଟରେ କାଳାତିପାତ କରୁଥିଲେ, ସେତେବେଳେ ଧନୀ ଓ ଆର୍ଥିକ ସମ୍ବଳ ଥିବା ପିତାମାତାଙ୍କ, ବିଶେଷକରି ଚଳଚ୍ଚିତ୍ର, ସଙ୍ଗୀତ, ରାଜନୀତି କିମ୍ବା ବ୍ୟବସାୟ ଭଳି ଶିଳ୍ପର ମାଲିକମାନଙ୍କ ସନ୍ତାନସନ୍ତତିମାନେ ଖୁବ ଆୟସରେ ଜୀବନ ବିତାଉଥିଲେ । ଏ ସବୁ ମଧ୍ୟ 'ଜେନ୍ ଜେଡ୍' ବର୍ଗ ସାମାଜିକ ଗଣମାଧ୍ୟମ ଜରିଆରେ ଜାଣିପାରୁଥିଲେ । ତେଣୁ ସାମାଜିକ ଗଣମାଧ୍ୟମ ନିଷେଧକୁ 'ଜେନ୍ ଜେଡ୍' ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଦୁର୍ନୀତି ଓ ଅସମାନତାକୁ ପ୍ରକାଶ କରିବାର କ୍ଷମତା ଉପରେ ଆକ୍ରମଣ ଭାବରେ ଦେଖିଥିଲେ । ଯାହାଫଳରେ ସେମାନଙ୍କ ମନରେ କ୍ରୋଧ ଜାତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ତାହା ଗଣଆନ୍ଦୋଳନରେ ପରିଣତ ହୋଇଥିଲା ।

ବାଂଲାଦେଶ, ଶ୍ରୀଲଙ୍କା ପରେ ନେପାଳର ଘଟଣା ବର୍ତ୍ତମାନ ସମୟର ଭ୍ରଷ୍ଟାଚାର, ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ, ପରିବେଶ ସମସ୍ୟା, ବେରୋଜଗାରୀ, ବେକାରୀ, ପୋଷଣ ବିହୀନ ଖାଦ୍ୟର ଅଭାବ ଆଦି ସାମାଜିକ ବ୍ୟବାସ୍ଥା ବିରୁଦ୍ଧରେ 'ଜେନ୍ ଜେଡ୍' ଯୁବପିଢ଼ିଙ୍କ ଏକ ଯୁଦ୍ଧ କହିଲେ ଭୁଲ ହେବନାହିଁ । ଯଦି କେହି ଦୁର୍ନୀତିକୁ ସମାଧାନ କରିବା ପରିବର୍ତ୍ତେ କ୍ରୋଧକୁ ଚୁପ୍ କରିବାକୁ ଚେଷ୍ଟା କରନ୍ତି ତା'ହେଲେ ନେପାଳ ଅବସ୍ଥା ଅନ୍ୟରାଷ୍ଟ୍ରରେ ହୋଇପାରେ ବୋଲି ସେମାନେ ସାରା ବିଶ୍ୱକୁ ଏକ ବାର୍ତ୍ତା ମାଧ୍ୟମରେ ଚେତାଇ ଦେଇଛନ୍ତି । ବୃଦ୍ଧି ପାଉଥିବା ପ୍ରଦୂଷଣ ସ୍ତର, ପ୍ଲାଷ୍ଟିକର ଅଧିକ ବ୍ୟବହାର, ବେକାରୀ, ପୋଷଣଯୁକ୍ତ ଖାଦ୍ୟର ଅଭାବ, ଦରଦାମ ବୃଦ୍ଧି, ଶିକ୍ଷାର ଘରୋଇକରଣ, ବ୍ୟୟବହୁଳ ସ୍ୱାସ୍ଥ୍ୟସେବା, ଦୁର୍ନୀତି, ଖଣି ଖଦାନ ମାଧ୍ୟମରେ ଦେଶର ଅର୍ଥ ଲୁଟ ଏବଂ ପରିବେଶଗତ ସମସ୍ୟା ସହିତ ଅଳ୍ପସଂଖ୍ୟକ ଖଳବ୍ୟକ୍ତିଙ୍କର ପରିବାର ରାଜକୋଷ ଲୁଟ୍ କରି ଆୟସରେ ଜୀବନଯାପନ ସେମାନଙ୍କ ଭବିଷ୍ୟତକୁ ସିଧାସଳଖ ପ୍ରଭାବିତ କରିଥିଲା । ସେମାନେ କେବଳ ନିଜ ପାଇଁ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ମଧ୍ୟ ଏକ ସ୍ୱଚ୍ଛ ପରିବେଶ ଓ ସମାଜ ଚାହିଁଥିଲେ ।

'ଜେନ୍ ଜେଡ୍' ସାମାଜିକ ବ୍ୟବସ୍ଥା ଏବଂ ସ୍ୱଚ୍ଛତାର ଅଭାବ ଥିବା ବ୍ୟବସ୍ଥାକୁ ପ୍ରଶ୍ନ କରିବାକୁ ବ୍ୟଗ୍ର ରହିଥା'ନ୍ତି । ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ସମାଜର ଅର୍ଥ ହେଉଛି ସାର୍ବଜନୀନ ଜୀବନରେ ସଚ୍ଚୋଟତା ଏବଂ ପ୍ରତିଷ୍ଠାନରେ ନିରପେକ୍ଷତା । ଏହି କାରଣରୁ ଦୁର୍ନୀତି ବିରୁଦ୍ଧରେ ଆନ୍ଦୋଳନ ଏବଂ ଦାୟିତ୍ୱ ପାଇଁ ଦାବି ନେପାଳରେ ଛାତ୍ରଛାତ୍ରୀ, ଯୁବକମାନେ ବୟସ୍କଙ୍କଠାରୁ ଦୃଢ଼ ସମର୍ଥନ ପାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, 'ଜେନ୍ ଜେଡ୍' ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏବଂ ସମାଧାନ-ମୁଖୀ । ଯେଉଁ ବ୍ୟକ୍ତି ମୋବାଇଲ, କମ୍ପ୍ୟୁଟର, ଇଣ୍ଟରନେଟ୍, ଡିଜିଟାଲ ଉପକରଣ ବାବଦରେ ଜ୍ଞାନୀ ଏବଂ ସେଗୁଡ଼ିକୁ ସହଜରେ ବ୍ୟବହାର କରିପାରେ, ନୂଆ-ନୂଆ ଟେକ୍ନୋଲୋଜିକୁ ଗ୍ରହଣ କରିପାରେ ଏବଂ ଯେଉଁ ବ୍ୟକ୍ତି ସମସ୍ୟାରେ ବୁଡ଼ିରହିବା ଅପେକ୍ଷା ସମାଧାନ ଖୋଜିବାକୁ ଧ୍ୟାନ ଦେଇଥାଏ ସେମାନେ ହିଁ ପରିବର୍ତ୍ତନ ଆଣିପାରିବେ ।

'ଜେନ୍ ଜେଡ୍' କେବଳ ଅଭିଯୋଗ କରନ୍ତି ନାହିଁ ଉପାୟ ମଧ୍ୟ ଦେଇଥା'ନ୍ତି । ଆବର୍ଜନାର ପୃଥକୀକରଣ ଅଭିଯାନ ହେଉ, ସମାଜ ସଚେତନତା କାର୍ଯ୍ୟକ୍ରମ ହେଉ କିମ୍ବା ଅନଲାଇନର ବ୍ୟବହାର ହେଉ, ସବୁକ୍ଷେତ୍ରରେ ସମସ୍ୟା ସମାଧାନରେ ସେମାନେ ପାରଙ୍ଗମ । ସେମାନେ ବିଶ୍ୱାସ କରିଥିଲେ ଯେ ପ୍ରଯୁକ୍ତିବିଦ୍ୟା ପ୍ରକୃତ ପରିବର୍ତ୍ତନ ଆଣିପାରେ, ଏକ ସୁସ୍ଥ ସମାଜ ଗଢିବାରେ ସହାୟକ ହୋଇପାରେ । କିନ୍ତୁ ବର୍ତ୍ତମାନର ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟିକ, ରାଜନୈତିକ, ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ଯେପରି ଭାବରେ ଦ୍ରୁତ ଅବକ୍ଷୟ ଘଟିଚାଲିଛି, ତାହାକୁ ସେମାନେ ଖୁବ ସମ୍ବେଦନଶୀଳ ଭାବରେ ପର୍ଯ୍ୟବେକ୍ଷଣ କରୁଛନ୍ତି । ସମୟ ପୂର୍ବରୁ ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଉତ୍ତମ ଶିକ୍ଷାବ୍ୟବସ୍ଥା, ସୁଲଭ ସ୍ୱାସ୍ଥ୍ୟ ସେବା, ପ୍ରଦୂଷଣ ମୁକ୍ତ ପରିବେଶ, ରୋଜଗାର ମାଧ୍ୟମ, ସମାଜବାଦୀ କାର୍ଯ୍ୟକ୍ରମ, ପୋଷଣ ଯୁକ୍ତ ଖାଦ୍ୟବ୍ୟବସ୍ଥା, ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ଆଦି ପ୍ରଚଳିତ ନହେଲେ ଖୁବ ଶୀଘ୍ର ସାରା ବିଶ୍ୱରେ ଏକ ନୂତନ ସମୀକରଣ ସୃଷ୍ଟି ହେବ, ଯାହାକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ । କାରଣ ବିଶ୍ୱର ଭବିଷ୍ୟତର ମାଲିକ 'ଜେନ୍ ଜେଡ୍' ପିଢ଼ି ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ଡିଜିଟାଲ୍ ସହାନୁଭୂତି

ଡ. ସନ୍ତୋଷ କୁମାର ବିଶ୍ୱାଳ

ଏହା କହିବା ପାଇଁ ପର୍ଯ୍ୟାପ୍ତ ଯେ ସାରାବିଶ୍ୱକୁ ଏବେ ସହାନୁଭୂତି ଓ ଆରୋଗ୍ୟର ଆବଶ୍ୟକତା ଅଛି । ବିଶ୍ୱ ଏବେ ବିଭାଜନ, ଦ୍ୱନ୍ଦ୍ୱ ଓ ସଂଘର୍ଷ ଦେଇ ଗତି କରୁଛି, ଯାହା ବୁଝାମଣା ଓ କରୁଣାର ଅଭାବରୁ ସୃଷ୍ଟି ହୋଇଛି । ୟୁକ୍ରେନରେ ରୁଷିଆ ଆକ୍ରମଣ ହେଉ କିମ୍ବା ନୂଆଦିଲ୍ଲୀର ଅନେକ ସ୍କୁଲକୁ ସମ୍ପ୍ରତି ବୋମା ଧମକ କିମ୍ବା ଦିଲ୍ଲୀରେ ବୁଲା କୁକୁରଙ୍କ ଉପରେ ଭାରତର ସୁପ୍ରିମକୋର୍ଟଙ୍କ ରାୟ । ଏସବୁ ଘଟଣା ଏହି ବର୍ଷରେ ଘଟିଛି ।

ନୂଆଦିଲ୍ଲୀରେ ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ଚତୁର୍ଥ ଥର ପାଇଁ ଅନେକ ସ୍କୁଲକୁ ବୋମା ଧମକ ଦିଆଯାଇଥିଲା, ଯାହା ଫଳରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସତର୍କତା ଏବଂ ସୁରକ୍ଷା ବୃଦ୍ଧି କରାଯାଇଥିଲା । ଯଦିଓ ବୋମା ଧମକ ଏକ ମିଥ୍ୟା ସତର୍କତା ବୋଲି ଜଣାପଡ଼ିଥିଲା, ଆଇନ ପ୍ରବର୍ତ୍ତନ ଏବଂ ଜନ ସୁରକ୍ଷା ଅଧିକାରୀମାନେ ପ୍ରତ୍ୟେକ ବୋମା ଧମକ ଉପରେ ତତ୍ପରତାର ସହିତ କାର୍ଯ୍ୟ କରିଥିଲେ । ଏହି ଧମକଗୁଡ଼ିକୁ ନେଇ ସର୍ବସ୍ତରୀୟ ନିନ୍ଦା ପ୍ରକାଶ ହୋଇଛି ଏବଂ ଏହା ଜାତୀୟ ମନୋବିକାଶର ଆକାର ନେଇ ସୋସିଆଲ ମିଡିଆରେ ସହାନୁଭୂତି ପ୍ରକାଶ କରୁଥିବା ପୋଷ୍ଟରେ ଭରି ରହିଛି ।

ନେଟିଜେନ୍‌ମାନେ ସୋସିଆଲ ମିଡିଆ ମାଧ୍ୟମରେ ସେମାନଙ୍କର ଭାବନା ପ୍ରକାଶ କରୁଛନ୍ତି । ଅଧିକାଂଶ କ୍ରୋଧ ଓ ସହାନୁଭୂତି ପ୍ରକାଶ କରୁଛି, ଯାହା ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ସାମୂହିକ ପ୍ରତିକ୍ରିୟାକୁ ଆକାର ଦେଇଛି । ସଂଘର୍ଷକୁ ସାବଧାନତାର ସହିତ ପରିଚାଳନା କରିବାର ଅଭ୍ୟାସ, ଡିଜିଟାଲ୍ କ୍ଲାନ୍ତି ବିଷୟରେ ସଚେତନତା ଏବଂ ଡିଜିଟାଲ୍ ସମ୍ପ୍ରେଷଣରେ ନିଜ ପ୍ରତି ସହାନୁଭୂତି ଏହି ସବୁକିଛି ଡିଜିଟାଲ୍ ସହାନୁଭୂତିକୁ ସମର୍ଥନ କରିବାର ସର୍ବୋତ୍ତମ ମାନକ ବୋଲି ଗ୍ରହଣ କରାଯାଇଛି । ଏହା ଡିଜିଟାଲ୍ ମିଡିଆ ସାକ୍ଷରତାର ଆବଶ୍ୟକତାକୁ ସ୍ପଷ୍ଟ କରେ । ଡିଜିଟାଲ୍ ସହାନୁଭୂତି ଓ ସମ୍ମିଶ୍ରଣ ସଂସ୍କୃତି ସହିତ ଜଡ଼ିତ, ଯାହା ଲୋକମାନଙ୍କର ମାଧ୍ୟମ ସହିତ ସମ୍ପର୍କରେ ଏକ ପରିବର୍ତ୍ତନକୁ ପ୍ରକାଶ କରେ । ସମବେଦନା ଖୋଜିବା ପାଇଁ ସୋସିଆଲ ମିଡିଆର ବୃଦ୍ଧି ମଧ୍ୟରେ ଆଧୁନିକ ଜୀବନଶୈଳୀ ଆମକୁ ଆମ ଡିଜିଟାଲ ଜୀବନରେ ଡିଜିଟାଲ ସହାନୁଭୂତି ଖୋଜିବାକୁ ବାଧ୍ୟ କରିଛି । ଦିଲ୍ଲୀର ବୁଲା କୁକୁର ନୀତି ପରିବର୍ତ୍ତନ ପରେ, ଡିଜିଟାଲ୍ ସହାନୁଭୂତି ନୂଆ ଦୃଷ୍ଟିକୋଣ ସହିତ ପ୍ରମୁଖ ହୋଇଥିଲା । ଡିଜିଟାଲ ଦୃଶ୍ୟରେ କିଛି ରାଜନେତାଙ୍କ ମତ ବିଭାଜିତ ହୋଇଥିଲା । ନେଟିଜେନମାନେ ସାର୍ବଜନୀନ ସୁରକ୍ଷା ଏବଂ ପଶୁକଲ୍ୟାଣର ଆଲୋଚନାରେ ନିୟୋଜିତ ଥିଲେ ।

ଡିଜିଟାଲ୍ ସାର୍ବଜନୀନ କ୍ଷେତ୍ରରେ ସମାନ ପ୍ରକାରର ସମବେଦନା ଦେଖାଯାଇଛି । ଏହି ବର୍ଷ ଆରମ୍ଭରେ ବେଙ୍ଗାଲୁରୁର ଜଣେ ପିତା ଏବଂ ୟୁଆଣ୍ଡଆଇର ସହପ୍ରତିଷ୍ଠାତା ଅଜିତ ଶିବରାମ, ଯିଏ ଶିକ୍ଷା ଓ ଅବହେଳିତ ପିଲାମାନଙ୍କ ପ୍ରତି ତାଙ୍କର ସମର୍ପଣ ପାଇଁ ଜଣାଶୁଣା, ଲିଙ୍କଡିନ୍‌ରେ ଏକ ପୋଷ୍ଟ ଲେଖିଥିଲେ ଯେ ଭାରତରେ ଝିଅମାନଙ୍କୁ ପାଳନ ପୋଷଣ କରିବା ଏକ କ୍ରାନ୍ତିକାରୀ କାର୍ଯ୍ୟ । ଯେତେବେଳେ ମହାକୁମ୍ଭ ସାରା ବିଶ୍ୱରେ ଭକ୍ତ, ଦାର୍ଶନିକ ଓ ଗବେଷକଙ୍କ ଭିଡ଼ ଜମିଥିଲା, ସେତେବେଳେ ଆଇଆଇଟି ବମ୍ବେର ପୂର୍ବତନ ଛାତ୍ର ଅଭୟ ସିଂହ, ଯିଏ ବାୟୁମଣ୍ଡଳ ଇଞ୍ଜିନିୟରିଂରେ ନିଜ କ୍ୟାରିଅରକୁ ଛାଡ଼ି ଆଧ୍ୟାତ୍ମିକତାକୁ ଅନୁସରଣ କରିଛନ୍ତି, ତାଙ୍କର ବ୍ୟକ୍ତିଗତ ସଂଘର୍ଷ ଓ ସାଧନା ପଥଗୁଡ଼ିକୁ ସେୟାର କରିଥିଲେ, ଯାହା ସୋସିଆଲ ମିଡିଆ ଉପଭୋକ୍ତାମାନଙ୍କ ମଧ୍ୟରେ ସହାନୁଭୂତିପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିଥିଲା ।

ଯେତେବେଳେ ଆମର କାର୍ଯ୍ୟ ସମ୍ପର୍କ ସ୍କ୍ରିନ୍ ଦ୍ୱାରା ମଧ୍ୟସ୍ଥତାରେ ପରିଣତ ହୁଏ, ବ୍ୟକ୍ତିବିଶେଷମାନେ ସଚେତନ ଭାବରେ ନିଜର କାର୍ଯ୍ୟସ୍ଥଳରେ ସହକର୍ମୀମାନଙ୍କ ପାଇଁ ସହାନୁଭୂତି ପ୍ରକାଶ କରିବା ଦରକାର । ଆମେ ଏପରି ଏକ ଯୁଗରେ ଅଛୁ, ଯେଉଁଠାରେ ବୈଷୟିକ ଦକ୍ଷତା ଆବଶ୍ୟକ । କିନ୍ତୁ ସେମାନେ ନିଜେ ପର୍ଯ୍ୟାପ୍ତ ନୁହେଁ । ଭାବପ୍ରବଣ ବୁଦ୍ଧିମତ୍ତା, ବିଶେଷକରି ଡିଜିଟାଲ୍ ସହାନୁଭୂତି ପ୍ରଭାବଶାଳୀ ନେତୃତ୍ୱ ପାଇଁ ଏକ ମୁଖ୍ୟ କୌଶଳ ହୋଇଛି । କୋଭିଡ୍ ସମୟରେ ଏହିପ୍ରକାରର ସହାନୁଭୂତି ଖୁବ୍ ପ୍ରକାଶ ପାଇଥିଲା, ଯେତେବେଳେ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଭାବପ୍ରବଣ ସଂଯୋଗ, ମାନସିକ ସ୍ୱାସ୍ଥ୍ୟ ସହାୟତା ପାଇଁ ଏକ ମଧ୍ୟସ୍ଥତା ସ୍ଥାନରେ ପରିଣତ ହୋଇଥିଲା ।

ଭୌଗୋଳିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ କାରଣଗୁଡ଼ିକୁ ବିଚାର କରି ଡିଜିଟାଲ୍ ସହାନୁଭୂତିର ଅନ୍ତର୍ଦୃଷ୍ଟି, ପ୍ରକାଶନ ଓ ଅଭ୍ୟାସ ଭିନ୍ନ ହୁଏ । ଏହା ସ୍ପଷ୍ଟ ଭାବରେ ଗ୍ଲୋବାଲ୍ ଉତ୍ତର ଓ ଗ୍ଲୋବାଲ୍ ଦକ୍ଷିଣ ମଧ୍ୟରେ ଏକ ଦ୍ୱିଭାଜନ ସୃଷ୍ଟି କରେ । ଗ୍ଲୋବାଲ୍ ଉତ୍ତରରେ, ଡିଜିଟାଲ୍ ସହାନୁଭୂତି ଏକ ବ୍ୟକ୍ତିଗତ ପ୍ରକୃତିର ଥାଏ, ଯାହାର ବୃହତ ସାମାଜିକ ପ୍ରଭାବ ଥାଏ । ପ୍ରତିପକ୍ଷରେ, ଗ୍ଲୋବାଲ୍ ଦକ୍ଷିଣରେ ଏପରି ସହାନୁଭୂତି ସାଧାରଣତଃ ସମୁଦାୟକେନ୍ଦ୍ରିତ ଥାଏ, ଯାହା ପ୍ରଧାନତଃ ତତ୍କାଳିକ ଆବଶ୍ୟକତା ପୂରଣ ପାଇଁ ଏବଂ ପ୍ରାୟତଃ ଭିତ୍ତିଭୂମି ଚ୍ୟାଲେଞ୍ଜ ଏବଂ ସାମାଜିକ-ଆର୍ଥିକ ଅସମାନତା ଦ୍ୱାରା ସୃଷ୍ଟି ହୋଇଥିବା ବାଧା ହୁଏ ।

ଭାରତରେ ଡିଜିଟାଲ୍ ସହାନୁଭୂତି ଏବେ ବି ପ୍ରାରମ୍ଭିକ ଅବସ୍ଥାରେ ଅଛି । ଡିଜିଟାଲ୍ ସାର୍ବଜନୀନ କ୍ଷେତ୍ରରେ ମାନବୀୟ ସମ୍ପର୍କ ଓ ସମ୍ବେଦନଶୀଳତାକୁ ରକ୍ଷା କରିବା ପ୍ରାଥମିକତା ପାଇବା ଆବଶ୍ୟକ । ସେହି ସମୟରେ ଡିଜିଟାଲ୍ ବିଭାଜନକୁ ସମାଧାନ କରିବା, ସମାବେଶୀ ଓ ସୁରକ୍ଷିତ ସ୍ଥଳକୁ ପୁନଃକଳ୍ପନା କରିବା, ସାମାଜିକ ଉପକାର ପାଇଁ ଡିଜିଟାଲ୍ ସହାନୁଭୂତିକୁ ପ୍ରୋତ୍ସାହିତ କରିବା ଏବଂ ଆନ୍ତଃସଂସ୍କୃତି ସହାନୁଭୂତିକୁ ବୃଦ୍ଧି କରିବା ଆବଶ୍ୟକ ହୋଇଛି ।

(ସହଯୋଗୀ ପ୍ରାଧ୍ୟାପକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ)

ଭୁବନେଶ୍ୱର, ମୋ: ୮୩୩୧୮୧୪୫୮୨

## ବିଦୁର ଛତା-ମୂଳକ ଚୌରା ମଠ

ସ୍ୱପ୍ନେଶ୍ୱର

### ଲୋକକଥାରେ ଲୋକଦେବତା

ମହାଭାରତ ଯୁଦ୍ଧ ପୂର୍ବରୁ ଶେଷପ୍ରୟାସ ସ୍ୱରୂପ ଶ୍ରୀକୃଷ୍ଣ ଶାନ୍ତିଦୂତ ଭାବେ ହସ୍ତିନା ଦରବାରକୁ ଯାଇଥିବା ବେଳେ ମହାତ୍ମା ବିଦୁରଙ୍କ ଘରେ ବିନା ଡାକରାରେ ଅତିଥି ହୋଇ ଖାଇବାକୁ ପହଞ୍ଚି ଗଲେ । ବିଦୁର ଥିଲେ ସମ୍ପର୍କରେ ରାଜା ଧୃତରାଷ୍ଟ୍ରଙ୍କ ଭାଇ ଓ ହସ୍ତିନା ଦରବାରର ମହାମନ୍ତ୍ରୀ । ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରୁଥିଲେ ମଧ୍ୟ ସେ ରାଜକୋଷରୁ ପାରିଶ୍ରମିକ ବାବଦରେ କଡ଼ାଏ କଉଡ଼ି ଗ୍ରହଣ କରୁ ନ ଥିଲେ । ତେଣୁ ଅଭାବ ଅନଟନ ଭିତରେ ତାଙ୍କର ଜୀବନ ବିତୁଥିଲା । ଦ୍ୱାରକାଧୀଶଙ୍କ ପରି ଜଣେ ରାଜକୀୟ ଅତିଥିଙ୍କ ସତ୍କାରରେ ବିଦୁର ପତିପତ୍ନୀ ଅତ୍ୟନ୍ତ ଭକ୍ତି ସହକାରେ ତିନୋଟି ଖୁଦପିଠା ପରଶି ଦେଲେ । ଖୁଦପିଠା ଖାଇ ଶ୍ରୀକୃଷ୍ଣ ପରମ ତୃପ୍ତିଲାଭ କଲେ । ସେ ପିଠାର ସ୍ୱାଦରେ ମୁଗ୍ଧ ହୋଇ ବାରମ୍ବାର ଖାଇବା ପାଇଁ ତାଙ୍କ ମନରେ ଅଭିଳାଷ ସୃଷ୍ଟି ହେଲା । ଭକ୍ତ ବିଦୁର ମଧ୍ୟ ଶ୍ରୀକୃଷ୍ଣଙ୍କ ସନ୍ତୋଷ ଭାବ ଦେଖି ବାରମ୍ବାର ସେ ପିଠା ଖୁଆଇବା ପାଇଁ ଅଭିଳାଷ ପୋଷଣ କଲେ ।

ଦ୍ୱାପର ଯୁଗର ଅବସାନ ପରେ ଶ୍ରୀକୃଷ୍ଣ କଳି ଯୁଗରେ ଜଗନ୍ନାଥ ରୂପେ ନୀଳାଚଳରେ ଆବିର୍ଭୂତ ହେଲେ । ମହାତ୍ମା ବିଦୁର ତାଙ୍କର ପୂର୍ବଇଚ୍ଛା ଚରିତାର୍ଥ କରିବା ପାଇଁ ପୁଣି ଥରେ ନର ଦେହ ଧରି ଶ୍ରୀକ୍ଷେତ୍ରରେ ଆବିର୍ଭୂତ ହେଲେ । ସେ ସ୍ୱର୍ଗଦ୍ୱାର ନିକଟରେ ଏକ ଚଉରା ପାଖରେ ଗୋଟିଏ ଛତା ତଳେ ବାସ କଲେ ଏବଂ ତିନୋଟି ଖୁଦପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ସମର୍ପଣ କଲେ । ମହାପ୍ରଭୁ ଏ ପ୍ରକାର ମଉକାକୁ ଅପେକ୍ଷା କରିଥିଲେ । ତେଣୁ ସେ ବିଦୁରଙ୍କ ପାଖକୁ ଯାଇ ଖୁଦ ପିଠା ଭୋଜନ କରିବାକୁ ଲାଗିଲେ । ଏ ପଟେ ମହାପ୍ରଭୁଙ୍କ ମଣୋହି ପାଇଁ ସେବକମାନେ ଛପନଭୋଗ ବାଢ଼ିଲେ । କିନ୍ତୁ ସେତେବେଳେ ପ୍ରଭୁ ଶ୍ରୀମନ୍ଦିରରେ ଅନୁପସ୍ଥିତ ଥିବାରୁ ଚଳୁରେ ଦର୍ଶନ ଦେଲେ ନାହିଁ । କୌଣସି କାରଣରୁ ପ୍ରସାଦ ଅଶୁଦ୍ଧ ହୋଇଛି ବୋଲି ବିଚାର କରି ସେବକମାନେ ସେ ପ୍ରସାଦକୁ ପୋତି ଦେଇ ପୁଣି ନିଷ୍ଠାର ସହ ପ୍ରସାଦ ପ୍ରସ୍ତୁତ କଲେ । ପୁଣି ଥରେ ଧୂପ ବସିଲେ ମଧ୍ୟ ମହାପ୍ରଭୁ ଚଳୁରେ ଦର୍ଶନ ଦେଲେ ନାହିଁ । କଥାଟା ରାଜାଙ୍କ କାନକୁ ଗଲା । ପଣ୍ଡିତମାନଙ୍କ ସହ ବିଚାରବିମର୍ଶ ପରେ ମଧ୍ୟ ସେମାନେ କୌଣସି ନିର୍ଣ୍ଣୟରେ ପହଞ୍ଚି ପାରିଲେ ନାହିଁ ।

ଶ୍ରୀକ୍ଷେତ୍ରରେ ମୁଳକ ଦାସ ନାମରେ ଜଣେ ପରମ ଭକ୍ତ ସନ୍ନ୍ୟାସୀ ବାସ କରୁଥିଲେ । ମହାପ୍ରସାଦ ବିନା ସେ ଅନ୍ୟ କୌଣସି ଖାଦ୍ୟ ଗ୍ରହଣ କରୁ ନ ଥିଲେ । ଠାକୁର ଚଳୁରେ ଦର୍ଶନ ଦେଉ ନ ଥିବାରୁ ଖାଇବା ପାଇଁ ତାଙ୍କୁ ମହାପ୍ରସାଦ ମିଳିଲା ନାହିଁ । ଉପବାସ ରହି ସେ ଶଯ୍ୟାଶାୟୀ ହୋଇଗଲେ । ଦିନେ ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଲେ । ମୁଳକ ସ୍ୱପ୍ନରେ ଦେଖିଲେ ଯେ ସମୁଦ୍ର କୂଳରେ ଏକ ଛତା ତଳେ ବିଦୁରଙ୍କ ଦ୍ୱାରା ପ୍ରସ୍ତୁତ ତିନୋଟି ଖୁଦ ମହାପ୍ରଭୁ ପରମ ସନ୍ତୋଷରେ ଭୋଜନ କରୁଥିଲେ । ତେଣୁ ସେ ଚଳୁରେ ଦର୍ଶନ ଦେଉ ନ ଥିଲେ । ତା'ପର ଦିନ ମୁଳକ ଦାସ ମନ୍ଦିର ଯାଇ ସେବକମାନଙ୍କ ଆଗରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ । ବଡ଼ପଣ୍ଡାଙ୍କ ନେତୃତ୍ୱରେ କିଛି ସେବକ ସମୁଦ୍ର କୂଳକୁ ଯାଇ ଚଉରା ଆଢୁଆଳରେ ରହି ସମସ୍ତ କଥା ନିଜ ଆଖିରେ ଦେଖିଲେ ଏବଂ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନ ଲାଭ କରି କୃତ୍ୟକୃତ୍ୟ ହେଲେ ।

ତା' ପରଦିନ ବଡ଼ପଣ୍ଡା ଓ ପରିଚ୍ଛାମାନଙ୍କ ନିର୍ଦ୍ଦେଶରେ ସୁଆରମାନେ ବିଦୁରଙ୍କ ଖୁଦପିଠା ଅନୁରୂପ ତିନୋଟି ଖୁଦପିଠା ପ୍ରସ୍ତୁତ କରି ଧୂପରେ ସମର୍ପଣ କଲେ । ଆଶ୍ଚର୍ଯ୍ୟର ବିଷୟ ଯେ ଖୁଦ ପିଠା ପାଇଲା ପରେ ମହାପ୍ରଭୁ ଚଳୁରେ ଦର୍ଶନ ଦେଲେ ଏବଂ ମନ୍ଦିରର ନୀତିକାନ୍ତି ପୂର୍ବପରି ଚାଲିଲା । ରାଜା ଏ ଖବର ପାଇ ମହାତ୍ମା ବିଦୁରଙ୍କୁ ଦର୍ଶନ କରିବା ପାଇଁ ସମୁଦ୍ର କୂଳରେ ପହଞ୍ଚିଲେ । କିନ୍ତୁ ସେତେବେଳକୁ ଭକ୍ତ ବିଦୁର ଅନ୍ତର୍ହିତ ହୋଇ ଯାଇଥିଲେ । ସନ୍ନ୍ୟାସୀ ମୁଳକ ଦାସ ଏହି ସତ୍ୟ ଉଦ୍‌ଘାଟନ କରିଥିବାରୁ ରାଜା ତାଙ୍କୁ ସମ୍ବର୍ଦ୍ଧିତ କଲେ ଏବଂ ସେ ଯାଗାକୁ ତାଙ୍କୁ ଆଶ୍ରମ କରିବା ପାଇଁ ଦାନ କରିଦେଲେ ।

ମୁଳକ ଦାସ ଜଣେ ସିଦ୍ଧ ସାଧକ ଥିଲେ । ସେ ମହାତ୍ମା ବିଦୁରଙ୍କ ଭକ୍ତିର ପରାକାଷ୍ଠା ଜାଣିଥିଲେ । ତେଣୁ ସେ ରାଜା ପ୍ରଦତ୍ତ ଜମିରେ ଏକ ମଠ ନିର୍ମାଣ କରି ତା'ର ନାମ 'ବିଦୁର ଛତା ମଠ' ରଖିଲେ । ସେ ମଧ୍ୟ ବିଦୁରଙ୍କ ସ୍ମୃତିରକ୍ଷା କରି ଦୈନିକ ତିନୋଟି ଖୁଦ ପିଠା ତିଆରି କରି ମହାପ୍ରଭୁଙ୍କ ସମର୍ପଣ କରିବାକୁ ଲାଗିଲେ । ମଠଟି ସନ୍ଥ ମୁଳକ ଦାସ ନିର୍ମାଣ କରିଥିବାରୁ କ୍ଷେତ୍ରବାସୀମାନେ ସେ ମଠକୁ 'ମୁଳକ ଚୌରା ମଠ' ବୋଲି କହିବାକୁ ଲାଗିଲେ । ସେହିଦିନଠାରୁ ମଠଟି ଦୁଇଟି ନାମରେ ପରିଚିତ ହେଲା - ବିଦୁର ଛତା ମଠ ଓ ମୁଳକ ଚୌରା ମଠ । ଆଜି ମଧ୍ୟ ମଠରେ ପ୍ରସ୍ତୁତ ଏବଂ ମହାପ୍ରଭୁଙ୍କୁ ସମର୍ପିତ ଖୁଦ ରୋଟିର ପ୍ରସାଦ ପାଇ ଭକ୍ତମାନେ ତୃପ୍ତ ହେଉଛନ୍ତି ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଦଶମ ଏକକ ଓଡ଼ିଆ ଓ ଅଷ୍ଟମ ଶ୍ରେଣୀ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷା ଫର୍ମପୂରଣ ୨୦ରୁ

କଟକ,୧୬।୯(ସମିସ): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଏକକ ଓଡ଼ିଆ ଓ ଅଷ୍ଟମ ଶ୍ରେଣୀ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷା ପାଇଁ ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ୨୦ରୁ ଆରମ୍ଭ ହେବ। ଏ ନେଇ ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ନଭେମ୍ବର୧୯ରେ ଏହି ଦୁଇ ପରୀକ୍ଷା ଅନୁଷ୍ଠିତ ହେବ। ଯେଉଁ ପ୍ରାର୍ଥୀମାନେ ଦ୍ୱିତୀୟ ଏକକ ବିଷୟ (ଦଶମ ଶ୍ରେଣୀ) ପରୀକ୍ଷା, ୨୦୨୫ ଓଡ଼ିଆରେ ଏବଂ ଦ୍ୱିତୀୟ ଅର୍ଦ୍ଧବାର୍ଷିକ (ଅଷ୍ଟମ ଶ୍ରେଣୀ) ଭାଷା ପରୀକ୍ଷା, ୨୦୨୫ ଦେବାକୁ ଚାହାଁନ୍ତି, ସେମାନେ ୨୦ତାରିଖରୁ ବୋର୍ଡ ୱେବସାଇଟକୁ ଯାଇ ଆବେଦନ ଫର୍ମ ଏବଂ ନିର୍ଦ୍ଦେଶାବଳୀ ଡାଉନଲୋଡ୍ କରିପାରିବେ। ଆବଶ୍ୟକୀୟ ଫି ସହିତ ସମସ୍ତ ଦୃଷ୍ଟିରୁ ପୂରଣ ହୋଇଥିବା ଆବେଦନ ଫର୍ମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର ଏବଂ ସମ୍ବଲପୁରରେ ଅବସ୍ଥିତ ବୋର୍ଡର ସମ୍ପୃକ୍ତ ଜୋନାଲ କାର୍ଯ୍ୟାଳୟରେ ଜମା କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅକ୍ଟୋବର ୫ସୁଦ୍ଧା ଦାଖଲ ହେଉଥିବା ଫର୍ମ ପାଇଁ ଜରିମାନା ପଡିବ ନାହିଁ । ସେହିଭଳି ଅକ୍ଟୋବର୫ ପରେ ତଥା ଅକ୍ଟୋବର ୧୦ସୁଦ୍ଧା ଦାଖଲ ଫର୍ମକୁ ଜରିମାନା ସହ ଦାଖଲ କରାଯିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅସୁରକ୍ଷିତ ଓଡ଼ିଶା...

ନିକଟରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଫଟୋ ସୁଟ୍ ବାହାନାରେ ଚନ୍ଦ୍ରଶେଖରପୁରରେ ଥିବା ପୋଖରାନ୍ ଭିଲେଜ ପାଖ ସାଇମାର୍ଗ ଲଜରେ ଏହି ଯୁବତୀ ଗଣ ଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି ।

ଅଗଷ୍ଟ ୨୧ରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡିରେ ଜଣେ ଯୁବତୀ ଗଣ ଦୁଷ୍କର୍ମ ହୋଇଛନ୍ତି । ବିବାହ ଏବଂ ଚାକିରି କରାଇବା ପ୍ରଲୋଭନ ଦେଖାଇ ୨ ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅିଯୋଗ ହୋଇଥିଲା। ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଅଗଷ୍ଟ ୧୮ ରେ ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବାବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି।

ଗତ ୧୦ ମାସରେ ରାଜ୍ୟରେ ସାଢେ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି। ବିଶେଷ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଆହୁରି ମଧ ଅନେକ ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏକାଧିକ ମାମଲାରେ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି। ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ସମ୍ପୃକ୍ତଙ୍କୁ ଗିରଫ କରିବାରେ ଅନେକସ୍ଥାନରେ ପୁଲିସ ବିଫଳ ହୋଇଛି ।

### ଭୟଙ୍କର, ହୃଦୟ...

ବର୍ଷିଛନ୍ତି। ସରକାର ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି, ଯେଉଁଠାରେ ଆମ ଝିଅମାନେ ସୁରକ୍ଷିତ, ସମ୍ମାନିତ ଅନୁଭବ କରିପାରିବେ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ନବୀନ।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ସାରା ଓଡ଼ିଶାରେ ମହିଳାମାନଙ୍କ ବିରୁଦ୍ଧରେ ହିଂସାର ଏପରି ଭୟଙ୍କର ଘଟଣା ଦେଖିବା ବେଶ୍ ହୃଦୟ ବିଦାରକ। ବିଜେପି ନେତାମାନେ ଘଟଣାକୁ ନେଇ ଚିନ୍ତାପ୍ରକାଶ କରୁଥିବାର ନାଟକ ପ୍ରଦର୍ଶନ କରୁଥିବା ବେଳେ ଅପରାଧୀମାନେ ସ୍ୱଷ୍ଟ ଦିବାଲୋକରେ ନିର୍ଭୟ ହୋଇ ବୁଲୁଛନ୍ତି। ଗୋପାଳପୁର, ବାଲେଶ୍ୱର, ବଳଙ୍ଗା ପୀଡ଼ିତା; ଯେଉଁମାନେ ଗଭୀର ହତାଶା ମଧ୍ୟରେ ଆଖି ବୁଜିଲେ ସେମାନଙ୍କ ସହ ଅନ୍ୟ ପୀଡ଼ିତା ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏବେ ବି ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି। ମାତ୍ର ପ୍ରତ୍ୟେକ ଥର ଆମେ ପୁନରାବୃତ୍ତି ହେଉଥିବା ସମାନ ବକ୍ତବ୍ୟ ଶୁଣୁଛୁ। ଏପରି ଘଟଣା ବିରୁଦ୍ଧରେ 'କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି', 'ଲୋକଙ୍କ ସରକାର', 'ମହିଳା ସୁରକ୍ଷା ସୁନିଶ୍ଚିତ କରୁଛୁ' ଏବଂ 'କାହାରିକୁ ଛଡ଼ାଯିବ ନାହିଁ' ପରି ବିବୃତି ବାରମ୍ବାର ଦୋହରାଉଛନ୍ତି। ନବୀନ ଆହୁରି ମଧ କହିଛନ୍ତି ଯେ ଯଦି ଏପରି ଅପରାଧ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଘଟିବ, ଯେଉଁଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିଥାନ୍ତି, ତେବେ ଏହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଛବିକୁ ଖରାପ କରିବ। ବିଜେପି ସରକାର ଏପରି ଘଟଣାରେ ଯେତେ ଶୀଘ୍ର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ଓଡ଼ିଶାର ମହିଳାମାନେ ପୁଣି ସୁରକ୍ଷିତ ଅନୁଭବ କରିବେ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

### ଦୁର୍ଗା ପୂଜାରେ...

କରାଯାଉଛି। ଯଦି ସେହି ସମୟରେ ସାମୁଦ୍ରିକ ସ୍ଥିତି ଓ ବାତ୍ୟା ପାଇଁ ସୁହାଉଥିବା କାରକଗୁଡ଼ିକ ଅନୁକୂଳ ରହେ, ତେବେ ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ନେଇ ମଧ ରହିଥିବା ଆଶଙ୍କାକୁ ଏଡ଼ାଯାଇ ନ ପାରେ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବିଭିନ୍ନ ମଡେଲ ଅନୁସାରେ ଆସନ୍ତା ୨୫ କିମ୍ବା ୨୬ ରେ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ୨୬ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୭-୨୮ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ଏପରିକି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା କରାଇ ବର୍ଷା କରାଇବାର ଆଶଙ୍କା ରହିଛି। ୨୯ ତାରିଖରେ ପଶ୍ଚିମ ଓଡ଼ିଶା ଦେଇ ଏହା ଛତିଶଗଡ଼ ଓ ପରେ ନାଗପୁର ଆଡ଼କୁ ଯିବ। ତେଣୁ ୨୯ ରେ ବର୍ଷା ଆଶଙ୍କା ରହିଛି। ୨୮ ତାରିଖରୁ ଷଷ୍ଠୀ ପୂଜା ଆରମ୍ଭ ହେବା ହେଉଥିବାରୁ ଷଷ୍ଠୀ ଓ ସପ୍ତମୀ ପୂଜା ସମୟରେ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ବର୍ତ୍ତମାନ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଯାଇଥିବା ବେଳେ ଏବେ ଯେକୌଣସି ଲଘୁଚାପ ସୃଷ୍ଟି ହେବ ତାହା ଉପରେ ପାଣିପାଗ କେନ୍ଦ୍ର ନଜର ରଖିଥାଏ। ଅତୀତରେ ଏହି ସମୟରେ ଅନେକ ବାତ୍ୟା ସୃଷ୍ଟି ହୋଇଛି। ୨୦୧୯ ମସିହା ସେପ୍ଟେମ୍ବର ମାସରେ ଆରବ ସାଗରରେ 'ହୀକା' ବାତ୍ୟା ସୃଷ୍ଟି ହୋଇଥିଲା। ୧୮ ସେପ୍ଟେମ୍ବରରେ ବଙ୍ଗୋପସାଗରରେ 'ଡାଏ' ସୃଷ୍ଟି ହୋଇ ୨୧ ସେପ୍ଟେମ୍ବରେ ଏହା ଗୋପାଳପୁର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା। ସେହିପରି ୨୦୨୧ରେ ବାତ୍ୟା 'ଗୁଲାବ' ମଧ ସେପ୍ଟେମ୍ବର ଶେଷ ବେଳକୁ ସୃଷ୍ଟି ହୋଇ ଓଡ଼ିଶାର ସାମାନ୍ୟ ଦୂରରେ ଅର୍ଥାତ ଆନ୍ଧ୍ର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା। ହାଇଦ୍ରାବାଦ ସ୍ଥିତ ଭାରତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଆଣ୍ଡାମାନସାଗର ଅଞ୍ଚଳରେ ଆଭ୍ୟନ୍ତରୀଣ ତରଙ୍ଗ ପ୍ରଭାବରେ ସେପ୍ଟେମ୍ବର ମଧ୍ୟଭାଗରୁ ନଭେମ୍ବର ପ୍ରଥମାର୍ଦ୍ଧ ଯାଏଁ ସାମୁଦ୍ରିକ ତାପମାତ୍ରା ବଙ୍ଗୋପସାଗର ଅନ୍ୟ ଅଞ୍ଚଳ ତୁଳନାରେ ଅଧିକ ରହିଥାଏ। ତଥା ଏହି ସମୟରେ ଉତ୍ତର ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ସୃଷ୍ଟି ବାତ୍ୟାଗୁଡ଼ିକର ଅଂଶବିଶେଷ ଏହି ଅଞ୍ଚଳକୁ ମାଡ଼ି ଆସିବା ଫଳରେ ସାମୁଦ୍ରିକ ତାପମାତ୍ରା ଓ ବାୟୁମଣ୍ଡଳର ପାରିପାର୍ଶ୍ୱିକ ସ୍ଥିତି ଶକ୍ତିଶାଳୀ ବାତ୍ୟା ସୃଷ୍ଟି କରିବାରେ ସହାୟକ ହୋଇଥାଏ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନେକ ସ୍ଥାନରେ ଗତ ୨୪ ଘଣ୍ଟାରେ ଭଲ ବର୍ଷା ଅନୁଭୂତ ହୋଇଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବା ସହ ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଦିନକ ପରେ...

ରହିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଅଧିବେଶନର ପ୍ରଥମ ଦିନ ଗୃହରେ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ୧୯ ରୁ ୨୫ ତାରିଖ ମଧ୍ୟରେ ୫ଟି ସରକାରୀ ଦିବସ ଏବଂ ଗୋଟିଏ 'ପ୍ରାଇଭେଟ ମେମ୍ବର୍ସ ଡେ' ରହିବ। ଅଧିବେଶନରେ ବିଧି ମୁତାବକ ଗୃହ ପରିଚାଳନା ହେବ। ସେନେଇ ଆଜିର ବୈଠକରେ ପୁଙ୍ଖନାପୁଙ୍ଖ ଆଲୋଚନା ହୋଇଛି ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

ବିଧାନସଭା ସମ୍ମିଳନୀ କକ୍ଷରେ ଆହୂତ ଏହି ବୈଠକରେ ଶାସକ ବିଜେପି ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଏମ୍ ବିଧାୟକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବୈଠକରେ ଉପସ୍ଥିତ ଥିଲେ। ଏହାସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ବୈଠକରେ ଶୃଙ୍ଖଳିତ ଅଧିବେଶନ ନେଇ ନିଜର ମତାମତ ରଖିଥିଲେ।

ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ଦଳ ପାଖରେ ଏକାଧିକ ପ୍ରସଙ୍ଗ ରହିଛି। ବିଶେଷକରି ଚାଷୀ, ମହିଳା ସୁରକ୍ଷା, ଏସସି ଏସଟି, ଛାତ୍ରଛାତ୍ରୀ ପ୍ରସଙ୍ଗ ସମ୍ପର୍କିତ ଏକାଧିକ ରାଜସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୃହରେ ଉପସ୍ଥାପନ ହେବ। ଆସନ୍ତାକାଲି ଅପରାହ୍ନ ୫ଟା ବେଳେ ଶଙ୍ଖ ଭବନରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଅଧିବେଶନରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଗୃହ ପରିଚାଳନା କରିବାକୁ ଆମେ କହିବା ସହ ଗୃହ ପରିଚାଳନାରେ ସହଯୋଗ ପାଇଁ ସହମତି ଦେଲୁ। ରାଜ୍ୟରେ ପୁଳାପୁଳା ସମସ୍ୟା ରହିଛି। ଆସନ୍ତାକାଲି ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଦଳର ରଣନୀତି ପ୍ରସ୍ତୁତ କରାଯିବ ବୋଲି ଶ୍ରୀ କାଡ଼ାମ କହିଛନ୍ତି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ସକରାତ୍ମକ ଆଲୋଚନାକୁ ସରକାର ସ୍ୱାଗତ କରୁଛନ୍ତି ବୋଲି ଡ. ମହାଲିଙ୍ଗ କହିଛନ୍ତି।

### ସୁବିଧା ନଦେଲେ...

ଯେ ଅନେକ ପୂର୍ବତନ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବିଭିନ୍ନ ଟ୍ରିବ୍ୟୁନାଲ ଅଧକ୍ଷ ପାଇଁ ସାକ୍ଷାତକାର ଦେଉଛନ୍ତି, କିନ୍ତୁ ନିଯୁକ୍ତି ସତ୍ତ୍ୱେ ଯୋଗ ଦେଉ ନାହାନ୍ତି। କେବଳ ଗୋଟିଏ କାରଣ ପାଇଁ ଏବଂ ତାହାହେଲା ସେମାନଙ୍କୁ ଆବଶ୍ୟକ ସୁବିଧା ମିଳୁନାହିଁ।

ଟ୍ରିବ୍ୟୁନାଲରେ ଖାଲି ପଡ଼ିଥିବା ପଦବୀ ନେଇ ଏନ୍‌ଜିଟି ବାର ଆସୋସିଏସନ ପକ୍ଷରୁ ଦାୟର ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଦୁଇ ଜଣ ପୂର୍ବ ବିଚାରପତିଙ୍କୁ ନିଯୁକ୍ତି ମିଳିଥିଲେ ମଧ ସେମାନେ ଯୋଗ ଦେଉ ନାହାନ୍ତି। ଏଭଳି ସ୍ଥଳରେ ସାନି ନିଯୁକ୍ତି ପାଇଁ ସମୟ ଲାଗିବ। ତେଣୁ ଯେଉଁମାନେ ସଭ୍ୟ ଅଛନ୍ତି ସେମାନଙ୍କୁ କାର୍ଯ୍ୟକାଳ ଶେଷ ପରେ କାମ କରିବାକୁ ଅନୁମତି ଦିଆଯାଉ। ଏଥିରେ କୋର୍ଟ ବିରକ୍ତି ପ୍ରକାଶ କରିବା ସହିତ କହିଥିଲେ ଯେ ନିଯୁକ୍ତି ପରେ ସୁବିଧା ସୁଯୋଗ ମିଳୁନାହିଁ। ସେମାନେ କାହିଁକି କାମରେ ଯୋଗଦେବେ। ଯେଉଁ ସଭ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଛି ସେମାନଙ୍କୁ ଏହି ପଦବୀରେ ରହିବା ଲାଗି ଅନୁମତି ଦେବାକୁ କୋର୍ଟ ମନା କରି ।।ଦେଇଛନ୍ତି। କେନ୍ଦ୍ର ଉପରେ ବିରକ୍ତି ପ୍ରକାଶ କରି କୋର୍ଟ କହିଲେ ଯେ ଅଫିସ ପାଇଁ ଖର୍ଚ୍ଚ ଦିଆଯାଉ ନାହିଁ। ଛୋଟ ଛୋଟ ଜିନିଷ ପାଇଁ ସଭ୍ୟମାନେ ଅନୁରୋଧ କରୁଛନ୍ତି। ଆମକୁ ଘର ଦିଅ, କାର ଦିଅ। କିନ୍ତୁ କେହି ଶୁଣୁ ନାହାନ୍ତି। ଏକି ପ୍ରକାର ବ୍ୟବସ୍ଥା। ଏଥିପାଇଁ କେନ୍ଦ୍ର ହିଁ ଦାୟୀ। କାରଣ ଟ୍ରିବ୍ୟୁନାଲ ସୃଷ୍ଟି କରିଛି କେନ୍ଦ୍ର ଏବଂ ଏହାର ଦାୟିତ୍ୱ ହେଉଛି ସୁବିଧା ଯୋଗାଇବ ।।

ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ସେ ସରକାରଙ୍କୁ ଜଣାଇଦେବେ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀ ମାନ୍ୟବର ଖଣ୍ଡପୀଠଙ୍କୁ ଆଶ୍ୱାସନା ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୬ ତାରିଖରେ ହେବ।

### ପୌରାଧକ୍ଷା-ତହସିଲଦାର...

ସେହିଭଳି ବାଇପାସ୍ ଛକରେ ଥିବା ୨ଟି ଦୋକାନଘରକୁ ଭାଙ୍ଗି ମୋଟ ୬ଟି ଉଚ୍ଛେଦ ହୋଇଥିଲା। ପୌରାଧକ୍ଷା ଗୁଲମକୀ ଦଲାୱାଜି ହବିବ ଉଚ୍ଛେଦକୁ ବିରୋଧ କରୁଥିବା ବେଳେ ଉପସ୍ଥିତ ତହସିଲଦାର ଶ୍ରୀ ଖୁଣ୍ଟିଆଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ସେ ଓ ତାଙ୍କ ସମର୍ଥକମାନେ ଅଭିଯୋଗ କରିଥିଲେ। ସେହିଭଳି, ଉଚ୍ଛେଦ ବେଳେ ବଣିକ ସଂଘ ନେତା ଲାଲା ଜଗଦୀଶ ରାୟ, ଗୌରାଙ୍ଗ ପଣ୍ଡା, ପ୍ରାକ୍ତନ କାଉନସିଲର ଘାଉଲି ଜେନା ପ୍ରମୁଖ ଥଇଥାନ ନକରି ଏଭଳି ଉଚ୍ଛେଦ କରିବାକୁ ବିରୋଧ କରିଥିଲେ।

ସୂଚନାଯୋଗ୍ୟ, ବର୍ଷକ ତଳେ ଭଦ୍ରକ ସହରରେ ସରକାରୀ ଜମିରୁ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲେ ବି କୌଣସି ନୂତନ ଦୋକାନ ଘର ନିର୍ମାଣ ହୋଇନଥିବା ବେଳେ ଉଚ୍ଛେଦର ଶିକାର ଛୋଟବଡ଼ ବ୍ୟବସାୟୀଙ୍କୁ ମଧ ଥଇଥାନ କରାଯାଇନାହିଁ। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ଦିନକରେ କରିହେବ...

ବ୍ୟକ୍ତିଙ୍କୁ (ପିଟୁପି) ପେମେଣ୍ଟ ସୀମା ଏବେ ବି ୧ ଲକ୍ଷ ଟଙ୍କା ରହିଛି, ଯେଉଁଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଯେତେବେଳେ କି ପିଟୁଏମ୍‌ରେ ଜଣେ ବ୍ୟକ୍ତି ଜଣେ ବ୍ୟବସାୟୀଙ୍କୁ ପେମେଣ୍ଟ କରୁଥିଲେ , ଯାହାର ସୀମା ଏବେ ୧୦ ଲକ୍ଷ ଟଙ୍କା ହୋଇଯାଇଛି। ଏହାଛଡା ଅଳଙ୍କାର କ୍ରୟରେ, ପ୍ରତି କାରବାର ସୀମା ଏବେ ବି ପୂର୍ବ ଭଳି ୨ ଲକ୍ଷ ଟଙ୍କା ରହିବ, କିନ୍ତୁ ଦୈନିକ ସୀମାକୁ ବର୍ତ୍ତମାନ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଟର୍ମ ଡିପୋଜିଟ୍ ଭଳି ବ୍ୟାଙ୍କିଂ ସେବା ପାଇଁ ପ୍ରତି କାରବାର ଏବଂ ଦୈନିକ ଉଭୟ ସୀମାକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସରକାରୀ ସିକ୍ୟୁରିଟିଜ୍‌ରେ ନିବେଶ ପାଇଁ ପ୍ରତିଦିନ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି।

ଏହି ନିଷ୍ପତ୍ତି ସିଧାସଳଖ ସେହି ଗ୍ରାହକମାନଙ୍କୁ ଲାଭ ଦେବ ଯେଉଁମାନେ ଏ ପର୍ଯ୍ୟନ୍ତ ବୀମା ପ୍ରିମିୟମ, ମ୍ୟୁଚୁଆଲ୍ ଫଣ୍ଡ, କିମ୍ବା କ୍ରେଡିଟ୍ କାର୍ଡ ବିଲ୍ ଭଳି ବଡ଼ ପେମେଣ୍ଟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସେମାନେ ୟୁପିଆଇ ମାଧ୍ୟମରେ ଏହି ପେମେଣ୍ଟ ସହଜରେ କରିପାରିବେ। ଏହାବ୍ୟତୀତ, ଏହି ମାଧ୍ୟମରେ ରିଅଲ୍ ଇଷ୍ଟେଟ୍ କିମ୍ବା ଅନ୍ୟାନ୍ୟ ବଡ଼ କାରବାର ମଧ ସମ୍ଭବ ହେବ। ଅପରପକ୍ଷେ ଯଦିଓ ଏନ୍‌ପିସିଆଇ ଏହି ସୀମା ସ୍ଥିର କରିଛି, ଏହା ସଦସ୍ୟ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ନୀତି ଅନୁଯାୟୀ ସେମାନଙ୍କ ଗ୍ରାହକଙ୍କ ପାଇଁ ସୀମା ସ୍ଥିର କରିବାର ସ୍ୱାଧୀନତା ମଧ ଦେଇଛି। ଏନ୍‌ପିସିଆଇ ଅକ୍ଟୋବର ପହିଲାରୁ ଏନ୍‌ପିସିଆଇରେ ପିଅର-ଟୁ-ପିଅର (ପିଟୁପି) ଅନୁରୋଧ ସଂଗ୍ରହକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାର ଅର୍ଥ ହେଉଛି ଯେ, ଏଣିକି ଜଣେ ବ୍ୟକ୍ତି ୟୁପିଆଇ ମାଧ୍ୟମରେ ଟଙ୍କା ମାଗିବା ପାଇଁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅନୁରୋଧ ପଠାଇ ପାରିବେନାହିଁ।

### ନଦୀ ପହଁରି...

ଚଢ଼ଉ କରିଥିଲେ। ତେବେ ଚଢ଼ଉ ବାବଦରେ ଆଗୁଆ ସୁରାକ୍ ପାଇ ମାଫିଆମାନେ ନଦୀରେ ୫ଟି ଭେଳା ଛାଡ଼ି ଫେରାର୍ ହୋଇଯାଇଥିଲେ। ଚଢ଼ଉ ଟିମ୍ ହାଫ୍ ପ୍ୟାଣ୍ଟ, ଗାମୁଛା ପିନ୍ଧି ନଦୀକୁ ଡେଇଁ ପହଁରିପହଁରି ଉକ୍ତ ଭେଳାଗୁଡ଼ିକୁ ଜବତ କରିଥିଲେ। ଜବତ ଭେଳାଗୁଡ଼ିକୁ ନୀଳଗିରି ଥାନାକୁ ଅଣାଯାଇଛି।

ସୂଚନାଯୋଗ୍ୟ, ବାଲିଚୋରିକୁ ରୋକିବା ପାଇଁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଘାଟରେ ଚଢ଼ଉ କରାଯାଇଥିଲେ ମଧ ବାଲିମାଫିଆ ଆଗୁଆ ସୁରାକ ପାଇ ଘାଟରୁ ଗାଡ଼ି ଉଠାଇ ଫେରାର ହୋଇଯାଉଥିଲେ। ଅଧିକାରୀମାନଙ୍କୁ ଖାଲି ହାତରେ ଫେରିବା ସାର ହେଉଥିଲା। ଆଜିର ଚଢ଼ଉରେ ପୁଲିସ ଓ ଖଣି ଅଧିକାରୀ ନଦୀରେ ପହଁରି ପହଁରି ଭେଳା ଜବତ କରିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

**OFFICE OF THE NODAL PRINCIPAL, KORAPUT**
**AT ODISHA MINING ADARSHA VIDYALAYA**
AT-Phulbad, PO-Umuri, Jeypore, Dist-Koraput (Odisha), Pin-764002
(An English Medium Secondary School Under Ministry of S & M E, Govt. of Odisha, Sponsored by Odisha Mining Corporation)
Phone: 7978897651 E-mail: principalomavjeypore@gmail.com

Letter No. 008/25 Date: 16-09-2025

**EMPANELMENT OF PART TIME CONTRACTUAL TEACHER PGT (CHEMISTRY)**

It is hereby notified that a Walk-in-Interview will be conducted for one post of PGT (CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26.The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website: **https://koraput.odisha.gov.in/notice/recruitment/archive-recruitment** (published on 25 March 2025). Deserving candidates will have to be physically present along with the prescribed filled-in application form along with all self-attested copies of relevant documents on 19 September 2025, 11 AM at OAV, Machhara, near Koraput Town.

**Current Vacancies:** PGT (CHEMISTRY) – 01

(By order of Collector & DM, Koraput)

Sd/- **Principal, OMAV, Jeypore** &
Nodal Principal, OAVs. Koraput

**ପୌର ପରିଷଦ କାର୍ଯ୍ୟାଳୟ : ଭବାନୀପାଟଣା**
C-1096 **OFFICE OF THE MUNICIPAL COUNCIL : BHAWANIPATNA**
Bhawanipatna, Dist- Kalahandl, Pin-766001, Odisha, Phone No- (06670) 230424 Mall- eobptm@yahoo.com

**No. 277 /BPM.** **Date: 16-09-2025**

Sealed tenders are invited from eligible, experienced, and authorized vendors for the supply, installation, commissioning, and maintenance of Outdoor Full Colour LED Display Panels with a content management system as per the technical specifications, scope of work, and terms and conditions provided in this document.. Quotationer's having up to date GST Registration Copy/PAN Card Copy / Registration Copy for Supplying, fitting and fixing outdoor LED Display Board. The material should be installed at Bhawanipatna Municipality as per the specification mentioned in BOQ & Technical Specification.

| Sl. No | Title of Project | EMD | Time for completion of Projects | Tender Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying, fitting and fixing of outdoor LED Display Board alongwith allied works at Bhawanipatna Municipality | Rs. 10000/- | One Month | Rs. 6000/- |

The Bid documents to be downloaded from the official Website of Kalahandi District www.kalahandi.gov.in & Bhawanipatna Municipality Website www. bhawanipatnamunicipality.in from dt. 16.09.2025 to 26.09.2025. The quotation shall be submit in the address of Executive Officer, Bhawanipatna Municipality, Dist-Kalahandi, Pin-766001. Last date of receipt of bid is 5.30 PM, on 26.09.2025 through speed post/ registered post only . Bhawanipatna Municipality will in no way be responsible for any delay in receipt of the Bid documents. Authority reserves &ILrieht to reject any or all quotations without assigning any reason thereof.

**Sd/- Executive Officer**
**Bhawanipatna Municipality**

**OIPR-13100/11/0014/2526**

**NOTICE**

By virtue of an affidavit sworn before E.M Danagadi, Dtd - 04.09.2025 I Azad Khan D.O.B - 06.04.2001, Vill- Jagannathsahi, Nizigarh, Po/Ps - Sukinda, Dist - Jajpur declare that I have changed my name from Manoj Khan D.O.B- 20.06.1999 to Azad Khan D.O.B - 06.04.2001. Henceforth I shall be known as Azad Khan D.O.B - 06.04.2001 for all purposes.

**Sd/- Azad Khan**

**AFFIDAVIT**

I Ashok Kumar Dash, S/o- Radha Krishna Dash resident of Qtr. no. B/153, Sector-1, Nalco Township, Po./Ps.- Damanjodi, Dist.- Koraput, PIN- 763008, by virtue of an affidavit no.330 dated 08/09/2025 sworn before the Executive Magistrate Semiliguda delcare that, I have changed my name from **Ashok Kumar Das** to **Ashok Kumar Dash**. Henceforth, I shall be known as **Ashok Kumar Dash** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 18/08/2025. I Balabhadra Sarangi, Address- Rairang, Po.- Bajapur, Ps.- Khordha Sadar, Odisha, Pin-752060 declare that, I have changed the Name of my daughter from **Nandini Sarangd to Nandini Sarangi**. Henceforth, she shall be known as **Nandini Sarangi** for all purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2025039, ତା.08.09.2025ରିଖ

**କାର୍ଯ୍ୟର ନାମ :** ନିର୍ଗୁଣ୍ଡି-ବାରଙ୍ଗ (22 କି.ମି.), ଖୋର୍ଦ୍ଧା ରୋଡ୍-ବିଜୟନଗରମ (363 କି.ମି.) ଏବଂ ଭଦ୍ରକ-ବିଜୟନଗରମ ସେକ୍ସନ (385 କି.ମି.) ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (RFP) : EPC ମୋଡ଼ରେ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ନଂ. 539 (CH. 402521 M ଠାରେ ବିରୂପା ନଦୀ ଉପରେ 16 X 30.5 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 544 (CH. 406305 M ଠାରେ ମହାନଦୀ ନଦୀ ଉପରେ 32 X 65.84 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 553 (CH. 411589 M ଠାରେ କାଠଯୋଡ଼ି ନଦୀ ଉପରେ 18 X 45.70 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 557 (CH. 414607 M ଠାରେ କୁଆଖାଇ ନଦୀ ଉପରେ 20 X 45.70 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର) ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 135539.12 ଲକ୍ଷ, EMD : ₹ 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.11.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-107/CI/25-26

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 18/08/2025. I Jagannath Sarangi, Address- Baniatangi, Po.- Bajapur, Ps.- Khordha Sadar, Odisha, Pin-752060 declare that Ihave changed the Name of my son from **Ronan Sarangi** to **Rohan Sarangi**. Henceforth he shall be known as **Rohan Sarangi** for all purposes.

**AFFIDAVIT**

By virtue of an affidavit No.732 dated. 06/09/2025, before Notary Public, Bangalore Metropolitant Area, Karnataka, that I have changed my name from **Sujay Panda** (Old Name) to **Sujay Arun Panda** (New name) **DOB: 22/03/2002,** S/o- Arun Panda, residing at: Immanuel English School, Jhinkarguda, Tankua, Jeypore, Dist-Koraput, Odisha, Pin-764003, India. Henceforth, I shall be known as **Sujay Arun Panda** (new name) for all future purposes.

**AFFIDAVIT**

I, Susanta Kumar Rautaray S/o Sasi Rautray, Resident of Vill/PO-Sunakhala, PS-Nachuni, Dist-Khorda, Odisha, declare by this affidavit No.1823 dtd 08.09.2025 that now onwards I shall be known as **SUSANT KUMAR RAUTRAY** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Berhampur, Dist-Ganjam, dated- 17/06/2025. I, **Tarun Kumar Sethy,** Address: Retang Colony, Jatani, Dist- Khorda, Odisha, PIN- 752050 declare that I have changed my name from **Tarun Kumar Swain to Tarun Kumar Sethy.** Henceforth, I shall be known as **Tarun Kumar Sethy** (new name), S/o Sombaru Sethy for all future purposes.

**Tarun Kumar Sethy**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 22/07/2025. I, **Sanjeev Kumar Jain** (new name), formerly called as Sanjib Jain, S/o- Anand Kumar Jain, permanent resident of At/Po/Ps- Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my name from **Sanjib Jain** (old name) to **Sanjeev Kumar Jain** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sanjeev Kumar Jain** (new name).

**Sanjeev Kumar Jain**

**AFFIDAVIT**

By virtue of an affidavit no 4164 Swarn before the notary public swampatna on date 15/09/2025. I **Purnima Munda,** aged 19 years, D/O- Chhotray Munda, Resident of At- Ghatabalijodi, Po- Dumuria, Ps- Ghatagaon, Dist- Keonjhar, Odisha my name & date of birth in H.S.C is mentioned **Purnima Munda** & dtd-**25/10/2006** but in Aadhar Card is incorrectly mentioned as **Purnami Munda** & date of birth **01/01/2006.** Henceforth, I shall be known as **Purnima Munda,** D/o- Chhotray Munda & the date of birth **25/10/2006** for all future purposes.

**Purnima Munda**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on dated- 15/09/2025. I, **Pramod Kumar Parida,** S/o- Late Kelu Charan Parida, Address: Plot No. 202/203, Paikanagar, Ps- Nayapalli, Bhubaneswar, Dist- Khordha, PIN- 751003, Odisha declare that I have changed my name from **Pramod Parida** To **Pramod Kumar Parida.** Henceforth, I shall be known as **Pramod Kumar Parida** (new name) for all future purposes.

**Pramod Kumar Parida**

**AFFIDAVIT**

By virtue of an affidavit No. 2744 sworn before the Executive Magistrate, Khordha on dated- 03/09/2025. I **Rasmita Pradhan,** age 45 yrs, W/o- Dillip Kumar Pradhan, resident of At- Balipatana, Po- Kunjuri, Ps-Khordha Sadar, Dist- Khordha, Odisha, Pin-752056, declare that as per certificate of my son's central board of secondary education, Roll No- 12178882 & name mentioned **Subhrajit Pradhan** but in Aadhar Card bearing No- 6660 2865 7285 name was **Sriman Subhrajit Pradhan** instead of Subhrajit Pradhan. Henceforth, **Subhrajit Pradhan** and **Sriman Subhrajit Pradhan** is one and same parson for all future purposes.

**Rasmita Pradhan**

**AFFIDAVIT**

By virtue of an affidavit before the Notary Public. Jeypore, on dt.15.08.2025. **I, Arun Panda** S/o - Ponuel Panda, At-Immanuel English School, Jhinkarguda, Po-Tankua, Ps-Jeypore Sadar, Dist-Koraput (Odisha) declare by this affidavit no.991 that, as per Aadhar card, my actual name is Arun Panda. But in my son Sujay Arun Panda's 10th certificate my name has been wrongly mentioned as Arun Ponuel Panda instead of Arun Panda. Both names belongs to one and same person. Henceforth. I shall be known as **Arun Panda** for all future Purposes.

**AFFIDAVIT**

I DOKI SANDHYARANI PATRO, W/o- DOKI HARI KRISHNA, resident of Jagat Janani Road, V.I.P Lane, Po./Ps.- Jeypore, Dt.- Koraput- 764001, Odisha declare by this Affidavit No.3674, Dated- 08/09/2025, that now onwards I shall be known as **DOKI SANDHYARANI** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Puri, No- 2733 on dated 01-05-2025 I, **DINDAYAL DAS,** S/o Ramakanta Mahalik resident of Village At.- Matittota 5th lane, PO/PS- Puri, Dist-Puri, State- Odisha, Pin- 752001, declare that I have changed my name from **DEBENDRA MAHALIK** (Old name) to **DINDAYAL DAS** (New name), Henceforth, I shall be known as **DINDAYAL DAS** for all purposes.

Sd-( **DINDAYAL DAS)**

**AFFIDAVIT**

I Satish Kumar Behera residing At/Po-Bodhanga, PS-Nischintakoili, Dist-Cuttack, Odisha-754207 have changed the name of my son from "Ivaan Kumar"to "Ivaan Kartikesh" vide affidavit sworn before Executive Magistrate, Bhubaneswar dated 10.09.25. Henceforth, he shall be known as "Ivaan Kartikesh" for all purposes.

**Sd/- Ivaan Kartikesh**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide CF. No. 6 on dtd. 15/09/2025. I, **LIPUN PRUSTY,** S/o- Laxmidhar Prusty, permanent resident of At- Danda Sahi, PO- Ranapur, PS- Ranapur, Dist- Nayagarh, Odisha, Pin-752026, currently residing At- Danda Sahi, PO- Ranapur, PS- Ranapur, Dist- Nayagarh, Odisha, Pin- 752026 declare that my name have changed from **Lipuni Prusty** to **Lipun Prusty.** Henceforth, I shall be known as **LIPUN PRUSTY** for all purposes.

**LIPUN PRUSTY**

**AFFIDAVIT**

I, Mohammad Shabbir, aged about 68 years, S/o- Late Ahamad Raza Khan, resident of At- Flat No. G-404, G-block, Akansha Apartment, Ward No-09, Tifra, Abhilasha Parisar, Bilaspur, Dist- Bilaspur, Pin- 495001, Chhatisgarh declare by this affidavit No.1920, dtd- 15.09.2025, that now onwards I shall be known as **MOHAMMAD SHABBIR KHAN** for all future purposes.

**AFFIDAVIT**

I **Bikrama Keshari Behera** father of Rajesh Behera (No **6495419M, Rank- Hav/Ash),** resident of **Village- Badapal, Teh- Kujang, Dist- Jagatsinghpur, State - Odisha Pin- 754140**. I have changed my name from **Bikrama Keshari Behera to Bikram Keshari Behera** vide affidavit No-2438, on dated 08/09/2025 before The Executive Magistrate, Kujang, Jagatsinghpur, Odisha. Henceforth, I shall be known as **Bikram Keshari Behera** tor all purpose.

**Bikram Keshari Behera**

**AFFIDAVIT**

I, Pradip Kumar Das, S/o- Raghunath Das, resident of Sayadpur, Narua, Dist- Jajpur, Pin- 755027, Odisha declared by this affidavit No. 746, dtd- 16/09/2025 that now onwards I shall be known as **PRADEEP KUMAR DAS** for all future purposes.

# ଜଳେଶ୍ୱର ବ୍ଲକରେ ରାସନ ଦୁର୍ନୀତି

## ତଦନ୍ତ କରିବାକୁ ସାଂସଦଙ୍କ ନିର୍ଦ୍ଦେଶ

ଜଳେଶ୍ୱର,୧୬।୯ (ସମିସ): ବିଗତ ମାସ ଠାରୁ ରାସନ କାଡର୍‌ରେ ନାମ କାଟିବା, ନୂତନ ରାସନ କାଡର୍ ଆବେଦନ, ରାସନ କାର୍ଡରେ ମୋବାଇଲ ନମ୍ବର ଯୋଡ଼ିବା ଏବଂ ବିଭିନ୍ନ ପ୍ରକାରର ସଂଶୋଧନ ଆଦି କାର୍ଯ୍ୟ ଚାଲୁଅଛି। ଏହି ସମସ୍ତ କାର୍ଯ୍ୟ ନିମନ୍ତେ ପ୍ରତିଦିନ ବ୍ଲକ ରାସନ ବିଭାଗ ଅଫିସ ସାମ୍ନାରେ ସକାଳଠୁ ସନ୍ଧ୍ୟା ପର୍ଯ୍ୟନ୍ତ ହିତାଧିକାରୀମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଦୀର୍ଘଦିନ ଧରି ଦିନସାରା ଲମ୍ବା ଧାଡ଼ିରେ ଅପେକ୍ଷା କଲା ପରେ ମଧ୍ୟ ଜଳେଶ୍ୱର ବ୍ଲକ ରାସନ ବିଭାଗରେ କାମ ପାଇଁ ଆସୁଥିବା ଅଧିକାଂଶ ଲୋକ ନିରାଶ ହୋଇ ଫେରୁଥିବାର ଅଭିଯୋଗ ହୋଇଛି। ଦଲାଲ ଲଗେଇ ଲାଞ୍ଚ ନେଇ କିଛି ଲୋକଙ୍କ କାମ କରାଯାଉଛି ଏବଂ ଅନ୍ୟମାନଙ୍କୁ ହତାଶ ହୋଇ ଫେରିବାକୁ ପଡୁଛି। ଅନ୍ତ୍ୟୋଦୟ କାଡର୍‌ରୁ ହିତାଧିକାରୀଙ୍କ ନାମ କାଟି ହେବନାହିଁ, ରାସନ କାର୍ଡରୁ ନାମ କାଟିହେବ ନାହିଁ, ନୂତନ ରାସନ ହୋଇ ପାରିବ ନାହିଁ କହି ହିତାଧିକାରୀଙ୍କୁ ବାରମ୍ବାର ଫେରାଇ ଦିଆ ଯାଉଥିବା ବେଳେ ଦଲାଲ ଲଗେଇ ପଇସା ନେଇ ଡାଟା ଏଣ୍ଟ୍ରି ଅପରେଟର ଏବଂ ବ୍ଲକ ଯୋଗାଣ ଅଧିକାରିଣୀ ଭିତରି କାରବାର କରୁଛନ୍ତି ବୋଲି ଅଭିଯୋଗ ହେଉଅଛି। ଗତ ୧୨ ସେପ୍ଟେମ୍ବର ଶୁକ୍ରବାର ରାସନ ବିଭାଗର କାମକୁ ନେଇ ଲୋକେ କ୍ଷୋଭ ପ୍ରକାଶ କରୁ ଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ଏବଂ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। କିଛି ଯୁବକ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଜଳେଶ୍ୱର ରାସନ ବିଭାଗର ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ସାଂସଦ ଶ୍ରୀ ଷଡଙ୍ଗୀ ଜଳେଶ୍ୱର ବିଡିଓଙ୍କୁ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ବିଜେପି ଯୁବନେତା ବିପ୍ଳବ କୁମାର ପ୍ରଧାନ, ସାଗର ଦାସ, ସଂଗ୍ରାମ ଜେନା, ଜୟକୃଷ୍ଣ ପ୍ରମାଣିକ, ଗଜେନ୍ଦ୍ର ଖମାରୀ ପ୍ରମୁଖ ଜଳେଶ୍ୱର ବିଡିଓଙ୍କୁ ଭେଟି ସାଂସଦଙ୍କ ନିର୍ଦ୍ଦେଶ ଥିବା ଚିଠି ପ୍ରଦାନ କରିଥିଲେ। ବିଡିଓ ଯଥାଶୀଘ୍ର ରାସନ ବିଭାଗର ଦୁର୍ନୀତି ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଦୁର୍ଘଟଣାରେ ସହକାରୀ ଶିକ୍ଷକଙ୍କ ମୃତ୍ୟୁ

ବେତନଟୀ, ୧୬।୯ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ହିରାଲାଲ ହାଇସ୍କୁଲର ଶିକ୍ଷକ ତାରାଣୀ ଗ୍ରାମର ଅଧିବାସୀ ତପନ କୁମାର ମହାନ୍ତ ଏକ ବାଇକ୍ ଯୋଗେ ସ୍କୁଲକୁ ଆସୁଥିବାବେଳେ ରାଗଧା ନିକଟରେ ସଡ଼କ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କଳା ବିଭାଗରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ସେ ବେତନଟୀ କଲେଜ୍ ଛାତ୍ର ସଂସଦର ପୂର୍ବତନ ସଭାପତି ଥିଲେ। ତାଙ୍କର ବିୟୋଗ ଖବର ପ୍ରଚାରିତ ହେବାପରେ ବେତନଟୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଓଷ୍ଟା ସଂଘର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ସଭାପତି ଶିଶିର କୁମାର ନାୟକ, ସମ୍ପାଦକ ସୁର୍ଯ୍ୟାନନ୍ଦ ନାୟକ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

## ୩୧ ଛାତ୍ରଛାତ୍ରୀଙ୍କୁ ମାଡ଼ମାରି ଶିକ୍ଷୟିତ୍ରୀ ନିଲମ୍ବନ ହେବା ଘଟଣା

# ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭାପତିଙ୍କ ନାଁରେ ଥାନାରେ ଅଭିଯୋଗ

ବୈଶିଙ୍ଗା, ୧୬।୯ (ସମିସ): ବେତନଟୀ ବ୍ଲକ ଅଧୀନ ପ୍ରତିମାଦେଇପୁର କ୍ଲଷ୍ଟର ଅନ୍ତର୍ଗତ ଖଣ୍ଡଦେଉଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁକାନ୍ତୀ କର ଗତ ଶୁକ୍ରବାର ଏକକାଳୀନ ୩ଟି ଶ୍ରେଣୀର ୩୧ଜଣ ଛାତ୍ରଛାତ୍ରୀଙ୍କୁ ବାଉଁଶବାଡିରେ ନିସ୍ତୁକ ମାଡ ମାରିବା ନେଇ ଏସଏମସି କମିଟି ଏବଂ ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ତଦନ୍ତକରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଶନିବାର ସନ୍ଧ୍ୟାରେ ତାଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର। ହେଲେ ନିଲମ୍ବନର ୨ଦିନ ପରେ ଶିକ୍ଷୟିତ୍ରୀ ସୁକାନ୍ତି କର ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ନାଁରେ ସୋମବାର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପ୍ରଧାନ ଶିକ୍ଷକ ଶ୍ରୀ ଓଝା ପୂର୍ବରୁ ବିଭିନ୍ନ କଥାରେ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ଅଶାଳୀନ ଭାଷା ପ୍ରୟୋଗ କରି ଗାଳିଗୁଲଜ କରନ୍ତି। ଏପରିକି ସେ ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କୁ ତାଙ୍କ ବିରୋଧରେ ପ୍ରବର୍ତ୍ତାଇ ଦୁର୍ବ୍ୟବହାର କରିବାକୁ ମଧ୍ୟ ପ୍ରୋତ୍ସାହିତ କରନ୍ତି। ଯୋଉଁଥିପାଇଁ ପିଲାମାନେ ବିଭିନ୍ନ ସମୟରେ ତାଙ୍କୁ ଅବମାନନା କରିବା ସହିତ ଦୁର୍ବ୍ୟବହାର ମଧ୍ୟ କରିଥାନ୍ତି। ଉପରୋକ୍ତ ଘଟଣାରେ ମଧ୍ୟ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ଏକାଧିକ ଅଭିଭାବକ ଉପସ୍ଥିତିରେ ବସିଥିବା ବୈଠକରେ ପ୍ରଧାନ ଶିକ୍ଷକ ଓ ସଭାପତି ତାଙ୍କୁ ସର୍ବସମ୍ମୁଖରେ କୁଭାଷା ପ୍ରୟୋଗ କରନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ମୋଟ ୧୧୦ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ପାଇଁ ୫ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଥିବାବେଳେ ପ୍ରଧାନ ଶିକ୍ଷକ ନିଜ ସ୍ୱାର୍ଥ ହାସଲ ପାଇଁ ଜଣେ ୭୫ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ଅନାଦି ସିଂହଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରଧାନ ଶିକ୍ଷକ ତାଙ୍କ ସହିତ ମିଶି ମୋ ବିରୋଧରେ ଷଡଯନ୍ତ୍ର ରଚିଥାନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିକି ଅନାଦି ସିଂହ ମଧ୍ୟ ତାଙ୍କୁ ଅଶାଳୀନ ବ୍ୟବହାର କରନ୍ତି। ତେବେ ସବୁଠୁ ବଡ଼ କଥା ସେ ତାଙ୍କ ଅଭିଯୋଗରେ ପତ୍ରରେ ଦର୍ଶାଇଛନ୍ତି ଯେ, ଏମଡିଏମ ଚାଉଳକୁ ବେଆଇନ ଭାବେ ବାହାରେ ବିକ୍ରି କରି ଅନାଦି ସିଂହଙ୍କୁ ବେତନ ପ୍ରଦାନ କରନ୍ତି ପ୍ରଧାନଶିକ୍ଷକ ଶ୍ରୀ ଓଝା। ଏହି ଲିଖିତ ଅଭିଯୋଗ ପରେ ସୋମବାର ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ପ୍ରଧାନ ଶିକ୍ଷକ ଶ୍ରୀ ଓଝା ଏଭଳି ଅଭିଯୋଗକୁ ସମ୍ପୂର୍ଣ୍ଣରୂପେ ଖଣ୍ଡନ କରିଛନ୍ତି।

## ଟ୍ରେନଗୁଡିକରେ ଅନଧିକୃତ ବିକ୍ରେତାଙ୍କ ପାଇଁ ଯାଞ୍ଚ ଅଭିଯାନ

# ୮ ମାସରେ ୧୯୪୫ ଗିରଫ, ୯.୭ ଲକ୍ଷ ଜରିମାନା ଆଦାୟ

ବାଲେଶ୍ୱର,୧୬।୯ (ସମିସ)



ଖଡଗପୁର ବିଭାଗର ରେଳ ସୁରକ୍ଷା ବଳ ଟ୍ରେନ ଓ ଷ୍ଟେସନ୍‌ଗୁଡ଼ିକରେ ଅନଧିକୃତ ବୁଲାବିକାଳୀ ଓ ବ୍ୟବସାୟୀଙ୍କ ବିରୁଦ୍ଧରେ କଡାକଡି ଅଭିଯାନ ଆରମ୍ଭ କରିଛି। ଏହି କାର୍ଯ୍ୟାନୁଷ୍ଠାନ ରେଳ ଆଇନ ୧୯୮୯ ର ଧାରା ୧୪୪(୧) ଅନୁସାରେ କରାଯାଉଛି, ଯଦ୍ୱାରା ରେଳ ଷ୍ଟେସନ୍ ପରିସର ଓ ରେଳ ବଗି ଭିତରେ ବିନା ଅନୁମତିରେ କୌଣସି ସାମଗ୍ରୀ ବିକ୍ରି କରିବା ନିଷେଧ ଅଟେ। ଗତ ତିନିବର୍ଷରେ ଏହି ଅଭିଯାନ ଫଳରେ ଉଲ୍ଲେଖନୀୟ ସଫଳତା ମିଳିଛି। ୨୦୨୩ ମସିହାରେ ୧୪୫୧ ଜଣ ଅନଧିକୃତ ବ୍ୟବସାୟୀଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ୯,୪୦,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୨୦୨୪ରେ ୨୫୭୪ ଜଣଙ୍କୁ ଗିରଫ କରାଯିବା ସହ ୧୧,୮୮,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୦୨୫ର ଅଗଷ୍ଟ ମାସ ସୁଦ୍ଧା ୧୯୪୫ ଜଣ ଗିରଫ ହୋଇଛନ୍ତି ଓ ସେମାନଙ୍କ ଠାରୁ ୯,୭୦,୫୪୫ ଟଙ୍କା ଜରିମାନା ଆଦାୟ ହୋଇଛି। ରେଳ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଏହି ଅଭିଯାନର ପରିଣାମ ଯାତ୍ରୀଙ୍କ ଅନୁଭବରେ ସକାରାତ୍ମକ ପ୍ରଭାବ ପକାଇଛି। ଅନଧିକୃତ ବୁଲାବିକାଳୀଙ୍କୁ ହଟାଇବାରୁ ପ୍ଲାଟଫର୍ମ, ଫୁଟଓଭର ବ୍ରିଜ୍ ଓ ବଗି ଭିତରେ ଭିଡ଼ କମିବା ଫଳରେ ଯାତ୍ରୀଙ୍କ ଗମନାଗମନ ଅଧିକ ସୁରକ୍ଷିତ ଓ ସୁଗମ ହୋଇପାରିଛି। ସେହିପରି ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତାରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଅନଧିକୃତ ବ୍ୟବସାୟୀମାନେ ସାଧାରଣତଃ ସ୍ୱଚ୍ଛତା ମାନଦଣ୍ଡ ଅନୁପାଳନ କରୁନଥିଲେ ଓ ଅନାବଶ୍ୟକ ଆବର୍ଜନା ଏଣେତେଣେ ପକାଉଥିଲେ। ଏହି ପଦକ୍ଷେପ ଯୋଗୁଁ ନିୟମିତ ନିୟମ ମାନି କାରବାର କରୁଥିବା ଲାଇସେନ୍ସଧାରୀ କ୍ୟାଟରିଂ ୟୁନିଟ୍‌ମାନଙ୍କୁ ସୁରକ୍ଷା ମିଳିଛି। ଏହି କାର୍ଯ୍ୟାନୁଷ୍ଠାନ ଛୋଟ-ମୋଟ ଅପରାଧିକ ଓ ଅସାମାଜିକ କାର୍ଯ୍ୟକଳାପରେ ମଧ୍ୟ ନିୟନ୍ତ୍ରଣ ଆଣିପାରିଛି। କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଏହା କେବଳ ଆଇନ-ଶୃଙ୍ଖଳାର କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ପରିବେଶ ସୃଷ୍ଟି କରିବାର ଏକ ସୁଚିନ୍ତିତ ପ୍ରୟାସ।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାଲେଶ୍ୱର,୧୬।୯ (ସମିସ): ଚଳିତ ବିଧାନସଭା ଅଧିବେଶନରେ ବାଲେଶ୍ୱର ଜିଲ୍ଲା ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ନିବେଦନ ପାଇଁ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଏକ ପ୍ରସ୍ତାବ ଗୃହୀତ ହୋଇଛି। ପଡୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ସଂଘଗୃହରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଆୟୋଜିତ ବୈଠକ କରେ ଏହି ନିଷ୍ପତ୍ତି ନିଆଯାଇଛି। ଚଳିତ ବିଧାନସଭା ଅଧିବେଶନର ପ୍ରଥମ ଦିବସରେ ଏଥିପାଇଁ ଆସନ୍ତା ଗୁରୁବାର ଦିନ ଜିଲ୍ଲାପାଳଙ୍କ ଜରିଆରେ ବାଲେଶ୍ୱରର ସମସ୍ତ ସାମାଜିକ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଭାବେ ସ୍ମାରକପତ୍ରମାନ ଦିଆଯିବ। ଏଥିପାଇଁ ସମସ୍ତ ଗଣସଂଗଠନମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବୈଠକରେ ଅନୁରୋଧ କରାଯାଇଛି। କ୍ରିୟାନୁଷ୍ଠାନ ସମିତିର ଜିଲ୍ଲା ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ଅଭୟ ମିଶ୍ରଙ୍କ ସମେତ ଗୋବିନ୍ଦ ଚନ୍ଦ୍ର ଭୋଇ, ହରନାରାୟଣ ମଡୁଆଳ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଅକ୍ଷୟ ତ୍ରିପାଠୀ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ ଦାସ, ଯତୀନ୍ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦୁର୍ଗାପୂଜା, ରାବଣ ପୋଡ଼ି ଓ ଭସାଣି ପାଇଁ ଶାନ୍ତିକମିଟି ବୈଠକ



ବାଲେଶ୍ୱର,୧୬।୯ (ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଶାରଦୀୟ ଦୁର୍ଗାପୂଜା, ରାବଣ ପୋଡ଼ି ଓ ଭସାଣି ପର୍ବର ସୁଚାରୁ ପରିଚାଳନା ନିମନ୍ତେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ, ଡିଆଇଜି, ପୌରାଧକ୍ଷା, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ, ଶାନ୍ତି କମିଟି ସଦସ୍ୟ ଏବଂ ଆଖଡ଼ା ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉପ-ଜିଲ୍ଲାପାଳ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍ ମାଧ୍ୟମରେ ୨୪, ୨୫ ଓ ୨୬ ସେପ୍ଟେମ୍ବର ତାରିଖରେ ଏନଓସି ପ୍ରାପ୍ତ କରିପାରିବା ବିଷୟରେ ଅବଗତ କରାଯାଇଥିଲା। ଆଖଡ଼ା ଅନୁମତି, ତୋରଣ ଓ ମଣ୍ଡପ ସମ୍ବନ୍ଧୀୟ ନୀତି-ନିୟମ ସମ୍ପର୍କରେ ଡିଆଇଜି ପିନାକ ମିଶ୍ର ବିସ୍ତୃତ ଅଲୋଚନା କରିଥିଲେ। ଜିଲ୍ଲାପାଳ ଗତ ବର୍ଷରେ ଭଳି ଚଳିତ ବର୍ଷ ମଧ୍ୟ ପର୍ବକୁ ଆଡ଼ମ୍ବର ଓ ଶାନ୍ତି-ଶୃଙ୍ଖଳାରେ ପାଳନ କରିବାକୁ ଆହ୍ୱାନ କରିଥିଲେ। ଡିଜେ ଓ ଜିଗ୍-ଜ୍ୟାଗ୍ ଆଲୋକରେ ଥିବା ନିୟନ୍ତ୍ରଣକୁ ସମସ୍ତ ଅଧିକାରୀ ପୁନରୁଚାରଣ କରିଥିଲେ। ମଣ୍ଡପରେ ସର୍ବାଧିକ ୪ଟି ସ୍ମଲ୍ ସ୍ପିକର ଲଗାଇବା ଏବଂ ଶବ୍ଦର ଉଚ୍ଚତାକୁ ନିୟନ୍ତ୍ରଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡପରେ ଆବଶ୍ୟକ ବାହାର ଦ୍ୱାର ଓ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ମଧ୍ୟ ଚର୍ଚ୍ଚା ହୋଇଛି। ଭସାଣି କାର୍ଯ୍ୟକ୍ରମରେ ସିନେମା ଛକରେ ଯାନବାହନ ପ୍ରବେଶ ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହେଇଥିଲା।

# ମା' ଅମ୍ବିକା ସାହିତ୍ୟ ସଂସଦର ଶାରଦୀୟ କବିତା ଆସର

ଖଇରା,୧୬।୯ (ସମିସ): ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ଦ୍ଧନା ଉଚ୍ଚ ବିଦ୍ୟାପୀଠ ପରିସରରେ ଶାରଦୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକାରୀ ସଭାପତି ଭରତ ଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ମହାନ୍ତି, ସମ୍ମାନନୀୟ ବକ୍ତା ଭାବେ ପ୍ରଭାସ ରଞ୍ଜନ ନାୟକ ଓ ହରିହର ପାଣିଗ୍ରାହୀ ଯୋଗ ଦେଇ ଶରତର ସୁନ୍ଦର ବର୍ଣ୍ଣନା କିପରି ଆମ ସାହିତ୍ୟ ଓ ଜନଜୀବନକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କେଳୁ ଚରଣ ଗାହାଣ, ସୁଦାମ ଚରଣ ରାଉତ, ମହେଶ୍ୱର ପଟ୍ଟନାୟକ ବକ୍ତବ୍ୟରେ ମହାଭାରତର ବିଭିନ୍ନ ଚରିତ୍ର ଅବତାରଣା କରି କବି ଓ ଲେଖକ ମାନେ କିଭଳି ସମାଜରେ ପରିବର୍ତ୍ତନ କରି ପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜଗନ୍ନାଥ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ହରେକୃଷ୍ଣ ପଣ୍ଡା ଓ ନିରଞ୍ଜନ ଦାସ କାବିତାର ସଂଯୋଜନା କରିଥିଲେ। ସଂସଦର ଅନ୍ୟତମ ସଦସ୍ୟା ସନ୍ଧ୍ୟାରାଣୀ ପଟ୍ଟନାୟକ ଓ ଜଳଧର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଇକମାରେ ତାଳ ମିଶନ

ବୈଶିଙ୍ଗା, ୧୬।୯ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ, ରାଇକମା ଆଶ୍ରମ ବିଦ୍ୟାଳୟ ଓ ବେତନଟୀ ବନାଞ୍ଚଳ ଆନୁକୂଲ୍ୟରେ ତାଳ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ୭୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବନବିଭାଗର ବହୁ ଅଧିକାରୀ ଯୋଗଦେଇ ତାଳ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ସମସ୍ତ ଛାତ୍ରଛାତ୍ରୀ ୭୦୦ତାଳ ମଞ୍ଜି ରାସ୍ତାର ଦୁଇ ପାର୍ଶ୍ୱରେ ରୋପଣ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷା ଓ କର୍ମଚାରୀ

# ଶତାୟୁ ଶିକ୍ଷାନୁଷ୍ଠାନର ହେବ ନବକଳେବର

ବାରିପଦା, ୧୬।୯ (ସମିସ): ଜିଲ୍ଲା ସଦର ମହକୁମା ବାରିପଦାରେ ଥିବା ଶତାୟୁ ସଂସ୍କୃତ ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ)ର ହେବ ନବକଳେବର ବୋଲି ସୋମବାର ଦିନିକିଆ ମୟୂରଭଞ୍ଜ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ଅତୀତରେ ଦେଶରେ ବେଦପାଠ ଶିକ୍ଷାଦାନରେ ଥିବା ଅନୁଷ୍ଠାନ ମଧ୍ୟରେ ଏହା ଅନ୍ୟତମ। ଏଣୁ ଏହାର ପୁନରୁଦ୍ଧାର ସହିତ ନୂଆରୂପ ଦିଆଯିବ। ସାମୁହିକ ଭାବେ ଚାଲିଥିବା ସରକାରୀ ମହାବିଦ୍ୟାଳୟକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇ ମୂଳ ସ୍ଥାନରେ ବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୮୯୪ ମସିହାରେ ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନରେ ପ୍ରତିଷ୍ଠିତ ସଂସ୍କୃତ ଟୋଲ ବର୍ତ୍ତମାନ ମହାବିଦ୍ୟାଳୟ ରୂପନେଇସାରିଛି। ପ୍ରାରମ୍ଭରୁ ଏଠାରେ ଆଚାର୍ଯ୍ୟ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଥିଲା। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଏହା କାର୍ଯ୍ୟକରୁଥିବା ବେଳେ ୧୯୮୪ରେ ନୂତନ ଶିକ୍ଷା ନୀତି ପ୍ରଣୟନ ପରେ ଯୁକ୍ତ ୨ ଉପଶାସ୍ତ୍ରୀ ଓ ୩ ଶାସ୍ତ୍ରୀ ପାଠ୍ୟକ୍ରମ ପ୍ରଚଳନ ହେଲା। ପରବର୍ତ୍ତୀ ସମୟରେ ଟୋଲରୁ ସରକାରୀ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ଭାବେ କାର୍ଯ୍ୟ କରିଥିଲା। ଗତ ୧୯୯୨ରେ ଉଚ୍ଚଶିକ୍ଷା ବିଭାଗ ସହିତ ମିଳିତ ଭାବେ କାର୍ଯ୍ୟ କରିବା ସହିତ ଯୁକ୍ତ ୨ ଓ ଯୁକ୍ତ ୩ କଳା ପାଠ୍ୟକ୍ରମ ପ୍ରଚଳିତ ହେଲା। ଏବେ ଏଠାରେ ସାହିତ୍ୟ, ବ୍ୟାକରଣ ଓ ବେଦାନ୍ତ ୩ଟି ସମ୍ମାନ ଶ୍ରେଣୀରେ ଏଠାରେ ଶିକ୍ଷାଦାନ ହେଉଛି। ଏଠାରେ ୩୦୦ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ବେଳେ ଏହି ଶିକ୍ଷାନୁଷ୍ଠାନ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଯାହାକୁ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ପଦ୍ମା ଦେବୀ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଭେଟି ଅନୁଷ୍ଠାନର ପୁନରୁଦ୍ଧାର ପାଇଁ ନିବେଦନ କରିଥିଲେ। ଶିକ୍ଷାନୁଷ୍ଠାନ ପାଇଁ ମହାରାଜା ପ୍ରଦାନ କରିଥିବା ୧୦୬ ଡିସିମିଲ ଜମି ସହ ଘରେ ଏହି ଅନୁଷ୍ଠାନ ପରିଚାଳିତ। ପରବର୍ତ୍ତୀ ସମୟରେ ୨୫ ଡେସିମିଲ ଜମି ଜବରଦଖଲକାରୀଙ୍କ କବଳକୁ ଯିବାପରେ




## ଓଡ଼ିଶାରେ ସଂସ୍କୃତ ଶିକ୍ଷାର ଏହା ଏକ ଐତିହାସିକ କେନ୍ଦ୍ର

ଏବେ ୮୧ଡିସିମିଲ ଜମି ରେକର୍ଡରେ ଅଛି ; ପରନ୍ତୁ ସେହି ଜମିରେ ପମ୍ପହାଉସ ଘର, ତାରିଣୀ ମନ୍ଦିର ଆଦି ନିର୍ମାଣ ସହିତ ଏକ ଲଜ୍ ମାଲିକ ଓ ଅନ୍ୟମାନେ ଜବରଦଖଲ କରି ଚାଲିଛନ୍ତି। ପାଚେରୀ ନ ଥିବାରୁ ଚତୁଃପାର୍ଶ୍ୱରେ ଉଠା ଦୋକାନୀ ପସରା ଓ ଦିନରାତି ମଦ୍ୟପ ତଥା ନିଶାଡିଙ୍କ ଉତ୍ପାତ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନୀ କରୁଛି। ସେହିପରି ମହାବିଦ୍ୟାଳୟର କର୍ମଚାରୀ ଓ ଭିତ୍ତିଭୂମି ଅଭାବ ସମସ୍ୟାକୁ ବହୁଗୁଣିତ କରୁଛି। ଆବଶ୍ୟକ ସଂଖ୍ୟକ ଅଫିସ ରୁମ ନଥିବା ବେଳେ ଗୋଟିଏ ରୁମରେ ଅଧ୍ୟକ୍ଷା ଓ ଶିକ୍ଷକ/ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଶ୍ରେଣୀ ଗୃହ କଥା ନ କହିବା ଭଲ। ପୂର୍ବ ସରକାର ୨୫ ଲକ୍ଷ ଟଙ୍କା ପ୍ରଦାନ କରିବା ପରେ ୫ଟି ଶ୍ରେଣୀ ଗୃହରେ ସମସ୍ତ କ୍ଲାସ ହେଉଛି। ଲାଇବ୍ରେରୀ, ଛାତ୍ରଛାତ୍ରୀ କମନରୁମ ଏଠି ସ୍ୱପ୍ନ। ପରିସ୍ରାଗାର ଓ ଶୌଚାଳୟ ବ୍ୟବହାର ଅନୁପଯୋଗୀ ରହିଛି। ହଷ୍ଟେଲ ନଥିବା ବେଳେ ଦୂରଦୂରାନ୍ତ ବିଦ୍ୟାର୍ଥୀ ଗୋଟିଏ ଶ୍ରେଣୀ ଗୃହରେ ରହୁଛନ୍ତି। ଅନୁଷ୍ଠାନର ଅଧିକାଂଶ ଘର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଠାରେ ଅଧ୍ୟକ୍ଷାଙ୍କୁ ମିଶାଇ ୪ ଜଣ ନିୟମିତ, ୫ ଜଣ ଅତିଥି ଅଧ୍ୟାପକ, ୨ଜଣ ଠିକା ଅଣଶିକ୍ଷକ କର୍ମଚାରୀ ଅଛନ୍ତି। ଏପରିସ୍ଥଳେ ଅନୁଷ୍ଠାନ ନବକଳେବର ଘୋଷଣା ଜିଲ୍ଲାବାସୀଙ୍କ ମନରେ ଆଶ୍ୱସ୍ତି ଆଣିଛି। ନୂଆରୂପ ପାଇଲେ ଜିଲ୍ଲା ସମେତ ରାଜ୍ୟର ଅନେକ ବିଦ୍ୟାର୍ଥୀ ଲାଭବାନ ହେବା ସହିତ ମହାରାଜାଙ୍କ ଅନୁଷ୍ଠାନ ଭବିଷ୍ୟତ ନିର୍ମାଣରେ ବିଶ୍ୱକର୍ମା ସାଜିବ।

# ୨୦୦ ପରିବାର ଜଳବନ୍ଦୀ; ପାଣି ନିଷ୍କାସନ ଦାବି

ଚନ୍ଦନେଶ୍ୱର, ୧୬।୯ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସାହାବାଜିପୁର ପଞ୍ଚାୟତ ଅଧୀନ ଉଦୟପୁର ଗ୍ରାମର ୨୦୦ ପରିବାର ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଲୋକଙ୍କ ଘର ଦ୍ୱାର ପାଣି ଘେରରେ ରହିଛି। ଚୁଲିରେ ପାଣି ପଶି ଯିବା ଫଳରେ ରୋଷେଇ ବାସ କରି ଖାଇ ପାରୁନାହାନ୍ତି । ସ୍କୁଲର ଛାତ୍ରଛାତ୍ରୀ, ଅଙ୍ଗନବାଡି କେନ୍ଦ୍ରର ଛୋଟ ଛୋଟ ପିଲାମାନେ ପାଠ ପଢିବାକୁ ଯାଇ ପାରୁନାହାନ୍ତି। ଗ୍ରାମବାସୀ ଚନ୍ଦନେଶ୍ୱର ବଜାର ଏବଂ ଅନ୍ୟାନ୍ୟ ଜରୁରୀ କାମରେ ଯାଇ ନ ପାରି ହନ୍ତସନ୍ତ ହେଉଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଉକ୍ତ ଉଦୟପୁର ଗ୍ରାମର ବର୍ଷା ପାଣି ପଶ୍ଚିମବଙ୍ଗ ପଟକୁ ବାହାରି ଯାଉଥିବାବେଳେ ପଶ୍ଚିମବଙ୍ଗ ପ୍ରଶାସନ ଉକ୍ତ ଜଳ ନିଷ୍କାସନ ବ୍ୟବସ୍ଥାକୁ ବନ୍ଦ କରି ଏଠାରେ ଚିଙ୍ଗୁଡ଼ି ଘେରି ନିର୍ମାଣ କରିବା ଫଳରେ ଜଳ ନିଷ୍କାସନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି । ତେଣୁ ଉକ୍ତ ଗ୍ରାମର ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସାହାବାଜିପୁର ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ଗିରି ସମେତ ଗ୍ରାମବାସୀ ମିନା ବେହେରା, ଚମ୍ପାବତୀ ପଟ୍ଟାୟତ, ବସୁମତୀ ପଟ୍ଟାୟତ, ଧୀର ବେହେରା, ଭରତ ବେହେରା, ରବୀନ୍ଦ୍ର ପଟ୍ଟାୟତ ପ୍ରମୁଖ ଦାବି କରିଛନ୍ତି।

# ମାରଣାସ୍ତ୍ର ଦେଖାଇ ଟଙ୍କା ଓ ମୋବାଇଲ ଲୁଟିନେଲେ



ରାଜଘାଟ, ୧୬।୯ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥ କୁଣ୍ଡପୁର୍ ନିକଟରୁ ଜଣେ ମେଡ଼ିସିନ ରିପ୍ରେଜେଣ୍ଟେଟିଭଙ୍କଠାରୁ ନଗଦ ଟଙ୍କା ଓ ମୋବାଇଲ ଛଡାଇବା ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୁଲିସ ଘଟଣାର ବିଭିନ୍ନ ସିସିଟିଭି ଯାଞ୍ଚ କରିବା ସହିତ ଛାନଭିନ ଜାରି ରଖିଛନ୍ତି। ମେଡ଼ିସିନ ରିପ୍ରେଜେଣ୍ଟେଟିଭ ଗୌରାଙ୍ଗ ମହାପାତ୍ର ଭୋଗରାଇ ଓ ଜଳେଶ୍ୱରରୁ ବିଭିନ୍ନ ଔଷଧ ଦୋକାନରୁ ଟଙ୍କା କଲେକସନ୍ କରି ରୂପସା ଫେରୁଥିବା ବେଳେ ଆଜି ଅପରାହ୍ନ ସମୟରେ ଏକ ଆପାଚି ବାଇକ୍ ପିଛାକରି କୁଣ୍ଡପୁର୍ ନିକଟରେ ଗୌରାଙ୍ଗଙ୍କୁ ଅଟକାଇ ତାଙ୍କ ନିକଟରୁ ସତୁରୀ ହଜାର ପଚାଶ ଟଙ୍କା ଛଡାଇବା ସହିତ ତାଙ୍କ ନିକଟରେ ଥିବା ମୋବାଇଲ ଫୋନକୁ ମଧ୍ୟ ଛଡାଇ ନେଇ ଚମ୍ପଟ ମାରିଥିଲେ। ଏ ନେଇ ଗୌରାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ତେବେ ଜାତୀୟ ରାଜପଥରେ ଦୈନନ୍ଦିନ ଲୁଟ ରାହାଜାନୀ ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଥାନା ଅଞ୍ଚଳରେ ରାତ୍ରି କାଳୀନ ଯାନବାହନ ଯାଞ୍ଚକୁ କଡାକଡି କରାଯାଇଛି। ତେବେ ଲୁଟେରା ଗ୍ୟାଙ୍ଗ ଏବେ ପୁଲିସକୁ ଚକମା ଦେବାପାଇଁ ରାତି ଛାଡ଼ି ଦିନରେ ଅପରାଧିକ କାର୍ଯ୍ୟକଳାପ ଘଟାଉଥିବା ଓ ଏଥିରେ ପଥଚାରୀ ଦୈନନ୍ଦିନ ଲୁଟ୍‌ର ଶିକାର ହେଉଥିବା ଦେଖିବାକୁ ମିଳିଛି।

## ଦୁର୍ଘଟଣାର ୧୦ ଘଣ୍ଟା ପରେ ହାଇୱା ଚାଳକଙ୍କ ମୃତଦେହ ଉଦ୍ଧାର



ବାଲିବନ୍ଧ, ୧୬।୯ (ସମିସ): ଝୁମ୍ପୁରା ଥାନା ୨୦ ନମ୍ବର ଜାତୀୟରାଜପଥର ରଜାବସା ନିକଟରେ ଏକ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇ ସୋମବାର ବିଳମ୍ବିତ ରାତିରେ କାଶିଆ ନାଳ ପୋଲ ଉପରୁ ତଳକୁ ଖସିପଡ଼ିଥିଲା। ଗାଡ଼ିର ଚାଳକ ପାଣି ଭିତରେ ହାଇୱା ଗାଡି ତଳେ ଚାପି ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଝୁମ୍ପୁରା ପୁଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଓଡି ୦୯ ଜେଡ ୩୬୫୬ ହାଇୱା ଗାଡିଟି ଝୁମ୍ପୁରା ଆଡୁ ରିମୁଳି ଅଭିମୁଖେ ଯାଉଥିଲା। କୌଣସି କାରଣରୁ ଭାରସାମ୍ୟ ହରାଇ କାଶିଆ ନାଳ ପୋଲ ଉପରୁ ତଳକୁ ଖସିପଡ଼ିଥିଲା। ଖବର ପାଇ ପୁଲିସ ତଦନ୍ତ କରିବା ସହ ଦୀର୍ଘ ୧୦ ଘଣ୍ଟା ପରେ ଗାଡିର ଚାଳକଙ୍କ ମୃତଦେହକୁ ପାଣି ଭିତରୁ ଉଦ୍ଧାର କରାଯାଇଛି। ମୃତ ଚାଳକ ଜୀବନ ଓରାମ (୩୨) ଏବଂ ଘର ଝାରଖଣ୍ଡ ରାଜ୍ୟ କୁଆଁରଖୋଦି ଅଞ୍ଚଳରେ ବୋଲି ଜଣାପଡିଛି। ଏକ ମାମଲା ରୁଜୁକରି ମୃତଦେହ ଜବତ କରି ଚମ୍ପୁଆ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇ ପଠାଯାଇଥିବା ପୁଲିସ ସୂଚନା ଦେଇଛି।

## ଖେଳପଡ଼ିଆର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମିପୂଜନ



ତୁରୁମୁଙ୍ଗା,୧୬।୯(ସମିସ): ସଡ଼ଙ୍ଗୀ ପଞ୍ଚାୟତ ଅଧୀନ ସଡ଼ଙ୍ଗୀ ଗ୍ରାମର ଆଦର୍ଶ ଖେଳପଡିଆ ଏବଂ ଦକ୍ଷତା ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଏବଂ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବିଡିଓ ସୁଚିରଞ୍ଜନ ସାହୁ, ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ବିଧାୟକଙ୍କ ପାଟଣା ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ସହାୟକ ଯନ୍ତ୍ରୀ ହେମାଶିଷ ମହାପାତ୍ର, ସଡ଼ଙ୍ଗୀ ସରପଞ୍ଚ ହେମଲତା ନାଏକ, ନାଏବ ସରପଞ୍ଚ କୁନ୍ତଳା ମହାନ୍ତ, ସମିତିସଭ୍ୟ ବାପକ ମୁଣ୍ଡା ଯୋଗ ଦେଇଥିଲେ। ଆଦର୍ଶ ଖେଳ ପଡିଆ ନିର୍ମାଣ ପାଇଁ ୪୪ ଲକ୍ଷ ଟଙ୍କା ଅଟକଳ କରାଯାଇଛି। ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାଗୀରଥୀ ମହାନ୍ତ ସଂଯୋଜନା କରିଥିବା ବେଳେ ପୂଜକ ଉମେଶ କର ପୂଜାର୍ଚ୍ଚନା କରିଥିଲେ। ସଂକଳ୍ପରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ସାହୁ ବସିଥିଲେ। ସଚ୍ଚିଦାନନ୍ଦ ସାହୁ, ମଙ୍ଗରାଜ ସାହୁ, ମଧୁସୂଦନ ସାହୁ, ବିବେକାନନ୍ଦ ସାହୁ, ନିରଞ୍ଜନ ସାହୁ, ମୋତିଲାଲ ସାହୁ, ବାବୁଲୁ ନାଏକ, ବାରେନ୍ଦ୍ର ସାହୁ, ରୋହିତ ସାହୁ, ବାବନ୍ନାଲତା ସାହୁ, ଲୋପାମୁଦ୍ରା ସାହୁ, ରାସେଶ୍ୱରୀ ସାହୁ, ମିଳି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ରାମଚନ୍ଦ୍ରପୁର,୧୬।୯(ସମିସ): ରାମଚନ୍ଦ୍ରପୁର ରାମେଶ୍ୱର ଷ୍ଟାଡିୟମ୍‌ରେ ବିଭିନ୍ନ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ପ୍ରଦୀପ ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ବିଧାୟକ ବଦ୍ରିନାରାୟଣ ପାତ୍ର, ଘସିପୁରା ବିଡିଓ ବିନିତା ବିଜୟିନୀ, ବ୍ଲକ ଶିକ୍ଷାଧିକାରୀ ସଦ୍ୟସ୍ନାନ୍ ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଚାରାରୋପଣର ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମ୍ ଚତୁପାର୍ଶ୍ୱରେ ବିଭିନ୍ନ କିସମ ଗଛର ଚାରା ରୋପଣ କରାଯାଇଛି।

## ଗ୍ରାମାଞ୍ଚଳ ଫୁଟ୍‌ବଲ ପ୍ରତିଯୋଗିତା: ନିତିସ ବ୍ରଦର୍ସ ଚାମ୍ପିଅନ



ଚମ୍ପୁଆ, ୧୬।୯(ସମିସ): ଚମ୍ପୁଆ ବ୍ଲକ ଜାମୁଦଲକ ପଞ୍ଚାୟତର ଶ୍ରୀଧରପୁରଠାରେ ଷଷ୍ଠ ବାର୍ଷିକ ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମାଁ ତାରିଣୀ ୟୁଥକ୍ଲବ ତରଫରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା ବିଶିଷ୍ଟ ସମାଜସେବୀ ସୁମନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ ରମେଶ ମୁଣ୍ଡା, ଦିଲ୍ଲୀପ ମହାନ୍ତ, ଜର୍ମାନି ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ୧୬ଟି ଟିମ୍‌କୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ନିତିସ ବ୍ରଦର୍ସ ଦଳ ଚାମ୍ପିଅନ ହୋଇଥିଲା। ମୁଖ୍ୟଅତିଥି ଚମ୍ପିୟାନ ଟିମ୍‌କୁ ୧୫ ହଜାର ସହିତ ଟ୍ରୋଫି ଓ ରନର୍ସଅପ ଦଳକୁ ୧୦ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ରେଫରି ଭାବରେ ଗୋକୁଳ ମହାନ୍ତ, ରଂଜନ ନାଏକ ଓ ଟୁନା ଗିରି ପରିଚାଳନା କରିଥିଲେ।

# ରେଳପଥ ସଂଯୋଗ ଦାବିରେ ଦସ୍ତଖତ ଅଭିଯାନ

ଆନନ୍ଦପୁର, ୧୬।୯ (ସମିସ)

କେନ୍ଦୁଝର ଜିଲ୍ଲାର ପ୍ରମୁଖ ଅଞ୍ଚଳ ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଆରମ୍ଭ ହୋଇଛି ଦସ୍ତଖତ ଅଭିଯାନ। ପ୍ରାୟ ୧୦ ହଜାର ପୋଷ୍ଟକାର୍ଡରେ ଏହିଦାବି କେନ୍ଦ୍ର ସରକାରଙ୍କ ରେଳବିଭାଗ ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପ୍ରେରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଦୀର୍ଘ ୧୫ବର୍ଷ ହେଲା ଏହି ଦାବି ପୂରଣ ପାଇଁ ସଂଗ୍ରାମ ଚାଲିଥିଲେ ହେଁ କେନ୍ଦ୍ର ସରକାର ମୋହର ମାରି ନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦୁଝର ସାଂସଦ ଅନନ୍ତ ନାୟକ ସାଂସଦରେ ଏହି ଦାବି ଉପରେ ୩ ଥର ଆଲୋଚନା କରିଥିଲେ ମଧ୍ୟ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେନ୍ଦୁଝର ଜିଲ୍ଲାରେ ମୋଟ୍ ୧୬୪.୮୨କିମି ରେଳପଥ ରହିଛି। ସମସ୍ତ ରେଳପଥ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡରେ ଅଛି। ଆନନ୍ଦପୁରବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡ ଲୋକେ ଯାଜପୁରରୋଡ ଭଦ୍ରକ ରେଳଷ୍ଟେସନ୍ ଉପରେ

**୧୫ ବର୍ଷ ଧରି ଆନନ୍ଦପୁରର ସଂଗ୍ରାମ ଜାରି**

ନିର୍ଭର କରୁଛନ୍ତି। ୨୦୦୫ରେ ଯାଜପୁରରୋଡରୁ ଭାୟା ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼କୁ ରେଳସଂଯୋଗ କରିବାକୁ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାଛଡା ଭଦ୍ରକରୁ ଭାୟା ଆନନ୍ଦପୁର, ଘଟଗାଁ ଦେଇ ସୀତାବିଞ୍ଜି ଷ୍ଟେସନକୁ ରେଳପଥ ସଂଯୋଗ ପାଇଁ ଅନ୍ୟ ଏକ ପ୍ରସ୍ତାବ ଦିଆଯାଇଥିଲା। ୨୦୧୩-୧୪ ଆର୍ଥିକବର୍ଷରେ ଜେକେରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶିପୁରକୁ ରେଳପଥ ସଂଯୋଗପାଇଁ ପ୍ରସ୍ତାବ ଆସି ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯାଇଥିଲା; ଯାହା ନାଲିଫିତା ତଳେ ରହିଯାଇଛି। କେନ୍ଦୁଝର ଜିଲ୍ଲାର ଟାଙ୍ଗିରିଆପାଳ ଷ୍ଟେସନରୁ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳସଂଯୋଗ ହେଲେ ଉଭୟ ବ୍ୟବସାୟ ଓ ଯାତ୍ରୀଙ୍କ ପାଇଁ ସୁବିଧା ହୋଇପାରିବ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦୁଝରରୁ ସାଂସଦ ଅନନ୍ତ ନାୟକ ନିର୍ବାଚିତ ହେବାପରେ ରେଳପଥ ସଂଯୋଗପାଇଁ ପ୍ରତିଶ୍ରୁତି ଦେବାସହ ଲୋକସଭାରେ ଦାବି ଉପସ୍ଥାପନା କରିଥିଲେ। ହେଲେ ରେଳବିଭାଗ ପକ୍ଷରୁ ଏନେଇ କୌଣସି ଘୋଷଣା କରାଯାଉ ନଥିବାରୁ ଅସନ୍ତୋଷ ଉଗ୍ରରୂପ ଧାରଣ କରୁଥିବା ଜଣାଯାଇଛି।



## ଛାତ୍ରଛାତ୍ରୀଙ୍କୁ ନେଇ ଓଜୋନ୍ ଦିବସରେ ସଚେତନତା



କେନ୍ଦୁଝର,୧୬।୯(ସମିସ): ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଲଳିତ ରଂଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଡ ବନବିହାରୀ ମିଶ୍ର ମୁଖ୍ୟଅତିଥି ଭାବେ ଓଜୋନ ସ୍ତରର ସ୍ଥିତି ଏବଂ ତାର ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଚିତ୍ତରଞ୍ଜନ ସାହୁ, ଭୂତତ୍ତ୍ୱ ବିଭାଗ ମୁଖ୍ୟ ଜିତେନ୍ଦ୍ର ପୁରେଇ, ଧରଣୀଧର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ନରେନ୍ଦ୍ର ସାହୁ, ସମାଜସେବୀ ଶ୍ୟାମସୁନ୍ଦର ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ଭୂତତ୍ତ୍ୱ ବିଭାଗର ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ଜସ୍ମିନ ବିଶ୍ୱାଳ ଓଜୋନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭୂତତ୍ତ୍ୱ ବିଭାଗ ଅଧ୍ୟାପିକା ସୌମିତା ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଛାତ୍ରୀ, ଅଧ୍ୟାପକ ଏବଂ ଅଧ୍ୟାପିକା ଯୋଗ ଦେଇଥିବା ବେଳେ ଅଧ୍ୟାପକ ରଜତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ତେଲକୋଇ:** ତେଲକୋଇସ୍ଥିତ ଚାରିଗଡ଼ ମହାବିଦ୍ୟାଳୟରେ ବିଶ୍ୱ ଓଜନ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଜ୍ଞାନ ବିଭାଗର ମୁଖ୍ୟ ସୁଶ୍ରୀ ପାର୍ବତୀ ସାହୁ, ପଙ୍କଜ ମିଶ୍ର, ଲାଲାଜୀ ହର୍ଷବର୍ଦ୍ଧନ ମାଝୀ ଓ ବବିତା ରାଉଳ କଲେଜର ସମସ୍ତ ଛାତ୍ରଛାତ୍ରୀଙ୍କୁ ଓଜନ ସ୍ତର କ୍ଷୟର କାରଣ ଓ ନିରାକରଣ ଉପରେ ଆଲୋକପାତ କରି ପିଲାଙ୍କୁ ସଚେତନ କରିଥିଲେ।

## ଶିକ୍ଷକ ସଙ୍ଘର ଡ୍ରାଫ୍ଟ କ୍ୟାଡର ନିୟମ ଲାଗୁ ଦାବି



ଆନନ୍ଦପୁର, ୧୬।୯ (ସମିସ): ଓଡ଼ିଶା ହିନ୍ଦୀ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ନାଥ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି ଓଡ଼ିଶାରେ ସେକେଣ୍ଡାରୀ ସ୍କୁଲଗୁଡ଼ିକରେ କାର୍ଯ୍ୟରତ ହିନ୍ଦୀ ସଂସ୍କୃତ ପଢ଼ାଉଥିବା ଶିକ୍ଷକଙ୍କୁ ତୁରନ୍ତ ଡ୍ରାଫ୍ଟ କ୍ୟାଡର ନିୟମ ପ୍ରଚଳନ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୩ରେ ଶିକ୍ଷାମନ୍ତ୍ରୀଙ୍କ ଅନୁମୋଦନ ପାଇଥିଲେ ହେଁ ପ୍ରଶାସନିକ ଅସହଯୋଗ ଯୋଗୁଁ ଫାଇଲ କାମ କଚ୍ଛପ ଗତିରେ ଚାଲିଥିବା ଅଭିଯୋଗ କରିଛି ସଂଘ। ୨୦୨୧ରେ ଶ୍ରୀ ନାଥ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଦାୟିତ୍ୱ ଗ୍ରହଣ କରି କ୍ୟାଡର ନିୟମ ସଂଶୋଧନ ପାଇଁ ବହୁ ଚେଷ୍ଟା କରିଥିଲେ ହେଁ ବହୁ ହିନ୍ଦୀ ଶିକ୍ଷକ ସ୍କୁଲରେ ନିର୍ଯାତନା ସହି ଅବସର ନେଇ ସାରିଲେଣି। ୨୦୨୨ରୁ କାର୍ଯ୍ୟକାରୀ ସଭାପତି ହୋଇ ସାରା ରାଜ୍ୟରେ ହିନ୍ଦୀ ସହିତ ସଂସ୍କୃତ ଶିକ୍ଷକଙ୍କୁ ସଙ୍ଗଠିତ କରି ମୋହନ ସରକାରରେ କ୍ୟାଡର କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ଯୋଗୁଁ ଖୁବ୍ କମ୍ ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିବ ବୋଲି ଆଶା ବାନ୍ଧିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଇଥିବା ଶ୍ରୀ ନାଥ ଜଣାଇଛନ୍ତି।

## ରାସ୍ତା ଅତିକ୍ରମ ବେଳେ ଛାତ୍ରୀଙ୍କୁ ଧକ୍କା; ରାସ୍ତାରୋକ

ଆନନ୍ଦପୁର, ୧୬।୯ (ସମିସ): ଧକୋଠାରେ ରାସ୍ତା ଅତିକ୍ରମ ସମୟରେ ଛାତ୍ରୀଙ୍କୁ ଧକ୍କାଦେଇ ଦ୍ରୁତଗତିରେ କାର୍ ପଳାଇବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଛାତ୍ରଛାତ୍ରୀ ବିକଳ୍ପ ବ୍ୟବସ୍ଥା ପ୍ରତିବାଦରେ ୩ ଘଣ୍ଟା ରାଜପଥ ଅବରୋଧ କରିବାରୁ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଥିଲା। ସୂଚନା ଅନୁସାରେ, ୨୦ ନଂ ଜାତୀୟ ରାଜପଥର ଧକୋଠା ହାୟର ସେକେଣ୍ଡାରୀ ସ୍କୁଲରେ ପଢୁଥିବା ଛାତ୍ରୀ ସସ୍ମିତା ମୁର୍ମୁ ଆଜି ସକାଳୁ ସାଇକଲେ ଯୋଗେ ସ୍କୁଲକୁ ଆସୁଥିଲେ। ରାସ୍ତା ପାରି ହେବା ସମୟରେ ଏକ କାର୍ ତାଙ୍କୁ ଧକ୍କାଦେଇ ପଳାଇଥିଲା। ଗୁରୁତର ଛାତ୍ରୀଙ୍କୁ ସ୍ଥାନୀୟ ଲୋକେ ନେଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ସେପଟେ ଦୁର୍ଘଟଣାକୁ କେନ୍ଦ୍ରକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବରୁ ସେହି ସ୍ଥାନରେ ଚାରିଥର ଦୁର୍ଘଟଣା ଘଟି ଧନଜୀବନ ହାନିହୋଇଥିଲେ ମଧ୍ୟ ରାସ୍ତରେ ହମ୍ପ ନିର୍ମାଣ କିମ୍ବା ସେହି ସ୍ଥାନରେ ଏକ ଓଭରବ୍ରିଜ୍ ନିର୍ମାଣ ଦାବିପ୍ରତି ଦୃଷ୍ଟି ଦିଆଯାଉ ନଥିବାରୁ ଛାତ୍ରଛାତ୍ରୀ ମୁଖ୍ୟରାସ୍ତା ବନ୍ଦ କରି ପ୍ରତିବାଦ କରିଥିଲେ। ଘଷିପୁରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି ରାସ୍ତାରୋକ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।



## ନାଳ ନିକଟରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ



ବାଲିବନ୍ଧ/ଯୋଡ଼ା, ୧୬।୯ (ସମିସ): ବାମେବାରୀ ଥାନା ଅନ୍ତର୍ଗତ ମଲଦା ପଞ୍ଚାୟତ କାଳିପାଳ ଗ୍ରାମ ଜଗଦଳା ନାଳ ନିକଟରୁ ମଙ୍ଗଳବାର ଏକ ଅଜଣା ଯୁବକଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିଛି ପୁଲିସ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି ପୁଲିସ। ସୋମବାର ଅପରାହ୍ନରେ କାଳିଆପାଳ ଗ୍ରାମର କିଛି ଛେଳି ଚରାଳି ଜଗଦଳା ନାଳ ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ସେଠାରେ ଏକ ମୃତଦେହ ଅର୍ଦ୍ଧ ପୋତି ହୋଇଥିବା ଅବସ୍ଥାରେ ଦେଖି ସଙ୍ଗେ ସଙ୍ଗେ ଗ୍ରାମର ୱାର୍ଡମେମ୍ବରଙ୍କୁ ଖବର ଦେଇଥିଲେ। ୱାର୍ଡମେମ୍ବର ଶୁକଦେବ ନାଏକ ବାମେବାରୀ ପୁଲିସକୁ ଖବର ଦେଇଥିଲେ। ମଙ୍ଗଳବାର ବାମେବାରୀ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମାଜିଷ୍ଟ୍ରେଟ ତଥା ଝୁମ୍ପୁରା ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ମୃତଦେହ ଯାଞ୍ଚ କରି ଉଦ୍ଧାର କରାଯାଇଥିଲା। ଯାଞ୍ଚ ସମୟରେ ମୃତଦେହରେ କିଛି ସ୍ଥାନରେ କ୍ଷତ ଚିହ୍ନ ଦେଖାଯାଇଥିଲା। କୌଣସି ବନ୍ୟଜନ୍ତୁ କାମୁଡ଼ିବାରେ ହୋଇଥାଇପାରେ ବୋଲି ସନ୍ଦେହ କରୁଥିବା ବେଳେ, ସ୍ଥାନୀୟ ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛନ୍ତି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ, ସାଇଣ୍ଟିଫିକ ଟିମ ସହ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବାମେବାରୀ ଥାନାଧିକାରୀ ଝାସକେତନ ଭୋଇ, ବଡ଼ବିଲ ଥାନାଧିକାରୀ ଅଶୋକ ନାଏକ ଉପସ୍ଥିତ ଥିଲେ। କେନ୍ଦୁଝରସ୍ଥିତ ମର୍ଗ ହାଉସରେ ମୃତଦେହକୁ ୭୨ଘଣ୍ଟା ରଖାଯିବ। ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବଡ଼ବିଲ ଏସଡିପିଓ ଶ୍ରୀ ପିଙ୍ଗୁଆ ସୂଚନା ଦେଇଛନ୍ତି।

## ବିଧବା ଓ ବରିଷ୍ଠ ନାଗରିକଙ୍କ ଆଇନ ସଚେତନତା କାର୍ଯ୍ୟକ୍ରମ




କେନ୍ଦୁଝର, ୧୬।୯(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ଓ ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଶ୍ରମ ବିଭାଗ ସହଯୋଗରେ ବିଧବା ଓ ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର ତଥା ଦାଦନ ଶ୍ରମିକଙ୍କ ସମସ୍ୟା ସଂପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲା ବେଳେ ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ, ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ନାୟକ, ପାନେଲ ଅଧିବକ୍ତା ସୁନୀଲ ମହାନ୍ତ, ରମଣୀ ରଞ୍ଜନ ସେଠୀ, ଦୈତାରୀ ଆପଟ, ସରପଞ୍ଚ ରମେଶ ମୁଣ୍ଡା ସମସ୍ୟା ସଂପର୍କିତ ତଥ୍ୟ ଓ ସମାଧାନ ଉପରେ ବିବରଣୀ ପ୍ରଦାନ କରିଥିଲେ। ଶ୍ରମ ବିଭାଗ ତରଫରୁ ବିଭିନ୍ନ ହିତାଧିକାରୀଙ୍କୁ ପଞ୍ଜିକୃତ ଶ୍ରମିକ ପରିଚୟପତ୍ର ଓ ଭିନ୍ନକ୍ଷମ ବିଭାଗ ଦ୍ୱାରା ବିଧବା ଭତ୍ତା, ବ୍ଲକ ଦ୍ୱାରା ରେସନ କାର୍ଡ ପ୍ରଦାନ କରାଯାଇଥିଲା। ବିଭିନ୍ନ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ପଞ୍ଜିକୃତ ଓ ଅଣସଂଗଠିତ ଶ୍ରମିକମାନେ ଯୋଗ ଦେଇଥିବାବେଳେ ପଞ୍ଚାୟତ କର୍ମକର୍ତ୍ତା ଓ ପ୍ରାଧିକରଣ କର୍ମୀମାନେ ପରିଚାଳନା କରିଥିଲେ।

## ଶିକ୍ଷକ ଅଭାବ ନେଇ ସ୍କୁଲରେ ତାଲା



ତେଲକୋଇ, ୧୬।୯(ସମିସ) : ତେଲକୋଇ ବ୍ଲକ ଚନ୍ଦ୍ରଶେଖରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ସ୍କୁଲ ଗେଟରେ ତାଲା ପଡିଛି। ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମିଶି ମଙ୍ଗଳବାର ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ସ୍କୁଲରେ ୮୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଶିକ୍ଷକ ସଂଖ୍ୟା ୩ରେ ସୀମିତ ରହିଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି କ୍ଲାସରେ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ତିନି ଜଣ ଶିକ୍ଷକ ପାଠ ପଢ଼ାଇବାରେ ସମ୍ଭବ ହେଉନାହିଁ। ଫଳରେ ଛାତ୍ରଛାତ୍ରୀ ବସି ବସି ଘରକୁ ଫେରୁଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସେହି ସ୍କୁଲରେ ପୂର୍ବରୁ ୫ଜଣ ଶିକ୍ଷକ ପାଠ ପଢ଼ାଉଥିବାବେଳେ ଜଣେ ଶିକ୍ଷକ ଅବସର ନେଇଥିଲେ। ତାଙ୍କ ପରେ ଆଉ ଜଣେ ଶିକ୍ଷକଙ୍କୁ ଶିକ୍ଷା ବିଭାଗ ବଦଳି କରିଥିଲେ। ଫଳରେ ସ୍କୁଲରେ ପାଠପଢ଼ାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଓ ସ୍କୁଲ କମିଟି ତେଲକୋଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ କୌଣସି ସମାଧାନ ନହେବାରୁ ସ୍କୁଲ ଗେଟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ବ୍ଲକ ଶିକ୍ଷା ବିଭାଗ ଚଞ୍ଚକତା କରି ମନଇଚ୍ଛା ଶିକ୍ଷକଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### କୁସେଇ ନଦୀରୁ ବେଆଇନ ବାଲି ଉଠାଣ

# ତହସିଲଦାରଙ୍କୁ ଫେରାଦହେଲେ ଗ୍ରାମବାସୀ



ଆନନ୍ଦପୁର, ୧୬।୯ (ସମିସ): ଆନନ୍ଦପୁର ତହସିଲ ଅନ୍ତର୍ଗତ କୁସେଇ ନଦୀ ପଠାରୁ ରାତିସାରା ବେଆଇନ ଭାବରେ ବାଲି ଉଠାଣ ନେଇ ଜନଜୀବନ ପ୍ରଭାବିତ ହେଉଥିବା ନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ ପରେ ଆଜି କେତେକ ଗ୍ରାମବାସୀ ଆନନ୍ଦପୁର ତହସିଲଦାରଙ୍କୁ ସାକ୍ଷାତ ଆଲୋଚନା କରି ନ୍ୟାୟ ଭିକ୍ଷା କରିଛନ୍ତି। ଭାଟିଶିରା ଓ ଖଡ଼ିବିଲ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, କୁସେଇ ନଦୀର ବେଲବାହାଳିଠାରୁ ସରେଇଁ ପର୍ଯ୍ୟନ୍ତ କୌଣସି ବାଲି ସୈରାତକୁ ନିଲାମ ଦିଆଯାଇନାହିଁ ମାତ୍ର କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିବିଶେଷ ବେଆଇନ ଭାବରେ ଦୈନିକ ଏହି ସଇରାତରୁ ବେଆଇନ ଭାବରେ ରାତିରେ ବାଲି ଉଠାଇ ବାହାରକୁ ଚାଲାଣ କରୁଛନ୍ତି। ଦୈନିକ ୧୦-୧୫ଟି ଟ୍ରାକ୍ଟର ଓ ହାଇୱା ଗାଡି କୁଶେଇନଦୀର ବେଲବାହାଳି ନଦୀପଠା ଭିତରେ ପଶି ପ୍ରାୟ ଏକ କିଲୋମିଟର ଭିତରକୁ ଆସି ବାଲି ଉତ୍ତୋଳନ କରୁଛନ୍ତି। ଦୈନିକ ସନ୍ଧ୍ୟାରୁ ରାତି ୩ଟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ହାଇୱା ଗାଡିରେ ବେଧଡ଼କ ଭାବରେ ବାହାରକୁ ଚାଲାଣ କରୁଛନ୍ତି। ରାତିସାରା ନିୟମିତ ଭାବରେ ଏତେ ସଂଖ୍ୟାରେ ବାଲିବୋଝେଇ ଗାଡି ଯାତାୟାତ କରିବା ଦ୍ୱାରା ଗ୍ରାମବାସୀଙ୍କ ଗୋଚର, ଗୋହାଣ୍ଡି ଓ ଅନାବାଦି ଜମି ନଷ୍ଟ ହେଉଥିବା ବେଳେ କୁଶେଇ ନଦୀର ଅତଡାକୁ ଖସାଇ ଦେଇଥିବାରୁ ବିଶେଷ କରି ମହିଳାମାନେ ଭୟରେ ନଦୀକୁ ଯିବା ପାଇଁ ଅସୁବିଧା ଭୋଗ କରୁଛନ୍ତି। ଏହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଲିଖିତ ଭାବରେ ଜଣାଇଛନ୍ତି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ଦିବସ ପାଳିତ

ଯୋଡ଼ା,୧୬।୯ (ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧ ନମ୍ବର ୱାର୍ଡରେ ଥିବା ଯୋଡ଼ା ସତସଙ୍ଗ ମନ୍ଦିରରେ ମଙ୍ଗଳବାର ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ମହୋତ୍ସବ ନୀତିକାନ୍ତି ସହ ଅନୁଷ୍ଠିତ ହୋଇଯାଇଛି। ଦିନ ୧୦ଟାରେ ମାତୃ ସମିଳନୀ ଏବଂ ୧୧.୩୦ରେ ଏକ ସତସଙ୍ଗ ସଦାଲୋଚନା କରାଯାଇଥିଲା। ନାରାୟଣ ପ୍ରସାଦ ରଥ ସତସଙ୍ଗ ପରିଚାଳନା କରିଥିବା ବେଳେ ଦେବେନ୍ଦ୍ରନାଥ ଦଳେଇ, ସତସଙ୍ଗ ବିହାରର ପରିଚାଳକ ମଦନ ମୋହନ ବାରିକ ଅଂଶଗ୍ରହଣ କରିଥିଲେ। ଯୋଡ଼ା ସତସଙ୍ଗ ବିହାରରେ ଦୀର୍ଘ ୧ ମାସ ବ୍ୟାପି ଶ୍ରୀ ଶ୍ରୀ ଠାକୁରଙ୍କ ଭାଦ୍ରବ ପରିକ୍ରମା ସତସଙ୍ଗ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଆୟୋଜିତ ଏହି ଆବିର୍ଭାବ ମହାତ୍ସବରେ ଯୋଡ଼ା ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୪୦୦ ଭକ୍ତ ଓ ଅନୁରାଗୀ ଯୋଗଦେଇ ପ୍ରସାଦ ସେବନ କରିବା ସହ ସତସଙ୍ଗକୁ ସାମୂହିକ ଭାବେ ଉପଭୋଗ କରିଥିଲେ।

## ବାଡୋରେ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ

ଆନନ୍ଦପୁର, ୧୬।୯ (ସମିସ): ବାଡୋରେ ସ୍ୱର୍ଗତ ବନମାଳି ପଣ୍ଡାଙ୍କ ଦଶମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅବସରରେ ଏକ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଯଦୁନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଘଷିପୁରା ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ସମାରୋହକୁ ଉଦଘାଟନ କରିଥିଲେ। ବିଷ୍ଣୁନାରାୟଣ ସାମଲ ଓ ସାହିତ୍ୟିକ ରତ୍ନାକର ଦାସଙ୍କ ସଂଯୋଜନାରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ବ୍ରଜମୋହନ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର କୁଶଚନ୍ଦ୍ର ପ୍ରଧାନ, ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ମିଶ୍ର, ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ରାମ ନାୟକ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଶରତଚନ୍ଦ୍ର ରାଉତ, ପ୍ରାକ୍ତନ ଅର୍ଥ ସେବା ଅଧିକାରୀ ନାରାୟଣ ସା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା, ଶିକ୍ଷାବିତ୍ ଗଙ୍ଗାଧର ପରିଡ଼ା, ଶିକ୍ଷାବିତ୍ ଓ କବି ପବିତ୍ର ମୋହନ ବେହେରା, ପରିବେଶବିତ ଓ ସମାଜସେବୀ ରମେଶଚନ୍ଦ୍ର ମିଶ୍ର, ଡ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ବାର୍ଷିକ ପତ୍ରିକା କୁଞ୍ଜବନକୁ ଲୋକାର୍ପଣ କରିଥିଲେ। ଡ ବ୍ରଜମୋହନ ମିଶ୍ରଙ୍କୁ କୁଞ୍ଜବନ ପୁରସ୍କାର, ଡ କୁଶଚନ୍ଦ୍ର ପ୍ରଧାନଙ୍କୁ ବାବା ବକୁଳି ଗୋସ୍ୱାମୀ ସମ୍ମାନ, ରମେଶ ମିଶ୍ରଙ୍କୁ ମା ବ୍ରାହ୍ମଣୀ ଦେବୀ ସମ୍ମାନ, ଡ ଅରୁଣ କୁମାର ସାହୁ, ନାରାୟଣ ମିଶ୍ର, ପ୍ରବଚକ ନରହରି ଦାସ, ବେଲାଲ ସେନାପତି, ବାମନ ଚରଣ ବେହେରା, ଘନଶ୍ୟାମ ବୋଇତେଇ, ମୁରଲୀଧର ବେହେରା, କୈଳାଶ ପାତ୍ର, ପବିତ୍ର ମୋହନ ବେହେରା, ପଦ୍ମନାଭ ପୁହାଣ, ରଘୁନନ୍ଦନ ନାଥ, ଅନାଥ ବେଜ, ଚାରଣ ମଧୁସୂଦନ ଭୂୟାଁ, ଶରତ କୁମାର ନାୟକ, ରଘୁନାଥ ରାଉତ, ଗିରିଧାରୀ ବେହେରା, ଶିବସୁନ୍ଦର ସାହୁ, ମନ୍ମଥ ବେହେରା, ରତ୍ନାକର ପାତ୍ର, ଗାୟକ ଦୁଷ୍ମନ୍ତ ମହାନ୍ତି, ବୈଷ୍ଣବୀ ଚକ୍ର, ଗୀତାଞ୍ଜଳି ସାହୁ, ସ୍ୱପ୍ନରାଣୀ ନାଥ ଆରାଧ୍ୟ ସମ୍ପନ୍ନ ଦଳେଇଙ୍କୁ ୨୦୨୫ ବନମାଳି ପଣ୍ଡା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ସମ୍ପାଦକ ନରହରି ରାଉତ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ନିବେଦିତା ପଣ୍ଡା ଭଜନ ପରିବେଷଣ କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୧୬।୯(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଯାଉଁନ୍ତି ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ମହିଳା ଜଣକ ଚନ୍ଦ୍ର ବେଶ୍ରାଙ୍କ ପତ୍ନୀ ରାନ ବେଶ୍ରା (୩୪) ବୋଲି ଜଣାପଡିଛି। ଏ ନେଇ ତଦନ୍ତ ଜାରି ରହିଥିବାବେଳେ ଗ୍ରାମାଞ୍ଚଳ ପୁଲିସ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

## ଗାଡ଼ି ଧକ୍କାରେ ଜଣେ ମୃତ

କେନ୍ଦୁଝର,୧୬।୯(ସମିସ): ଆଜି ସକାଳ ୫ଟାବେଳେ ୪୯ ନମ୍ବର ଜାତୀୟ ରାଜପଥର ବେଲଦା ନିକଟରେ ବୁଲୁଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯିବାରୁ ଜଣେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଖବର ପାଇ ସଦର ଏସଆଇ ଅନନ୍ତ ନାଏକ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ୫୪୩/୨୫ରେ ଏକ ମାମଲା ରୁଜୁ ହୋଇଛି। ଶବ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ୧୧ଶହ ଲିଟର ପୋଚ ନଷ୍ଟ

ରାମଚନ୍ଦ୍ରପୁର,୧୬।୯(ସମିସ): ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ବରାଙ୍ଗ ଆଦିବାସୀ ବସ୍ତିରେ ପୁଲିସ ଚଢ଼ଉ କରି ୧୧ଶହ ଲିଟରରୁ ଅଧିକ ମହୁଲ ପୋଚ ନଷ୍ଟ କରିଛି। ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ ସ୍ବାଇଁଙ୍କ ନିର୍ଦ୍ଦେଶରେ ବରାଙ୍ଗ ଗ୍ରାମରେ ପ୍ରସ୍ତୁତ ହେଉଥିବା ବେଆଇନ ମହୁଲି ମଦ ଭାଟି ଉପରେ ଅଚାନକ ଚଢଉ କରାଯାଇଛି। ମଦ ମାଫିଆ ଫେରାର୍ ହୋଇଯାଇଥିଲଶ ବେଳେ ପୁଲିସ ଘଟଣାସ୍ଥଳରୁ ମଦ ସହ ପ୍ରସ୍ତୁତି ସରଞ୍ଜାମ ନଷ୍ଟ କରିଛି। ବରାଙ୍ଗର ଅନେକ ପରିବାର ପ୍ରତ୍ୟକ୍ଷ ଭାବେ ଏହି କାରବାରରେ ସାମିଲ ହେଉଥିଲା ବେଳେ ଯାଜପୁର ଜିଲ୍ଲାର କୋଣ ଅନୁକୋଣକୁ ମହୁଲି ମଦ ପ୍ରେରଣ କରାଯାଇଥିବା ଅଭିଯୋଗ ହେଉଛି।

## ମଦ ପ୍ରସ୍ତୁତି ବେଳେ ପୁଲିସ ଚଢ଼ଉ

ତୁରୁମୁଙ୍ଗା, ୧୬।୯(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଖଣ୍ଡେଇପଡା, ଭୋଳପଡା ଏବଂ ଭାଲିଆଡିହା ଗାଁ ନିକଟ ଜଙ୍ଗଲ ଭିତରେ ବେଆଇନ ଭାବରେ ଦେଶି ମହୁଲି ମଦ ପ୍ରସ୍ତୁତ ସମୟରେ ସାହାରପଡା ଫାଣ୍ଡି ପୁଲିସ ଚଢ଼ଉ କରି ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ମହୁଲ ପୋଚ ନଷ୍ଟ କରିବା ସହ ସରଞ୍ଜାମକୁ ନଷ୍ଟ କରିଛି। ଚଢ଼ଉରେ ସାହାରପଡା ଫାଣ୍ଡି ଅଧିକାରୀ ପାର୍ଭ ଓରାମ୍, ଏଏସଆଇ ପଞ୍ଚମୀ ମହାନ୍ତଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଅଭିଯୁକ୍ତକୁ ଉଠାଇବାକୁ ଆସି ଫସିଗଲେ ପୁଲିସ ଅଧିକାରୀ

କୁଆମରା,୧୬।୯(ସମିସ): ବିଳମ୍ବିତ ରାତିରେ ଏକ ଫାର୍ମ ହାଉସକୁ ପଶି ମାଲିକକୁ ଉଠାଇ ଆଣିବା ଜଣେ ପୁଲିସ ଅଧିକାରୀଙ୍କୁ ମହଙ୍ଗା ପଡିଛି। ଉଦଳା ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମର ବୁନେଶ ପରିଛା ଖୁଣ୍ଟା ଥାନା ଅଞ୍ଚଳର୍ ସ୍ଥାନୀୟ ଦୋକାନୀଙ୍କଠାରୁ ଲକ୍ଷାଧିକ ଟଙ୍କା ଧାର ନେଇଥିଲେ। ଶ୍ରୀ ପରିଛାଙ୍କ ବିରୋଧରେ ଦୋକାନୀମାନେ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏଏସଆଇ ଛବିଳକାନ୍ତ ନାୟକ ଏକାଧିକ ଥର ଶ୍ରୀ ପରିଛାଙ୍କୁ ଟଙ୍କା ପରିଶୋଧ କରିବାକୁ କହିଥିଲେ; ହେଲେ ସେ ଶୁଣି ନ ଥିଲେ। ପରେ ଆଇଆଇସିଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଶ୍ରୀ ନାୟକ ରାତି ଅଧିଆ ଶ୍ରୀ ପରିଛାଙ୍କୁ ଦୁଇ ଜଣଙ୍କ ସହଯୋଗ ନେଇ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ। ତେବେ ଆଇନ ଉଲ୍ଲଂଘନ କରିଥିବା ନେଇ ଶ୍ରୀ ପରିଛା ଏସ୍ପିଙ୍କ ନିକଟରେ ଅଭିଯୋଗ କରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶ୍ରୀ ନାୟକଙ୍କୁ ଖୁଣ୍ଟାରୁ କରଞ୍ଜିଆ ଥାନାକୁ ବଦଳି କରାଯାଇଛି।

## ଏମ୍‌ଡିଏମ୍ ଅନିୟମିତତାର ତଦନ୍ତ

ରାମଚନ୍ଦ୍ରପୁର,୧୬।୯(ସମିସ): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ଚଞ୍ଚକତା କରି ମାଧ୍ୟାହ୍ନ ଭୋଜନ ଟଙ୍କା ହଡ଼ପ କରିବା ଅଭିଯୋଗ ଘଟଣାରେ ଆଜି ପୁଣି ଜିଲ୍ଲାସ୍ତରୀୟ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ଘସିପୁରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆକାଶ ଜେନା ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ କେନ୍ଦୁଝର ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ ଦାବି କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଜି ଜିଲ୍ଲାସ୍ତରୀୟ ଏକ ଟିମ ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ତଦନ୍ତ କରିଥିବା ଜଣାପଡ଼ିଛି। ଗ୍ରାମବାସୀ ତଥା ଅଭିଭାବକଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଏହି ତଦନ୍ତ ଚାଲିଥିଲା। ଏ ସଂକ୍ରାନ୍ତରେ ଡିଡବ୍ଲୁଓ ସନ୍ତୋଷ ପରିଡା କହିଛନ୍ତି ଯେ ଡିଆଇ, ଏଡିଡବ୍ଲୁଓ ଏବଂ ଏଡିଓ ଏହି ତଦନ୍ତ କରିଛନ୍ତି। ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା



ବଡ଼ସାହି, ୧୬।୯(ସମିସ): ବଡ଼ସାହି ବ୍ଲକ୍ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ପୂର୍ବତ୍ତୋର ସମ୍ଭାଗର ସଂସ୍କୃତି ଜ୍ଞାନ ପରିବୋଧ ଯୋଜନା ପ୍ରମୁଖ ପ୍ରବୋଧ କୁମାର ଭୂୟାଁ ଉଦଘାଟନ କରିଥିଲେ। ଚିତ୍ର ପ୍ରଦର୍ଶନ ଓ କ୍ରିୟା କଳାପ ମାଧ୍ୟମରେ ଶିକ୍ଷା ଗ୍ରହଣ କଲେ ଶିଶୁର ପୂର୍ଣ୍ଣ ବିକାଶ କିପରି ହୋଇପାରେ ବୋଲି ସେ କହିଥିଲେ। ପରିଚାଳନା କମିଟିର ସମ୍ପାଦକ ପ୍ରଦୀପ କୁମାର ଜେନା ସ୍ୱାଗତ ଭାଷଣ ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। କର୍ମଶାଳାରେ ସମସ୍ତ ଗୁରୁମା' ଗୁରୁଜୀ ସହଯୋଗ କରିଥିଲେ।

### ମିଶନ ଶକ୍ତିକୁ ଅଣଦେଖା ନେଇ ତାତିଲେ ମହିଳା

# ପୁନର୍ଗଠନକୁ ବିରୋଧ ଓ ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ



ବାରିପଦା,୧୬।୯(ସମିସ): ମିଶନ ଶକ୍ତିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଣଦେଖା କରାଯାଉଥିବା ଓ ପୁନର୍ଗଠନ ସମ୍ବନ୍ଧୀୟ ଚିଠିକୁ ନେଇ ତାତିଛନ୍ତି ମୟୂରଭଞ୍ଜ ଜିଲ୍ଲାର ହଜାର ହଜାର ମହିଳା। ନ୍ୟାଯ୍ୟ ଦାବି ପାଇଁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶି ବିକ୍ଷୋଭ କରିଥିଲେ। ମିଶନ ଶକ୍ତିକୁ ପୁନର୍ଗଠନକୁ ବିରୋଧ ଓ ସ୍ଥାୟୀ ନିଯୁକ୍ତି ଦାବିରେ ୬ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକ ସ୍ତରୀୟ ୬ହଜାରରୁ ଊର୍ଦ୍ଧ୍ୱ ଇସି ଗ୍ରୁପ ସଦସ୍ୟାମାନେ କାର୍ଯ୍ୟ କରି ଆସୁଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ମଧ୍ୟ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ମୁଖ୍ୟ କାର୍ଯ୍ୟ କରୁଛନ୍ତି; କିନ୍ତୁ ରାଜ୍ୟ ସରକାରଙ୍କ ଏହି ମହିଳାଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଂଗଠିତ କରିବା, ସେମାନଙ୍କୁ ଆର୍ଥିକ ପରିଚାଳନାରେ ତାଲିମ ଦେବା, ପ୍ରୋତ୍ସାହିତ କରିବା ଆଦି କାର୍ଯ୍ୟ କରାଯାଇଥାଏ। ୨୨-୨-୨୦୨୫ରେ ଚିଠି ନମ୍ବର ୩୭୨/୨୫କୁ ନେଇ ମାମଲା ହାଇକୋର୍ଟରେ ବିଚାରଧୀନ ରହିଥିବାବେଳେ ୪-୯-୨୦୨୫ରେ ଚିଠି ନମ୍ବର ୫୨୨୯/ ଏମଏସ ଚିଠିକୁ କାର୍ଯ୍ୟ କରିବାକୁ ସରକାର କହିଥିବାବେଳେ ଏହାକୁ ନେଇ ତାତିଛନ୍ତି କର୍ମକର୍ତ୍ତା। ବର୍ତ୍ତମାନ ପୁନର୍ଗଠନ କରିବା ଆଳରେ ରାଜ୍ୟ ସରକାର ମିଶନ ଶକ୍ତି ବନ୍ଦ କରିବା ପାଇଁ ଯୋଜନା କରିଛନ୍ତି ବୋଲି ସମସ୍ତ ମହିଳା ଅଭିଯୋଗ କରିଛନ୍ତି। ବରିଷ୍ଠତା, ଅଭିଜ୍ଞତାକୁ ଭିତ୍ତି କରି ପୁରସ୍କାର ଦେବା ପରିବର୍ତ୍ତେ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ବିକ୍ଷୋଭ ବେଳେ ଆନ୍ଦୋଳନରତ ହଜାର ହଜାର ସଂଖ୍ୟକ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଧସେଇ ପଶିବା ବେଳେ ମହିଳାଙ୍କୁ ଅଟକାଇବାକୁ ପୁଲିସ ମଧ୍ୟ ବିଫଳ ହୋଇଥିଲା। ଜିଲ୍ଲାପାଳ ଉପସ୍ଥିତ ରହି ଦାବିପତ୍ର ଗ୍ରହଣ କରିବାକୁ ମହିଳାମାନେ ଦାବି କରିବା ସହିତ ବିକ୍ଷୋଭ କରିଥିଲେ। ପରେ ଉପଜିଲ୍ଲାପାଳ ଡ. ପରିଡାଙ୍କ ସହ ମିଶନ ଶକ୍ତି ଜିଲ୍ଲା ଅଧିକାରୀ ଦୀର୍ଘ ସମୟ ଆଲୋଚନା ସତ୍ତ୍ୱେ ମହିଳାମାନେ କୌଣସି କଥା ଶୁଣି ନ ଥିଲେ। ପରେ ଅନୁରୋଧ ରକ୍ଷା କରି ବିକ୍ଷୋଭରୁ ଓହରିଥିଲେ। ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

## ପୁଲିସ ବିରୋଧରେ ତେଜୁଛି ଆଦିବାସୀଙ୍କ ଅସନ୍ତୋଷ



ଆନନ୍ଦପୁର, ୧୬।୯ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଳିମାଟି ଗ୍ରାମପଞ୍ଚାୟତର ନୂଆପଡା ଗ୍ରାମରେ ଆଦିବାସୀମାନଙ୍କ ଉପରେ ହୋଇଥିବା ହିଂସା ଓ ମରଣାତ୍ମକ ଆକ୍ରମଣ ଘଟଣାରେ ପୁଲିସର ସ୍ଥାଣୁତାକୁ ନେଇ ଭୀମ ଆର୍ମି କଡ଼ା ଭାବେ ନିନ୍ଦା କରିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କୁ ତ୍ୱରିତ ଗିରଫ ଏବଂ ଜଡିତ ପୁଲିସ କର୍ମଚାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ, କଲେଜ ଯିବା ବାଟରେ କୋଳିମାଟି ଛକରେ କିଛି ଦୁର୍ବୃତ୍ତ ମାଡ଼ ମାରିବା ସହ ସାଇକଲ ଓ ମୋବାଇଲ ଛଡାଇନେଇଥିଲେ। ଏହି ଘଟଣାର ବୁଝାସୁଝା କରିବାକୁ ଯାଇଥିବା ଆଦିବାସୀ ଗ୍ରାମବାସୀଙ୍କୁ ପୁନର୍ବାର ଆକ୍ରମଣ କରାଯାଇଥିଲା। ୧୦ରୁ ଅଧିକ ଲୋକ ଆହତ ହୋଇ ଆନନ୍ଦପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମହିଳାମାନଙ୍କ ସହ ଅଶାଳୀନ ବ୍ୟବହାର କରାଯାଇଥିବା ଏବଂ ଜାତି ସୂଚକ ଗାଳିଗୁଲଜ କରି ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାର ୨୦ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କୌଣସି ଗିରଫଦାରି ହୋଇନାହିଁ। ଏତଲା ଦିଆ ଯାଇଥିଲେ ମଧ୍ୟ ପୁଲିସ ଅଭିଯୋଗ ରେଜିଷ୍ଟର କରି ନଥିବା ଏବଂ ଭୀମ ଆର୍ମି ସଂଗଠନ ହସ୍ତକ୍ଷେପ କରିବା ପରେ ୨୨ ତାରିଖରେ ରେଜିଷ୍ଟର କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦୁଝରର ଏସପିଙ୍କୁ ଦାବିଗୁଡ଼ିକ ବିଷୟରେ ଅବଗତ କରାଯାଇଥିବା ଭୀମ ଆର୍ମିର କାର୍ଯ୍ୟକର୍ତ୍ତା ବିଭୁତି ସିଂ, ସମାପ୍ରିତ ମାରାଣ୍ଡି, ସୁରେଶ ଓରାମ, ଆଲୋକ ଜେନା, ବିକ୍ରମ ଜେନା, ଧନେଶ୍ୱର, ମିଟୁ, ବୁଧ, ମହେନ୍ଦ୍ର,ଘନାଶ୍ୟାମ, ମାଣିକ,ପପୁ, ସୁଜିତ, ସାଇନାଥ ପ୍ରକାଶ କରିଛନ୍ତି। ଆହୁରି କହିଛନ୍ତି ଯେ ପଦକ୍ଷେପ ନ ନେଲେ ଭୀମ ଆର୍ମି ଏକ ବିଶାଳ ଆନ୍ଦୋଳନ କରି ଆନନ୍ଦପୁର ଥାନା ଘେରଉ କରି ସଂଗ୍ରାମ ଜାରି ରଖିବେ।

## ସ୍ତ୍ରୀକୁ ନିର୍ଯାତନା ଦେବା ଘଟଣାରେ ସ୍ୱାମୀକୁ ବର୍ଷେ ଜେଲ୍

ମୋରଡ଼ା,୧୬।୯ (ସମିସ): ମଙ୍ଗଳବାର ମୋରଡା ଜେଏମଏଫସି କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ଏବଂ ପୀଡିତାଙ୍କୁ ୪୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ସମ୍ବିତ ଦାସଙ୍କ ସୂଚନା ଅନୁସାରେ, ମୋରଡା ଥାନା ଅଧୀନ ଝିଙ୍କିରିଆ ଗ୍ରାମର ଦୀପକ କୁମାର ବେହେରା ୧୯୯୮ରେ ଶକୁନ୍ତଳା ବେହେରାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ୧୦ ହଜାର ଟଙ୍କା, ସୁନା ଗହଣା ଆଦି ଶଶୁରଘର ଲୋକେ ଦେଇଥିଲେ। ବାହାଘରର କିଛି ଦିନ ପରେ ଦୀପକ ଶକୁନ୍ତଳାଙ୍କୁ ଶାରୀରିକ ନିର୍ଯାତନା ଦେବା ସହିତ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲା। ପରେ ସେ ଶକୁନ୍ତଳାଙ୍କୁ ତାଙ୍କ ବାପ ଘରେ ଛାଡିବା ସହିତ ଟଙ୍କା ମାଗୁଥିଲେ। ଶକୁନ୍ତଳାଙ୍କ ବାପା ମଧ୍ୟ ବହୁଥର ଦୀପକଙ୍କୁ ଟଙ୍କା ମଧ୍ୟ ଦେଇଛନ୍ତି। ତେବେ ଏଭଳି ବାରମ୍ବାର ଦୀପକ ଟଙ୍କା ମାଗିବା ପରେ ୨୦୦୫ ମସିହା ଅଗଷ୍ଟ ୧୦ ତାରିଖରେ ଶକୁନ୍ତଳାଙ୍କ ବାପା, ଭାଇ ଆସି ଶକୁନ୍ତଳାଙ୍କୁ ଘରକୁ ନେଇଯାଇଥିଲେ। ଏହାପରେ ସରପଞ୍ଚ, ବରିଷ୍ଠ ଲୋକଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସ୍ଥାୟୀ ସମାଧାନ ନିମନ୍ତେ ବୁଝାମଣା ହୋଇଥିଲା। ତେବେ ଏହାର କିଛି ଦିନ ପରେ ଦୀପକ ପୁଣି ନିର୍ଯାତନା ଦେବା ଆରମ୍ଭ କରିଥିଲା। ତେଣୁ ଶକୁନ୍ତଳା ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଘଟଣାର ବିଚାରି କରି ବିଚାରପତି ଶ୍ରୁତି ପଟ୍ଟନାୟକ ଦୀପକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

## ଦିନେ ଜରି ଗୋଟାଉଥିବା ପିଲା ଆଜି କ୍ୟାରମ୍‌ରେ ପ୍ରଥମ



ଯୋଡ଼ା, ୧୬।୯(ସମିସ): ଦିନେ ଯୋଡ଼ା ବସଷ୍ଟାଣ୍ଡରେ ଛିଣ୍ଡା ମଇଳା ପୋଷାକ ପିନ୍ଧି ମଇଳା ଗଦାରୁ ଜରି ଓ ଖାଲି ବୋତଲ ଗୋଟାଇ ଜୀବନ ବିତାଉଥିବା ଏକ ୧୦-୧୧ ବର୍ଷର ବାଳକ ଯୋଡ଼ା ପୁଲିସ ସହାୟତାରେ ଆଜି ସମାଜର ସୁସ୍ଥ ପରିବେଶରେ ରହି ସୁପଥରେ ଚାଲିବା ଆରମ୍ଭ କରିଛି। ବାପା ମା ଚାଲିଯିବା ପରେ ପେଟ ପାଇଁ ନାଳ ନର୍ଦ୍ଦମାରେ ଘୂରି ବୁଲୁଥିଲା। ଖାଲି ବୋତଲ ବିକି ପେଟ ପୂରାଉଥିଲା। ଏକ ମାସ ତଳେ ପିଲାଟିକୁ ଯୋଡ଼ା ପୁଲିସ ଉଦ୍ଧାର କରି କେନ୍ଦୁଝରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଛାଡି ଆସିଥିଲେ। ଏବେ ସେ ଶିଶୁଟି ଜିଲ୍ଲାସ୍ତରୀୟ ଶିଶୁ କ୍ୟାରମ ପ୍ରତିଯୋଗିତାରେ ପ୍ରଥମ ରାଉଣ୍ଡରେ ପ୍ରଥମ ହୋଇ ସମସ୍ତଙ୍କୁ ଚକିତ କରିଦେଇଛି। ଏବେ ଶିଶୁଟି ପାଠପଢ଼ା ସହ ଖେଳ କୁଦରେ ରୁଚି ଦେଖାଇଛି। ଶିଶୁଟି ଦିନେ ଅନୁଷ୍ଠାନ ପାଇଁ ଗୌରବ ଆଣିଦେବ ବୋଲି ମୁକ୍ତାଶ୍ରମ କର୍ମକର୍ତ୍ତାମାନେ ଆଶା ବାନ୍ଧିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆନୁକୂଲ୍ୟରେ ଆୟୋଜିତ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଭାଗନେଇ କ୍ୟାରମ ପ୍ରତିଯୋଗିତାର ୧ମ ରାଉଣ୍ଡରେ ସଫଳ ହେଇଛି। ଖଣିଅଞ୍ଚଳରେ ଏହିପରି ଅନେକ ଶିଶୁ ଅଲୋଡା ହୋଇ, ବାପ ମା'ଙ୍କଠାରୁ ଅଲଗା ହୋଇ ଘୂରି ବୁଲୁଛନ୍ତି। ଫୁଟପାଥ ସେମାନଙ୍କ ବାସସ୍ଥଳୀ ପାଲଟିଛି। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିବା ନିମନ୍ତେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଉଦ୍ୟମ ପ୍ରଶଂସନୀୟ।

## ଗୋରୁ ବୋଝେଇ ଅଟୋ ଜବତ; ଚାଳକ ଗିରଫ



ମୋରଡ଼ା/ଶୁଳିଆପଦା,୧୬।୯(ସମିସ): ଶୁଳିଆପଦା ଥାନା ପୁଲିସ ମଙ୍ଗଳବାର ସକାଳେ ଏକ ଗୋରୁ ବୋଝେଇ ଅଟୋକୁ ଜବତ କରିବା ସହ ଚାଳକକୁ ଗିରଫ କରିଛି।ଗ ଗିରଫ ଯୁବକ ହେଲେ ମୋରଡ଼ା ଥାନା ଅଧିନ ବଡ଼ମୁଣ୍ଡାବଣି ଗ୍ରାମର ସେକ ସୁଲତାନ। ଙ୍ଗଳବାର ସକାଳେ ଏକ ଅଟୋରେ ଗୋରୁବୋଝେଇ କରି ପଶ୍ଚିମବଙ୍ଗକୁ ବେଆଇନ ଗୋଚାଲାଣ ହେଉଥିବାର ଖବର ପାଇ ଥାନା ଅଧିକାରୀ ସତ୍ୟନାରାୟଣ ବଳ ବାଘଡା ଛକରେ ଚଢ଼ଉ କରିଥିଲେ। ପରେ ଚାଳକକୁ ଗିରଫ କରିବା ସହିତ ଅଟୋକୁ ଜବତ କରିଛନ୍ତି।

## ଆନ୍ତଃରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ୍ ପ୍ରତିଯୋଗିତା



କରଞ୍ଜିଆ,୧୬।୯(ସମିସ): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାର ସପ୍ତମ ଦିବସର ପ୍ରଥମ ରାଉଣ୍ଡ ଖେଳ ମାରିଡା ବନାମ ଗୋଧିନାଳୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲ ଦେବା ଯୋଗୁଁ ଟାଇବ୍ରେକର ଜରିଆରେ ମାରିଡା ଦଳ ୫-୪ ଗୋଲରେ ବିଜୟୀ ହୋଇ ତୃତୀୟ ରାଉଣ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ସେହିପରି ଦ୍ୱିତୀୟ ରାଉଣ୍ଡ ଖେଳ ତିରିଂ ବନାମ ଖୁଣ୍ଟାପଡା ମଧ୍ୟରେ ହୋଇଥିଲା। ଖୁଣ୍ଟାପଡା ୨-୦ ଗୋଲରେ ବିଜୟୀ ହୋଇ ମାରିଡା ସହିତ ଖେଳିଥିଲେ। ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ଜରିଆରେ ଖୁଣ୍ଟାପଡା ୫-୪ ଗୋଲରେ ବିଜୟୀ ହୋଇଥିଲେ। ମୁଖ୍ୟ ଅତିଥି ଦେଓ ଜଳ ସେଚନ ସହକାରୀ ଯନ୍ତ୍ରୀ ମଧୁସୂଦନ ହେମ୍ବ୍ରମ, ସଂସଦର ଉପଦେଷ୍ଟା ଦୀପକ କୁମାର ଦାସ ଅଧିକାରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଂସଦର ଉପସଭାପତି ଡା: ଜନାର୍ଦ୍ଦନ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ଅଭିମନ୍ୟୁ ତ୍ରିପାଠୀ, ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ପ୍ରଥମ କ୍ୱାର୍ଟର୍ସ ଫାଇନାଲ ଓ ସେମି ଫାଇନାଲ ଖେଳ ଅନୁଷ୍ଠିତ ହେବ।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

କୁଆମରା,୧୬।୯(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ୭ ଦିନିଆ ଜାତୀୟ ସେବା ଶିବିର ଉଦଯାପିତ ହୋଇଯାଇଛି। ଯୋଜନା ଅଧିକାରୀ ଅଧ୍ୟାପକ ଗୋପିନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ଉପରକଡଦା ଗ୍ରାମରେ ବିଭିନ୍ନ ସେବା ମୂଳକ କାର୍ଯ୍ୟ ଓ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଅଧ୍ୟକ୍ଷ ସୁବଳ ଦାସ, ଅଧ୍ୟାପକ ପ୍ରଭାତ କୁମାର ସେନାପତି, ଛତିଶ ଦାସ, ଅଶ୍ୱିନୀ ପ୍ରଧାନ, ଅବନୀ ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ପ୍ରଭାତ କୁମାର ମିଶ୍ର, ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛସେବୀଙ୍କୁ ପରାମର୍ଶ ଦେବା ସହ ଉତ୍ସାହିତ କରିଥିଲେ।

## ଜୀବିତ ବୃଦ୍ଧାଙ୍କୁ ମୃତ ଦର୍ଶାଇଲେ ଏଡିଇଓ



ତୁରୁମୁଙ୍ଗା,୧୬।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସୋରାସକଲା ପଞ୍ଚାୟତ ଖମୁଆ ଗ୍ରାମର ଝାଟିଆଳିସାହିର ଗୋବିନ୍ଦ ସେଠୀଙ୍କ ବିଧବା ସ୍ତ୍ରୀ ରଜନୀ ସେଠୀ(୭୩)ଙ୍କୁ ପଞ୍ଚାୟତ ଏଡିଇଓ ମୃତ ଦର୍ଶାଇ ଗତ ନଭେମ୍ବରରୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବାର୍ଦ୍ଧକ୍ୟ ଭତ୍ତାକୁ ବନ୍ଦ କରିଦେଇଛନ୍ତି। ଫଳରେ ରଜନୀ ୧୦ ମାସର ଭତ୍ତା ନପାଇ ହଇରାଣ ହରକତ ହେଉଛନ୍ତି। ଏନେଇ ରଜନୀଙ୍କ ପୁଅ ନବକିଶୋର ମଙ୍ଗଳବାର ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଏସଏସଓ ଅଭୟ ବେହେରା କହିଛନ୍ତି, ପରିବାର ଲୋକେ ବିଡିଓଙ୍କୁ ଦରଖାସ୍ତ କଲେ ପୁଣି ଭତ୍ତା ମିଳିବ। ସରାସକେଲା ପଞ୍ଚାୟତ ପିଇଓ ତପନ କୁମାର ମହନ୍ତ କହିଛନ୍ତି, ସେତେବେଳର ଏଡିଇଓ ଯୋଗେନ୍ଦ୍ର ମହାନ୍ତ ପ୍ରପର ଇନ୍ସପେକସନ୍ ନକରି ବ୍ଲକ୍‌କୁ ଭୁଲ ରିପୋର୍ଟ ଦେଇଥିବାରୁ ଏଭଳି ହୋଇଛି।

# ଜିଲ୍ଲାସ୍ତରୀୟ ଚେସ୍ ଓ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ



ରାମଚନ୍ଦ୍ରପୁର,୧୬।୯(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁରସ୍ଥିତ ଲକ୍ଷ୍ମୀନାରାୟଣ ହାଇସ୍କୁଲ ଖେଳପଡ଼ିଆରେ ଦୁଇଦିନ ଧରି ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଚେସ ଏବଂ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୩ଟି ବ୍ଲକରୁ ବଛାବଛା ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଭଲିବଲ୍‌ରେ ଘସିପୁରା ବ୍ଲକ ଦଳଗତ ଚାମ୍ପିଅନ ହୋଇଥିବା ବେଳେ ତେଲକୋଇ ବ୍ଲକ ରନର୍ଅପ ହୋଇଥିଲା। ସେହିପରି ବାଳିକା ବିଭାଗ ଚେସରେ ସଦର ବ୍ଲକ ଚମ୍ପିଅନ ଏବଂ ବାଳକ ବିଭାଗରେ ପାଟଣା ବ୍ଲକ ଚମ୍ପିଅନ ହୋଇଛି। ରାମଚନ୍ଦ୍ରପୁର ଲକ୍ଷ୍ମୀନାରାୟଣ ହାଇସ୍କୁଲର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଓଷ୍ଟା ସମ୍ପାଦକ ରଞ୍ଜନ ଘଡେଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ରାମକୃଷ୍ଣ ବେହେରା, ସରପଞ୍ଚ ପ୍ରଦୀପ ସାହୁ, ସମିତିସଭ୍ୟ ମନ୍ମଥ ସାହୁ, ବ୍ଲକ କ୍ରୀଡା ସମ୍ପାଦକ ବିଜୟ ସାହୁ, ଅଳତି ଡିଏନ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା, ତରୁଆଁ ଡିବି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଠକ, ନନ୍ଦିନୀଦେବୀ ହାଇସ୍କୁଲର ମୌସୁମୀ ରାଉତ ସମେତ ଅନେକ ପଦାଧିକାରୀ ପୁରସ୍କାର ବିତରଣ କରିଥିଲେ। ମୃନ୍ମୟୀ ପାତ୍ର ଏବଂ କଳ୍ପତରୁ ନାଥ ପରିଚାଳନା କରିଥିଲେ। ଘସିପୁରା ଭଲିବଲ୍ ଟିମର ପ୍ରଶିକ୍ଷକ ଭାବେ ବରଦାପ୍ରସନ୍ନ ଖୁଣ୍ଟିଆ ଦାୟିତ୍ୱ ସମ୍ପାଦନ କରିଥିଲେ। ଶାରୀରିକ ଶିକ୍ଷକ ବିଭୁଭୂଷଣ ଜେନା, ସୁରେଶ ଭୂୟାଁ, ଦେବାଶିଷ ରାଉତ, ଭାରତୀ ଦାସ, ଭଞ୍ଜ ସୋରେନ, ଜ୍ୟୋତିଶଙ୍କର ରାଉତ, ରାଜେଶ ଘଡେଇ, ମଧୁସ୍ମିତା ଜେନା, ଶୁଚିସ୍ମିତା ଜେନା, ମୀନହରି ପେରେଇ, ପ୍ରତ୍ୟୁଷ ମହାନ୍ତି, ରଞ୍ଜନ ବେହେରା, ବିଭୁଦତ୍ତ ମହାନ୍ତି, କାହ୍ନୁ ହେମ୍ବ୍ରମ୍, ପ୍ରାକ୍ତନ କ୍ରୀଡା ଶିକ୍ଷକ କାର୍ତ୍ତିକପ୍ରସାଦ ଶତପଥି, ନିରଂଜନ ଚକ୍ର, ପ୍ରଭାତ ଷଡଙ୍ଗୀ ଏବଂ ଘସିପୁରା ବ୍ଲକ ପ୍ରଶାସନର ସହଯୋଗରେ କ୍ରୀଡ଼ା ପରିଚାଳିତ ହୋଇଥିଲା।

### ଗଭୀର ନଳକୂପ ଖନନରେ ଅନିୟମିତତା ଅଭିଯୋଗ

# ସୁପରଭାଇଜର ଅଟକ; କାମ ବନ୍ଦକଲେ ଗ୍ରାମବାସୀ

ବୈଶିଙ୍ଗା, ୧୬।୯(ସମିସ): ପାନୀୟ ଜଳ ଉତ୍ସ (ଗଭୀର ନଳକୂପ) ଖନନରେ ଅନିୟମିତତା ଅଭିଯୋଗ କରିବା ସହିତ ତଦନ୍ତ ଦାବିରେ ମଙ୍ଗଳବାର ଗ୍ରାମବାସୀ ସୁପଭାଇଜରଙ୍କୁ ଅଟକ ରଖି କାମ ବନ୍ଦ କରିଛନ୍ତି। ହେଲେ ବିଭାଗୀୟ ଏସଡିଓ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।ସୂଚନା ଅନୁଯାୟୀ ବେତନଟୀ ବ୍ଲକ ଅଧୀନ ମଛପଦା ଗ୍ରାମର ବସୁଧା ଯୋଜନାରେ ୨୦୨୨-୨୩ରେ ୫୦ହଜାର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ସହିତ ଏକ ବୋରିଂ କରାଯାଇଥିଲା। ଆଗାମୀ ଦିନରେ କାଳେ ଗୋଟିଏ ବୋରିଂରେ ପାଣି କମିଯିବ ସେଥିପାଇଁ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥା ବିଭାଗ ପକ୍ଷରୁ ସେଠାରେ ପୁଣି ୫ ଲକ୍ଷ ଟଙ୍କାର ଅନ୍ୟ ଏକ ବୋରିଂ ଖୋଳା ଚାଲିଥିଲା। ଉଦଳା ଅଞ୍ଚଳର ଜଣେ ଠିକାଦାର ଏହି କାମ କରୁଥିଲେ। ତେବେ ୨ଦିନ ପୂର୍ବରୁ କାମ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଗ୍ରାମର କିଛି ଯୁବକ ସେଠାରେ ପହଞ୍ଚି ବୋରିଂ ଖୋଳାରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲେ। ଉକ୍ତ ବୋରିଂରେ ୮ ଇଞ୍ଚର ପାଇପ ବ୍ୟବହାର କରାଯିବା ପାଇଁ ୧୬ଇଞ୍ଚ ବ୍ୟାସାର୍ଦ୍ଧ ବିଶିଷ୍ଟ ଗାତ ଖୋଳା ହେବା ଦରକାର; ହେଲେ ସେଠାରେ ମାତ୍ର ୧୨ଇଞ୍ଚର ଗାତ ଖୋଳାଯାଇଛି। ଫଳରେ ଗ୍ରାମବାସୀ ଏକତ୍ରିତ ହୋଇ କାମକୁ ବନ୍ଦ କରିବା ସହିତ ଠିକାଦାରଙ୍କ ସୁପରଭାଇଜଙ୍କୁ ଅଟକ ରଖିଥିଲେ। ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ହୃଦାନନ୍ଦ ବେହେରା ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଗ୍ରାମବାସୀ ତାଙ୍କୁ ମଧ୍ୟ ଅଟକ ରଖିଥିଲେ। ଠିକାଦାରଙ୍କ ସହିତ ମିଶି ଏହି କାମରେ ଦୁର୍ନୀତି ଚାଲିଛି ବୋଲି ଅଭିଯୋଗ କରିଥିଲେ। ଏସଡିଓ ଗୌରାଙ୍ଗ ଚରଣ ନାୟକ



ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ସହିତ ୧୬ଇଞ୍ଚର ବୋରିଂ କରାଯିବା ସହିତ ୨ଥର ପଲିସ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ। ଅନ୍ୟପଟେ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାୟକ କହିଛନ୍ତି ଯେ, ସେ ଏବାବଦରେ ଅବଗତ ନାହାନ୍ତି। ଆସନ୍ତାକାଲି ତଦନ୍ତ ପୂର୍ବକ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୬୩୦-ଆମେରିକାର ବୋଷ୍ଟନ ସହରର ସ୍ଥାପନା।
- ୧୯୫୦- ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ।
- ୧୯୫୭- ମାଲେସିଆ ମିଳିତ ଜାତିସଂଘରେ ସାମିଲ୍ ହେଲା।
- ୧୯୭୦- ଜୋଡାର୍ନରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୨୦୦୪- ୟୁରୋପୀୟ ସଂସଦ ମାଲଦ୍ୱୀପ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ କଲା।

## ଅଜବ ବେଉସା

### ଉକୁଣି ଦେଖିବାକୁ ୮ ହଜାର



ମୁଣ୍ଡରେ ଉକୁଣି ହେବା ଏକ ସାଧାରଣ କଥା। ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ, ପ୍ରାୟ ସମସ୍ତଙ୍କର ଉକୁଣି ହୋଇଥାଏ। ଉକୁଣି ମୁଣ୍ଡରେ ରହି ମଣିଷର ରକ୍ତ ପିଇଥାନ୍ତି। ଏହା କେଶ ଭିତରେ ରହି ଅଣ୍ଡା ଦେବା ସହ ଅନ୍ୟ ମୁଣ୍ଡକୁ ମଧ୍ୟ ଡେଇଁଥାଏ। ବିଶେଷ କରି ସ୍କୁଲ ପିଲାଙ୍କଠାରେ ଏହି ସମସ୍ୟା ଅଧିକ ଦେଖା ଦେଇଥାଏ। ଅଷ୍ଟ୍ରେଲିଆ ସିଡ୍‌ନିରେ ରହୁଥିବା ୨୫ ବର୍ଷୀୟା ର୍‌ୟାଚେଲ୍ ମରୋନଙ୍କ ପେଶା ହେଉଛି ଉକୁଣି ବାଛିବା। ଶୁଣିବାକୁ ଅଜବ ଲାଗିଲେ ବି ସେ ତାଙ୍କର ଏହି ନିଆରା ବେଉସାକୁ ନେଇ ଖୁସି ଅଛନ୍ତି। ସାଧାରଣତଃ ପିଲାଙ୍କ ମୁଣ୍ଡରୁ ମା'ମାନେ ଉକୁଣି ଓ ନିଖ ବାଛିବା କାମ କରନ୍ତି। ହେଲେ ର୍‌ୟାଚେଲ୍ ଅଜଣା ଲୋକଙ୍କ ମୁଣ୍ଡରୁ ଉକୁଣି ବାହାର କରି ଆତ୍ମସନ୍ତୋଷ ଲାଭ କରନ୍ତି। ଅବଶ୍ୟ ଏ ଲାଗି ସେ ପାରିଶ୍ରମିକ ନିଅନ୍ତି। ସେହିପରି ଏଭଳି ଏକ କାମକୁ ସେ କ୍ୟାରିୟର କରିଥିବାରୁ ଅନେକ ଲୋକ ତାଙ୍କୁ 'ପାଗଳ' କହୁଥିବା ର୍‌ୟାଚେଲ୍ କୁହନ୍ତି। ସେ ପାଖାପାଖି ଏକ ଦଶନ୍ଧି ହେଲାଣି ଲୋକଙ୍କ ମୁଣ୍ଡରୁ ଉକୁଣି ଦେଖିଆସୁଛନ୍ତି। ବେଳେ ବେଳେ ଏଥିଯୋଗୁଁ ତାଙ୍କ ମୁଣ୍ଡରେ ମଧ୍ୟ ଉକୁଣି ହୋଇ ଯାଉଥିବା କଥା ର୍‌ୟାଚେଲ୍ କୁହନ୍ତି। ହେଲେ ସେ ଏଭଳି କରି ଆଶ୍ୱସ୍ତି ଅନୁଭବ କରନ୍ତି ବୋଲି କହିଛନ୍ତି। ଯଦିଓ ଏହି କାମକୁ ନେଇ ଲୋକେ ତାଙ୍କୁ ଘୃଣା କରନ୍ତି, ହେଲେ ଏହା ତାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଥିବା ସେ କୁହନ୍ତି। ଅନ୍ୟପଟେ ର୍‌ୟାଚେଲ୍ ତାଙ୍କର ଏହି କାମର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥାନ୍ତି। ଏହି ଭିଡିଓଗୁଡ଼ିକ ମଧ୍ୟ ବେଶ୍ ଭାଇରାଲ ହୋଇଥାଏ। ତେବେ ସେ ଏ କାମ ଲାଗି ଗ୍ରାହକଙ୍କଠାରୁ ୮ ହଜାର ଟଙ୍କା ନିଅନ୍ତି। ଏହାସହ ଉକୁଣି ଜନିତ ଯେକୌଣସି ସଂକ୍ରମଣକୁ ସମ୍ପୂର୍ଣ୍ଣ ଭାବେ ସେ ଭଲ କରି ଦେଉଥିବା ଦାବି ମଧ୍ୟ କରନ୍ତି। ଯଦି ମୁଣ୍ଡରେ ଅଧିକ ଉକୁଣି ଥାନ୍ତି ତେବେ ଗ୍ରାହକଙ୍କୁ ତାଙ୍କୁ ଦ୍ୱିତୀୟ ଥର ଡାକିବାକୁ ହୋଇଥାଏ। ତେବେ ସେ ସର୍ବାଧିକ ୧୭ ଘଣ୍ଟା ଧରି ଜଣକ ମୁଣ୍ଡରୁ ଉକୁଣି ବାଛିଥିଲେ। ଉକୁଣି ବାଛିବା ବେଳେ ସେ କୌଣସି ଗ୍ଲୁଭସ୍ କିମ୍ବା ହେୟାର୍ ନେଟ୍ ଭଳି ସୁରକ୍ଷା ଉପକରଣ ବ୍ୟବହାର କରି ନ ଥାନ୍ତି। ଏସବୁ ବ୍ୟବହାର ନ କରି ଉକୁଣି ବାଛିବା ଦ୍ୱାରା ଗ୍ରାହକ ସହଜ ଅନୁଭବ କରୁଥିବା ର୍‌ୟାଚେଲ୍ କୁହନ୍ତି। ତେବେ ସେ ଏହି କାମ ଫାର୍ମାସିରୁ ଆରମ୍ଭ କରିଥିଲେ। କାରଣ ଏଠାରେ ଏକ ଛୋଟ ଉକୁଣି କ୍ଲିନିକ୍ ଥିଲା। ଏହି କ୍ଲିନିକ୍‌ରେ କାମ କରିବା ବେଳେ ଏହି ପେଶା ପ୍ରତି ସେ ଆକୃଷ୍ଟ ହେଲେ। ଏହାପରେ ସେ ଉକୁଣି ବଛାକୁ କ୍ୟାରିୟର କରିନେଲେ।

## ଦକ୍ଷିଣ ମୁହାଁ ଦିଲଜିତ୍



ଏକଦା ପଞ୍ଜାବ ଇଣ୍ଡଷ୍ଟ୍ରୀରେ ଲୋକପ୍ରିୟ ତାରକା ପାଲଟିଥିବା ଅଭିନେତା ଦିଲଜିତ୍ ଦୋସାଞ୍ଜ ଏବେ ଗ୍ଲୋବାଲ ଆଇକନ୍ ହୋଇଯାଇଛନ୍ତି। 'ସର୍ଦ୍ଦାର ଜୀ ୩'ରେ ଦିଲଜିତ୍ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିର୍‌ଙ୍କ ସହ କାମ କରିବାକୁ ନେଇ ବିବାଦକୁ ଆସି ଯାଇଥିଲେ। ଏଥିପାଇଁ ତାଙ୍କୁ 'ବର୍ଡର ୨'ରୁ ମଧ୍ୟ ବାଦ୍ ଦିଆଗଲା ବୋଲି ଖବର ଆସିଥିଲା। ଏହି କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦିଲଜିତ୍ 'ବର୍ଡର ୨' ସେଟ୍‌ରୁ ଏକ ଭିଡିଓ ସେୟାର୍ କରି ଏଭଳି ଗୁଜବକୁ ବନ୍ଦ କରିଥିଲେ। 'ବର୍ଡର ୨' ପରେ ଏବେ ଦିଲଜିତ୍‌ଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି। ବଲିଉଡ୍‌ରେ ସଫଳ ହେବା ପରେ ଦିଲଜିତ୍ ଏବେ ସାଉଥ୍ ମୁହାଁ। ନିକଟରେ ଦିଲଜିତ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରେ ସେ 'କାନ୍ତାରା ଚାପ୍ଟର ୧'ରେ କାମ କରୁଥିବା କଥା କହିଛନ୍ତି। ତେବେ ଋଷଭ ସେଟ୍ଟୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଦିଲଜିତ୍ ଅଭିନୟ କରିବେ ନାହିଁ। ସେ ଏଥିରେ ଏକ ଗୀତ ଗାଇବେ। ଦିଲଜିତ୍ ଏକ ଭିଡିଓ ସେୟାର୍ କରି କହିଛନ୍ତି-' ବଡ଼ଭାଇ ଋଷଭ ସେଟ୍ଟୀଙ୍କ ସହ। 'କାନ୍ତାରା' ଭଳି ମାଷ୍ଟରପିସ୍ ବନାଇଥିବା ବ୍ୟକ୍ତିଙ୍କୁ ସ୍ୟାଲୁଟ୍। ମୁଁ ଅକ୍ଟୋବର ୨ ପର୍ଯ୍ୟନ୍ତ 'କାନ୍ତାରା ଚାପ୍ଟର ୧'କୁ ସିନେମା ହଲ୍‌ରେ ଦେଖିବାକୁ ଅପେକ୍ଷା କରିପାରିବି ନାହିଁ।' ଏଠାରେ ପ୍ରକାଶ ଥାଉ କି, 'କାନ୍ତାରା ଚାପ୍ଟର-୧' ୨୦୨୨ରେ ଆସିଥିବା 'କାନ୍ତାରା'ର ପ୍ରିକ୍ୱେଲ। ଏହା ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ଜିତିଥିଲା।

## ସାମାଜିକ ଗଣମାଧ୍ୟମର ସ୍ମୃତିରୁ ବଢୁଛି ଚିନ୍ତା

ସାମାଜିକ ଗଣମାଧ୍ୟମ ଏବେ ଜୀବନର ଏକ ବଡ଼ ଅଂଶ ପାଲଟିଥିବା ବେଳେ ଏହାକୁ ନେଇ ଏକ ନୂଆ ଟ୍ରେଣ୍ଡ ଆସିଛି। ଏହାର ନାଁ 'ଡିଜିଟାଲ ହଣ୍ଟିଂ'। ଏହାର ଅର୍ଥ ହେଉଛି ଡିଜିଟାଲ ଅତୀତ, ଯାହା କଦାପି ନଷ୍ଟ ହୋଇ ନ ଥାଏ। ଏହାଦ୍ୱାରା ଜଣେ ଚାହୁଁ ବା ନ ଚାହୁଁ ତା'ର ଅତୀତର କିଛି ସ୍ମୃତି ଡିଜିଟାଲ ମାଧ୍ୟମରେ ବାରମ୍ବାର ତା'ର ଆଖି ସାମ୍ନାକୁ ଆସିଥାଏ। ପୁରୁଣା ଫଟୋ, ପୋଷ୍ଟ, ଚାଟ୍, ସ୍ମୃତି, ତ୍ରୁଟି ଯାହା ପୂର୍ବରୁ ମଣିଷ କରିଥାଏ ଡିଜିଟାଲ ହଣ୍ଟିଂ ମାଧ୍ୟମରେ ବାରମ୍ବାର ଆଖି ସାମ୍ନାକୁ ଆସି ମାନସିକ ଶାନ୍ତି ଭଙ୍ଗ କରେ। ଏପରିକି ଅନେକ ସମୟରେ ଏହା ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି କରେ। ସରଳ ଭାଷାରେ କହିଲେ, କୌଣସି ପୁରୁଣା ସମ୍ପର୍କ ତଥା ଫଟୋ ଅଚାନକ ଟାଇମଲାଇନ୍‌ରେ ଦେଖାଇଲେ ମସ୍ତିଷ୍କ ସେହି ପୁରୁଣା କଥାକୁ ମନେପକାଇ ଅବସାଦ ମଧ୍ୟରେ ରୁହେ। ସେହିପରି ସାମାଜିକ ଗଣମାଧ୍ୟମ, ଦୁଇ ବର୍ଷ ତଳର ପୁରୁଣା ସ୍ମୃତିର ନୋଟିଫିକେସନ ପ୍ରେରଣ କରେ। ହେଲେ ସବୁ ସ୍ମୃତି ସୁଖଦ ହୋଇ ନ ଥାଏ। କିଛି ଫଟୋ ଅତୀତର କିଛି ତିକ୍ତ ଅନୁଭୂତି, ବ୍ରେକ୍‌ଅପ୍, ଏକାକୀତ୍ୱ କଥାକୁ ମନେ ପକାଇଦିଏ। ଏହା ଅତୀତର ସେହି ଯନ୍ତ୍ରଣାକୁ ପୁଣି ଥରେ ମନେ ପକାଇ ଦିଏ। ସେହିପରି ଏହାକୁ ଅତିକ୍ରମ କରି ଆଗକୁ ବଢୁଥିବା ଲୋକ ପୁଣି ଭାବପ୍ରବଣ ହୋଇ ଚିନ୍ତାରେ ବୁଡ଼ି ରହନ୍ତି। ଅବଶ୍ୟ ସମୟ ସହିତ ମଣିଷ ବଦଳୁଛି, ହେଲେ ଇଣ୍ଟରନେଟ୍ ନୁହେଁ। ମଣିଷ ବଦଳିଗଲେ ବି ପୋଷ୍ଟ କରାଯାଇଥିବା ପୁରୁଣା ଫଟୋ, ପୋଷ୍ଟ ବାରମ୍ବାର ସାମ୍ନାକୁ ଆସେ। ବେଳେ ବେଳେ ପୁରୁଣା ପରିଚୟ ବର୍ତ୍ତମାନ ସମୟ ସହିତ ମେଳ ଖାଇ ନ ଥାଏ। ପୁରୁଣା ଫଟୋ ତଥା ପୋଷ୍ଟ ଦେଖି ଲୋକେ ଜୀବନରେ ଆଗକୁ ବଢ଼ିଥିବା ଲୋକଟିକୁ ନେଇ ମନରେ ଭୁଲ ଧାରଣା ଆଣିଥାନ୍ତି।




ଡିଜିଟାଲ ହଣ୍ଟିଂ କେବଳ ପୁରୁଣା ପୋଷ୍ଟ ପର୍ଯ୍ୟନ୍ତ ସୀମିତ ନାହିଁ, ଲାଷ୍ଟ ସିନ୍, ନୋଟିଫିକେସନ, ଟ୍ୟାଗ କରାଯାଇଥିବା ଫଟୋ ସେହିମାନଙ୍କୁ ମନେ ପକାଇ ଦିଏ, ଯେଉଁମାନଙ୍କଠାରୁ ଆମେ ଦୂରେଇ ଯାଇଥାଉ। ତେଣୁ ଏଥିରୁ ଦୂରେଇ ରହିବା ଲାଗି ପୁରୁଣା ପୋଷ୍ଟ, ଚାଟ୍, ଫଟୋ ଆଦିଗୁଡ଼ିକୁ ଡିଲିଟ୍ କରିଦେବା ଦରକାର। ସବୁଠୁ ବଡ଼ କଥା ହେଲା ସାମାଜିକ ଗଣମାଧ୍ୟମରେ ନୋଟିଫିକେସନକୁ ନିୟନ୍ତ୍ରିତ କରିବା ଉଚିତ। ଏହାବାଦ୍ ମଝିରେ ମଝିରେ ଡିଜିଟାଲ ଡିଟକ୍ସ ଆପଣାଇବା ଉପରେ ଗୁରୁତ୍ୱ ଦେବା ଦରକାର।

# ସମ୍ଭାବନା



## ନାନୋ ବାନାନା ଟ୍ରେଣ୍ଡ

**ଏଆଇ ଟୁଲ୍ ସାହାଯ୍ୟରେ ଫଟୋକୁ ଏଡିଟ୍ କରି ତାହାକୁ ସୋସିଆଲ ମିଡିଆରେ ସେୟାର୍ କରିବାର ଅଲଗା ଅଲଗା ଟ୍ରେଣ୍ଡ ଚାଲୁଛି। ଏହି କ୍ରମରେ ଏବେ ନାନୋ ବାନାନା ଟ୍ରେଣ୍ଡ ଚର୍ଚ୍ଚାରେ ଅଛି। ଏହି ଟ୍ରେଣ୍ଡରେ ଲୋକେ ନିଜ ଫଟୋକୁ ଥ୍ରିଡି ମଡେଲରେ ବଦଳାଇ ସୋସିଆଲ ମିଡିଆରେ ସେୟାର୍ କରୁଛନ୍ତି।**




ନାନୋ ବାନାନା ଫଟୋ ତିଆରି କରିବା ଲାଗି ଗୁଗଲ ଏଆଇ ଜେମିନିର ବ୍ୟବହାର କରାଯାଉଛି। ଜେମିନି ୨.୫ ଫ୍ଲାସ୍‌କୁ ହିଁ ଲୋକେ ନାନୋ ବାନାନା ନାଁ ଦେଇଛନ୍ତି। ତେଣୁ ଏହି ଟ୍ରେଣ୍ଡର ନାଁ ନାନୋ ବାନାନା ହୋଇଛି। ଗୁଗଲର ଏଆଇ ଟୁଲ୍ ଜେମିନି ୨.୫କୁ ଯାଇ ସୋପାନ ଅନୁସାରେ, ଥ୍ରିଡି ମଡେଲ ଫଟୋକୁ କ୍ରିଏଟ୍ କରିପାରିବେ। ତେବେ ପ୍ରଥମେ ଜେମିନି ୨.୫ରେ ନିଜର ଫଟୋକୁ ଅପଲୋଡ୍ କରିବାକୁ ହେବ। ଏହାପରେ ଏହାକୁ ଏଡିଟ୍ କରିବା ଲାଗି ଏକ ପ୍ରମପ୍ଟ ଦେବାକୁ ପଡ଼େ। ସେହିପରି ନିଜର ଫଟୋ ଅପଲୋଡ୍ କରିବା ପାଇଁ ପ୍ରଥମେ ନାନୋ ବାନାନା ମଡେଲ ବାଛିବାକୁ ହେବ। ଜେମିନିରେ ଏହାକୁ କଦଳୀ ଆଇକନ୍‌ରେ ଚିହ୍ନଟ କରାଯାଉଛି। ଏହି ଆଇକନ୍ ଉପରେ କ୍ଲିକ୍ କରିବା ପରେ ହିଁ ଫଟୋ ଅପଲୋଡ୍ କରିବାକୁ ହୁଏ। ସେହିପରି ଫଟୋକୁ ଥ୍ରିଡି ମଡେଲରେ ବଦଳାଇବା ପାଇଁ ପ୍ରମପ୍ଟ ଦେବାକୁ ପଡ଼େ। ପ୍ରମପ୍ଟରେ ଫଟୋର ସାଇଜ, ବ୍ୟାକଗ୍ରାଉଣ୍ଡ ଏବଂ ପରିବେଶକୁ ବଦଳାଇବାର ନିର୍ଦ୍ଦେଶ ଜେମିନି ୨.୫କୁ ଦିଆଯାଏ। ତେବେ କିଛି ସେକେଣ୍ଡରେ ଏହା ମୂଳ ଫଟୋକୁ ଏଡିଟ୍ କରି ଏହାକୁ ନାନୋ ବାନାନା ବା ଥ୍ରିଡି ମଡେଲରେ ବଦଳାଇ ଥାଏ। ଅନ୍ୟପଟେ ଗୁଗଲ ଇଣ୍ଡିଆ ଏହି ଫଟୋକୁ ତିଆରି କରିବାର ପ୍ରକ୍ରିୟାକୁ ସହଜ କରିବା ଲାଗି ଏକ୍ସରେ ଏକ ପ୍ରମପ୍ଟ ପୋଷ୍ଟ କରିଛି। ଏଥିରେ କେବଳ ସେହି ପ୍ରମପ୍ଟକୁ ପୋଷ୍ଟ କରି ସେଣ୍ଡରେ କ୍ଲିକ୍ କରିବାକୁ ହେବ। ସେହିପରି ନାନୋ ବାନାନାର ସୁବିଧା ଗୁଗଲ ଏଆଇର ଷ୍ଟୁଡିଓରେ ମାଗଣାରେ ଉପଲବ୍ଧ ଅଛି। କେହି ବି ଜେମିନି ୨.୫ର ମାଗଣା ବ୍ୟବହାର କରି ଏହି ଫଟୋକୁ ତିଆରି କରିପାରିବେ। ଏହାର ମାଗଣା ଉପଯୋଗ ସୀମିତ ଏବଂ ଅଧିକ ଫଟୋ ତିଆରି କରିବା ଲାଗି ବ୍ୟବହାରକାରୀଙ୍କୁ ଟଙ୍କା ଦେବାକୁ ପଡ଼ିବ। ଅନ୍ୟପଟେ ଏହି ଟ୍ରେଣ୍ଡ ସହିତ ଯୁବତୀମାନେ ଜେମିନି ଏଆଇ ଶାଢ଼ି ଟ୍ରେଣ୍ଡକୁ ଆପଣାଉଛନ୍ତି। ଯାହାକି ଖୁବ୍ ଭାଇରାଲ ହେଉଛି।

## ଚାକିରିର ଅଜବ ନିୟମ

**ଚାକିରିରେ ଲୋକଙ୍କୁ ବିଭିନ୍ନ କାଇଦା କାନୁନ୍ ମାନିବାକୁ ପଡ଼ିଥାଏ। ହେଲେ କିଛି ଦେଶରେ ଅଜବ ତଥା ନିଆରା ନିୟମ ଅଛି, ଯାହାକି ଚାକିରି ପାଇବା ଏବଂ ଚାକିରିକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।**

**ନ୍ୟୁଜିଲାଣ୍ଡ:** ଏଠାରେ ଅଫିସ୍‌ରେ କର୍ମଚାରୀଙ୍କୁ ଫନି ଟୋପି ପିନ୍ଧିବା ମନା। ଏଠାରେ କୌଣସି କର୍ମଚାରୀ ଏଭଳି କଲେ ୟୁନିଫର୍ମ କୋଡ୍ ଉଲ୍ଲଙ୍ଘନ ହୋଇଥାଏ। ଏ ଲାଗି ସେମାନଙ୍କର ଦରମାରୁ ୧୦ ପ୍ରତିଶତ କଟାଯାଏ। ଏଠାରେ ଏହାକୁ କଡ଼ାକଡ଼ି ପାଳନ କରାଯାଏ।

**ଜର୍ମାନୀ:** ସେହିପରି ଜର୍ମାନୀରେ ଓଭର୍ ଟାଇମ୍ କାମ କରିବା ମନା। ଧାର୍ଯ୍ୟ ସମୟ ସମୟଠାରୁ କର୍ମଚାରୀଙ୍କୁ ଅତିରିକ୍ତ କାମ କରାଇଲେ କଠିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ଏପରିକି ୱାର୍କିଂ ସମୟ ଶେଷ ହେବା ପରେ କର୍ମଚାରୀଙ୍କ ସହିତ ଯୋଗାଯୋଗ କରିବା ମନା। ଏହାର ଉଦ୍ଦେଶ୍ୟ ହେଉଛି କର୍ମଚାରୀଙ୍କ ବ୍ୟକ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବା।



**ବ୍ରିଟେନ:** ଏଠାରେ କୌଣସି କମ୍ପାନିରେ ୧୦୦ରୁ ଅଧିକ କର୍ମଚାରୀ ଥିଲେ ସରକାରଙ୍କୁ ସୂଚନା ନ ଦେଇ କୌଣସି କର୍ମଚାରୀଙ୍କୁ ବହିଷ୍କୃତ କରାଯାଇପାରିବ ନାହିଁ। କର୍ମଚାରୀଙ୍କୁ ମାସେରୁ ତିନିମାସ ସମୟ ଦିଆଯାଏ। ଯେଭଳି ସେମାନେ ନୂଆ ଚାକିରି ଖୋଜି ନିଜକୁ ପ୍ରସ୍ତୁତ କରିବେ।

**ଜାପାନ:** ଜାପାନରେ ଲୋକଙ୍କ ଅଣ୍ଟା ମାପ ଦେଖି ଚାକିରି ପ୍ରଦାନ କରାଯାଏ। ପୁରୁଷଙ୍କ ଅଣ୍ଟା ୩୩.୫ ଇଞ୍ଚ ଏବଂ ମହିଳାଙ୍କର ୩୫.୪ ଇଞ୍ଚରୁ ଅଧିକ ନ ହେବା ଦରକାର। ଏହି ସୀମାଠାରୁ ଅଧିକ ହେଲେ କର୍ମଚାରୀଙ୍କୁ ଡାଏଟିଂ କ୍ଲାସ୍‌ରେ ସାମିଲ ହେବାକୁ ପଡ଼ିଥାଏ। ଏହାସହ ତିନି ମାସ ମଧ୍ୟରେ ସେମାନଙ୍କୁ ଓଜନ କମ୍ କରିବାକୁ ହୋଇଥାଏ।

## କ୍ୟାମ୍ପସ୍ ପାଇଁ ପ୍ରସ୍ତୁତି

**ପାଠପଢ଼ା ଶେଷ ହେବା ପରେ ଚାକିରି ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବିଶେଷକରି କ୍ୟାମ୍ପସ୍ ସିଲେକସନ ସମୟ ଆସିଲେ ଛାତ୍ରଛାତ୍ରୀମାନେ ଏନେଇ ବିଶେଷ ପ୍ରକାର ପ୍ରସ୍ତୁତିରେ ଲାଗି ପଡ଼ନ୍ତି। ତେବେ କ୍ୟାମ୍ପସ୍ ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ ପାଇଁ କିଭଳି ପ୍ରସ୍ତୁତି କରିବେ, ଜାଣିବା ସେ ସମ୍ପର୍କରେ...**

ଅନେକ ପିଲା ଭାବନ୍ତି ଭଲ ମାର୍କ ହିଁ ଚାକିରି ମିଳିବା ପାଇଁ ଯଥେଷ୍ଟ। ତେବେ କ୍ୟାମ୍ପସ୍ ସିଲେକସନ ସମୟରେ ଭଲ ମାର୍କ ରଖିବା ଯେତେକି ଜରୁରି, ତା'ଠୁ ବେଶି ଜରୁରି କଥାବାର୍ତ୍ତା କରିବାର ଉନ୍ନତ ଶୈଳୀ। ଉତ୍ତମ କମ୍ୟୁନିକେସନ ନ ଥିଲେ ଭଲ କମ୍ପାନିର ଚାକିରି ହରାଇବାର ଆଶଙ୍କା ବେଶି ଥାଏ। ଅବଶ୍ୟ ଅନେକ କମ୍ପାନି ଭଲ ମାର୍କ ସହ ପିଲାଙ୍କ କଥାବାର୍ତ୍ତା କରିବା ଶୈଳୀ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାବାଦ୍ ଏଥିପାଇଁ ଭଲ ବାୟୋଡାଟା ଗୁରୁତ୍ୱ ବହନ କରେ। ନିଜେ ନିଜ ବିଷୟରେ କିଛି କହିବା ପୂର୍ବରୁ ବାୟୋଡାଟା ସବୁ କିଛି କହିଥାଏ। ସେଥିପାଇଁ ଯେତେ ସମ୍ଭବ ନିଜ କାମ ଓ ନିଜ ବିଷୟରେ ଏଥିରେ ଉପସ୍ଥାପନ କରନ୍ତୁ। ସେହିପରି ପୋଷାକ ମଧ୍ୟ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ। ଏଣୁ ଭଲ ଡ୍ରେସ୍ ପିନ୍ଧିବା ଦରକାର। କେବଳ ଏତିକି ନୁହେଁ, ଏ ସବୁଠାରୁ ବେଶି ଜରୁରି ଆତ୍ମବିଶ୍ୱାସ। ବେଳେ ବେଳେ ଏମିତି ବି ହୁଏ, ସବୁ ଜାଣିଥିବେ, ଚାକିରି ଲାଗି ସମସ୍ତ ଗୁଣ ବି ଥିବ, ମାତ୍ର ଆତ୍ମବିଶ୍ୱାସ ଅଭାବରୁ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥାନ୍ତି। ତେଣୁ ଏହି ସମୟରେ ଯାହା ବି ଯେତିକି କହିବେ, ଆତ୍ମବିଶ୍ୱାସର ସହ କହିବା ଜରୁରି।



## ଘୋଷ୍ଟିଂରୁ ହ୍ରାସ ପାଏ ଆତ୍ମବିଶ୍ୱାସ


କୌଣସି ବ୍ୟକ୍ତି କିଛି ନ କହି ଅଚାନକ କଲ, ମେସଜ ଓ କଥାବାର୍ତ୍ତାରୁ ଦୂରେଇ ଯିବାକୁ ଘୋଷ୍ଟିଂ କୁହାଯାଏ। ରୋମାଣ୍ଟିକ୍ ଲାଇଫରେ ଘୋଷ୍ଟିଂ ଜରୁରି ନୁହେଁ। ସାଙ୍ଗ ଓ ସହକର୍ମୀ ଅଚାନକ ସମ୍ପର୍କ ଭାଙ୍ଗି ଘୋଷ୍ଟ କରିପାରନ୍ତି। ମୁଖ୍ୟତଃ ଝଗଡ଼ାରୁ ରକ୍ଷା ପାଇବା, ସମ୍ପର୍କରୁ ଖସି ଯିବା, 'ନା' କହିବାର ସାହସ ରଖୁ ନ ଥିବା ଲୋକ ହିଁ ଘୋଷ୍ଟିଂକୁ ଆପଣାନ୍ତି। କିଛି ଲୋକ ଏମିତି କରି ସମସ୍ୟାରୁ ମୁକୁଳିବାର ସହଜ ଉପାୟ ବୋଲି ଭାବନ୍ତି। ବର୍ତ୍ତମାନ କାହା ସହିତ ଅଚାନକ ସମ୍ପର୍କ ଭାଙ୍ଗିବା ବହୁତ ସହଜ ହୋଇଗଲାଣି। ଏଭଳି କରିବା ଦ୍ୱାରା ପୀଡ଼ିତ ବ୍ୟକ୍ତିଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼େ। ଘୋଷ୍ଟିଂରୁ ପୀଡ଼ିତ ବ୍ୟକ୍ତି ଆତ୍ମବିଶ୍ୱାସ ଅଭାବକୁ ସାମ୍ନା କରନ୍ତି। ସେମାନେ ଅସୁରକ୍ଷିତ ଅନୁଭବ କରନ୍ତି। ସେହିପରି ଏହା ଯୋଗୁଁ ନିଜ ଭିତରେ ଆତ୍ମଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଘୋଷ୍ଟ କରୁଥିବା ବ୍ୟକ୍ତି ମୁଖ୍ୟତଃ ସମସ୍ୟା ସାମ୍ନା କରିବାରୁ ରକ୍ଷା ପାଏ। ଏଭଳି କରି ସେମାନଙ୍କୁ ବାସ୍ତବ ପ୍ରସଙ୍ଗକୁ ସାମ୍ନା କରିବାର ସାହସ ମିଳେନି। ଡିଜିଟାଲ ସମ୍ପର୍କ ଏହି ସମୟରେ ଘୋଷ୍ଟିଂ ଏକ ବଡ଼ ସମସ୍ୟା। ଏହା ଅନ୍ୟର ଭାବନାକୁ ଅଣଦେଖା କରିବା ଏବଂ ଅନେକ ସମୟରେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ସେହିପରି କେହି ଘୋଷ୍ଟ କରୁଥିଲେ ଏହାକୁ ନିଜ ଭୁଲ ବୋଲି ଭାବିବା ଅନୁଚିତ। ଆବଶ୍ୟକ ପଡ଼ିଲେ ବିଶ୍ୱାସଯୋଗ୍ୟ ଲୋକଙ୍କ ସହିତ ଏହି କଥା ସେୟାର୍ କରନ୍ତୁ। ନିଜର ଆତ୍ମସମ୍ମାନ ବଜାୟ ରଖନ୍ତୁ।



### ଏସିଆ କପ୍‌ରେ ହାତ ନ ମିଳାଇବାକୁ ନେଇ ବିବାଦ

# ପାଇକ୍ରଫ୍ଟ ରହିବେ, ପାକିସ୍ତାନ ଓହରିପାରିବନି

ଦୁବାଇ,୧୬।୯ (ଏଜେନ୍ସି)




ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହାତ ନ ମିଳାଇବାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ପରିସମାପ୍ତି ହେବାକୁ ଯାଉଛି। ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଟସ୍ ବେଳେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ହାତ ମିଳାଇବାକୁ ମନା କରିଥିବା ଅଭିଯୋଗ କରି ପାକିସ୍ତାନ କ୍ରିକେଟ ବୋର୍ଡ ଏସିଆ କପ୍‌ରୁ ତାଙ୍କ ବହିଷ୍କାର ଦାବି କରିଥିଲା। ଯଦି ତାଙ୍କୁ ବହିଷ୍କାର କରା ନ ଯାଏ ତେବେ ପାକିସ୍ତାନ ଚଳିତ ଏସିଆ କପ୍‌ରୁ ଓହରିଯିବାକୁ ମଧ୍ୟ ଧମକ ଦେଇଥିଲା। ଉଭୟ ଘଟଣାରେ ପାକିସ୍ତାନର ଦାବି ଅଗ୍ରାହ୍ୟ ହୋଇଯାଇଛି। ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବିଦା କରିବାକୁ ଆଇସିସି ସ୍ପଷ୍ଟଭାବେ ମନା କରିଦେଇଛି। ଅନ୍ୟ ପକ୍ଷରେ ପାକିସ୍ତାନ ଓହରିଯିବ ବୋଲି ଯେଉଁ ଧମକ ବୋର୍ଡ ସଭାପତି ଦେଇଥିଲେ ତାହା ମଧ୍ୟ କରିପାରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ସୂତ୍ରରୁ ଜଣାଯାଇଛି। ଏହା ଫଳରେ ପାକିସ୍ତାନ ଉଭୟ ଘଟଣାରେ ଲୋକହସା ହୋଇଛି। ପାକିସ୍ତାନର ପରବର୍ତ୍ତୀ ମୁକାବିଲା ୟୁଏଇ ସହ ହେବ। ପାକିସ୍ତାନ ରାଜନୀତିରେ ଘଡିକୋ ଘୋଡା ଛୁଟୁଥିଲାବେଳେ ମ୍ୟାଚ୍ ପୂର୍ବରୁ ଦଳର ନିଷ୍ପତ୍ତି କ'ଣ ହେବ ତାହା ଜଣାପଡ଼ିବ।

## ପାକ୍ ଦାବିକୁ ଆଇସିସିର ଅଗ୍ରାହ୍ୟ

ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଅଧିନାୟକ ପରସ୍ପର ସହ ହାତ ମିଳାଇବାର ପରମ୍ପରା ଆରମ୍ଭରୁ ରହିଆସିଛି। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚରେ ଏହା ଦେଖିବାକୁ ମିଳି ନ ଥିଲା। ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଅଧିନାୟକ ସଲମାନ୍ ଅଲି ଆଘା ପରସ୍ପର ସହ ହାତ ମିଳାଇ ନ ଥିଲେ। ଟସ୍ ବେଳେ ପଡ଼ିଆରେ ଉପସ୍ଥିତ ଥିବା ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ହାତ ନ ମିଳାଇବାକୁ କୁଆଡେ ସଲମାନ ଅଲିଙ୍କୁ କହିଥିଲେ। ଏଭଳି ଏକ ଅଭିଯୋଗ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ କରାଯାଇଥିଲା। ପାଇକ୍ରଫ୍ଟ ଏଭଳି ନିର୍ଦ୍ଦେଶ ଦେବା ଫଳରେ ସ୍ପିରିଟ ଅଫ୍ ଦ ଗେମ୍ ଓ ଏମ୍‌ସିସି ନିୟମକୁ ଉଲ୍ଲଙ୍ଘନ କରିଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଅଭିଯୋଗ କରିଥିଲା। ଏଥିଲାଗି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌କୁ ତୁରନ୍ତ ବିଦା କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ନିକଟରେ ଅଭିଯୋଗ କରିଥିଲା। କିନ୍ତୁ ପାଇକ୍ରଫ୍ଟଙ୍କୁ ବିଦା କରାଯିବ ନାହିଁ ବୋଲି ପାକିସ୍ତାନର ଦାବିକୁ ଆଇସିସି ସିଧାସଳଖ ମନାକରିଦେଇଥିଲା। ଏହା ଫଳରେ ପାଇକ୍ରଫ୍ଟଙ୍କୁ ନେଇ ପାକିସ୍ତାନ ଯେଉଁ ବିବାଦ ସୃଷ୍ଟି କରିବାକୁ ଚାହୁଁଥିଲା ତାହା ଫସର ଫାଟିଯାଇଛି।

ଆଇସିସି ଆଚରଣ ସଂହିତାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, 'ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେମାନଙ୍କ ସଫଳତାରେ ଅଭିନନ୍ଦନ ଜଣାଅ ଏବଂ ନିଜ ଦଳ ସହ ଖେଳକୁ ଉପଭୋଗ କର। ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ପ୍ରତିଦ୍ୱନ୍ଦ୍ୱୀ ଦଳର କର୍ମକର୍ତ୍ତା ଓ ମ୍ୟାଚ୍ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଅ।' ଏହା ସହ ଆଇସିସି ଆଚରଣ ସଂହିତାର ଧାରା ୨.୧.୧.ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଖେଳବେଳେ କିମ୍ବା ଖେଳଶେଷରେ ସ୍ପିରିଟ୍ ଅଫ ଦି ଗେମ୍‌ର ବିରୋଧାଚରଣ କଲେ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯିବ। ଏଯାଏ ତ ଭାରତ ଉପରେ କୌଣସି ଦଣ୍ଡ ବିଧାନ କରାଯାଇନାହିଁ, କିନ୍ତୁ କ୍ରିକେଟ ଖେଳରେ ଯେଉଁ ସ୍ପିରିଟ୍ ଅଫ୍ ଗେମ୍ ଥିଲା ତାହା ଏହି ଘଟଣାରେ ନଷ୍ଟ ହୋଇଯାଇଛି। ପରମ୍ପରା ଯାଇଛି, ବିବାଦ ସୃଷ୍ଟି ହୋଇଛି ଓ ଅଣଖେଳଓାଡ ମନୋଭାବ ପୋଷଣ କରାଯାଇଛି। ପାକିସ୍ତାନ ପକ୍ଷରୁ କରାଯାଇଥିବା ଅଭିଯୋଗରେ ମଧ୍ୟ ମ୍ୟାଚ୍ ରେଫରି ତାଙ୍କ ଦାୟିତ୍ୱ ଠିକ୍ ଭାବେ ପାଳନ କରିନାହାନ୍ତି ବୋଲି ଦର୍ଶାଯାଇଛି। ସେ ଯାହା ହେଉ ମ୍ୟାଚ୍ ରେଫରି ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବା ଲାଗି ହୋଇଥିବା ଦାବିକୁ ଆଇସିସି ଅଗ୍ରାହ୍ୟ କରିବା ପରେ ପାକିସ୍ତାନ ଏବେ କି ନିଷ୍ପତ୍ତି ନେବ ତାହାକୁ ଅପେକ୍ଷା କରାଯାଇଛି।

## ଟୁର୍ଣ୍ଣାମେଣ୍ଟରୁ ଓହରିବା ନିଷ୍ପତ୍ତି କଷ୍ଟକର

ପାଇକ୍ରଫ୍ଟଙ୍କୁ ବହିଷ୍କାର କରା ନଗଲେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଗତକାଲି ଧମକ ଦେଇଥିଲେ। ଏବେ ପାଇକ୍ରଫ୍ଟଙ୍କୁ ବହିଷ୍କାର କରାଯିବ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏହି ଖବର ଗୋଟିଏ ଦିନ ଆଗରୁ ଜାଣିସାରିଛି। କିନ୍ତୁ ଏହା ମଧ୍ୟରେ କୌଣସି ନିଷ୍ପତ୍ତି ନେଇପାରି ନାହିଁ ପିସିବି। କିନ୍ତୁ ପିସିବିର ଆଭ୍ୟନ୍ତରୀଣ ସୂତ୍ରରୁ ଜଣାଯାଇଛି, ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ଓହରିବା କଷ୍ଟକର। ପାକିସ୍ତାନ ଯଦି ଟୁର୍ଣ୍ଣାମେଣ୍ଟରୁ ଓହରିଯାଏ, ତେବେ ରାଜିନାମା ଅନୁଯାୟୀ ବିପୁଳ ପରିମାଣରେ ଅର୍ଥ ଦଣ୍ଡ ଆକାରରେ ଦେବାକୁ ହେବ। ଏବେ ଜଣେ ଭାରତୀୟ ଜୟ ଶାହ ଆଇସିସିର ସଭାପତି ରହିଛନ୍ତି। ଏଣୁ ଆର୍ôଥକ ଦଣ୍ଡର ପରିମାଣ ଆଦୌ କମିବ ନାହିଁ। ଯେଉଁ ଅର୍ଥ ଦଣ୍ଡ ଆକାରରେ ଦିଆଯିବ, ସେତିକି ଅର୍ଥ ପାକିସ୍ତାନ କ୍ରିକେଟ ବୋର୍ଡ ନିକଟରେ ନାହିଁ। ବିଶେଷକରି ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଲାଗି ପ୍ରମୁଖ ଷ୍ଟାଡିୟମ୍‌ର ନବୀକରଣରେ ବହୁତ ଅର୍ଥ ବ୍ୟୟ କରାଯାଇଛି। ପାକିସ୍ତାନକୁ ଖେଳିବାକୁ ଭାରତ ନ ଯିବାରୁ ଅନେକ କ୍ଷତି ସହିଛି ବୋର୍ଡ। ଏଣୁ ବୋର୍ଡ ଏତେ ପରିମାଣରେ ଅର୍ଥ ଦେବାକୁ ସକ୍ଷମ ନୁହେଁ। ଯଦି ସରକାର ଚାହାନ୍ତି, ତେବେ ଓହରିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରେ ବୋଲି ସମ୍ପୃକ୍ତ କର୍ମକର୍ତ୍ତାଜଣଙ୍କ କହିଛନ୍ତି।

## 'କର ବା ମର' ସ୍ଥିତିରେ ପାକିସ୍ତାନ, ୟୁଏଇ

ଦୁବାଇ, ୧୬।୯: ଚଳିତ ଏସିଆ କପ୍‌ରେ ଗ୍ରୁପ୍ 'ଏ'ରୁ ପ୍ରଥମ ଦଳ ଭାବେ ସୁପର-୪ରେ ପ୍ରବେଶ କରିଛି ଭାରତ। ଓମାନ୍‌କୁ ୟୁଏଇ ପରାସ୍ତ କରିବା ପରେ ଭାରତର ସୁପର-୪ ଖେଳିବା ନିଶ୍ଚିତ ହୋଇଛି। ଓମାନ୍ ବିଦାୟ ନେଇଥିବା ବେଳେ ଗୋଟିଏ ସୁପର-୪ ସ୍ଥାନ ପାଇଁ ଦୁଇ ଦାବିଦାର ହେଲେ ପାକିସ୍ତାନ ଓ ୟୁଏଇ। ବୁଧବାର ପାକିସ୍ତାନ ଓ ୟୁଏଇ ମଧ୍ୟରେ ଗ୍ରୁପ୍ 'ଏ' ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ନକ୍‌ଆଉଟ୍ ପରି। ଏହି ମ୍ୟାଚ୍‌ର ବିଜେତା ସୁପର-୪ ଖେଳିବ ଏବଂ ପରାଜିତ ଦଳ ବିଦାୟ ନେବ। ତେଣୁ ଏହି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିବ। ହେଲେ ପାକିସ୍ତାନ ଖେଳାଳିଙ୍କ ସମସ୍ତ ଧ୍ୟାନ ଏହି ମ୍ୟାଚ୍ ଉପରେ ରହିବ କି ନାହିଁ; ତାହା କହିବା କଷ୍ଟକର।

ଭାରତ ବିପକ୍ଷରେ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି ହାତ ନ ମିଳାଇବା ଘଟଣାକୁ ନେଇ କ୍ରିକେଟ୍ ଜଗତରେ ତୁମ୍ବି ତୋଫାନ ଚାଲିଛି। ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଏକତରଫା ଭାବେ ଜିତି ପାକିସ୍ତାନକୁ ଲଜ୍ଜିତ କରିଛି। ଏସିଆ କପ୍‌ରୁ ପାକିସ୍ତାନ ଓହରିଯିବ ବୋଲି ଧମକ ଦେଇଥିଲେ ହେଁ ଏହାର ସମ୍ଭାବନା କମ୍। ସବୁ ବିବାଦକୁ ଭୁଲି ପାକିସ୍ତାନ ଦଳକୁ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏକାଗ୍ର ହୋଇ ଖେଳିବାକୁ ପଡ଼ିବ। କାରଣ ୟୁଏଇ ଭଳି ଦୁର୍ବଳ ଦଳଠାରୁ ପରାଜୟ ପାକିସ୍ତାନର ଅପମାନକୁ ଦ୍ୱିଗୁଣିତ କରିବ। ଓମାନ୍ ବିପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚ୍ ଜିତିଥିଲେ ହେଁ ମହମ୍ମଦ ହାରିସ୍‌ଙ୍କୁ ଛାଡ଼ି ଅନ୍ୟ କେହି ବଡ଼ ସ୍କୋର୍ କରି ପାରିନଥିଲେ। ଓପନର ସାହେବ୍‌ଜାଦା ଫର୍‌ହାନ ଓମାନ୍ ଓ ଭାରତ ବିପକ୍ଷ ମ୍ୟାଚ୍‌ରେ କିଛି ରନ୍ କରିଥିଲେ ହେଁ ଅତ୍ୟନ୍ତ ଧିମା ବ୍ୟାଟିଂ କରିଛନ୍ତି। ଓପନର ସୈମ୍ ଆୟୁବ ଓ ଅଧିନାୟକ ସଲ୍‌ମାନ ଆଗା ଉଭୟ ମ୍ୟାଚ୍‌ରେ ବିଫଳ ହୋଇଛନ୍ତି। ଅଭିଜ୍ଞ ଫଖର ଜମାନ୍ ମଧ୍ୟ ବଡ଼ ସ୍କୋର୍ କରି ପାରିନାହାନ୍ତି। ହାସନ୍ ନୱାଜ୍ ଭଲ ବ୍ୟାଟ୍‌ସମ୍ୟାନ ବୋଲି କୁହା ଯାଉଥିଲେ ହେଁ ସେ ଭଲ ପ୍ରଦର୍ଶନ କରି ପାରିନାହାନ୍ତି। ତେଣୁ ୟୁଏଇ ବିପକ୍ଷରେ ପାକିସ୍ତାନର ବ୍ୟାଟିଂ ଚାପରେ ରହିବ। ତେବେ ନିକଟରେ ୟୁଏଇରେ ଆୟୋଜିତ ତ୍ରିରାଷ୍ଟ୍ରୀୟରେ ୟୁଏଇକୁ ପାକିସ୍ତାନ ୨ ଥର ପରାସ୍ତ କରିଛି। ତେବେ ଉଭୟ ମ୍ୟାଚ୍‌ରେ ୟୁଏଇ କଡ଼ା ମୁକାବିଲା କରିଥିଲା। ତଥାପି ବୁଧବାରର ମ୍ୟାଚ୍ ଜିତି ସୁପର-୪ରେ ପହଞ୍ଚିବା ଲାଗି ପାକିସ୍ତାନ ବଡ଼ ଫେଭରିଟ୍। ପାକିସ୍ତାନ ବିପକ୍ଷରେ ସଫଳ ହେବା ଲାଗି ୟୁଏଇର ଉପର ଅର୍ଡର ବ୍ୟାଟ୍‌ସମ୍ୟାନଙ୍କୁ ରନ୍ କରିବାକୁ ପଡ଼ିବ। ଗତ ମ୍ୟାଚ୍‌ରେ ଅଧିନାୟକ ମହମ୍ମଦ ୱାସିମ୍ ଓ ଆଲିସାନ୍ ସରାଫୁ ଅର୍ଦ୍ଧଶତକ ହାସଲ କରିଥିଲେ।

ଗତ ତ୍ରିରାଷ୍ଟ୍ରୀୟରେ ପାକିସ୍ତାନ ବିପକ୍ଷରେ ଆସିଫ୍ ଖାଁ ୩୫ ବଲ୍‌ରୁ ୬ଟି ଛକା ଓ ୬ଟି ଚୌକା ସହ ୭୭ ରନ୍ କରିଥିଲେ। ଧ୍ରୁବ ପରାସର ଓ ହାଇଦର ଅଲୀ ୟୁଏଇର ଦୁଇ ଭଲ ସ୍ପିନର। ତେବେ ପାକିସ୍ତାନର ସ୍ପିନ୍ ଆକ୍ରମଣ ବେଶ୍ ଶକ୍ତିଶାଳୀ। ଅବ୍ରାର ଅହମ୍ମଦ, ମହମ୍ମଦ ନୱାଜ ଓ ସୁଫିୟାଁ ମୁକିମ୍‌ଙ୍କ ସହ ସୈମ୍ ଆୟୁବ ଭଲ ବୋଲିଂ କରୁଛନ୍ତି।

DP WORLD ASIA CUP 2025

**ଆଜିର ମ୍ୟାଚ୍**

**ପାକିସ୍ତାନ-ୟୁଏଇ**
ସ୍ଥାନ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ଶ୍ରୀଲଙ୍କାର ଦ୍ୱିତୀୟ ବିଜୟ

ଦୁବାଇ,୧୬।୯ (ଏଜେନ୍ସି): ପାଥୁମ ନିଶାଙ୍କାଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ଏକ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ୱିକେଟରେ ହଂକଂ ଚୀନ୍‌କୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବରୁ ଦଳ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୬ ୱିକେଟରେ ହରାଇଥିଲା। ଏହି ମ୍ୟାଚରେ ନିଜାଖତ ଖାନଙ୍କ ଅପରାଜିତ ୫୨ ଓ ଓଡ଼ିଆ ଖେଳାଳି ଅଂଶୁମାନ ରଥଙ୍କ ୪୮ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ହଂକଂ ୪ ୱିକେଟରେ ୧୪୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୧୮.୫ ଓଭରରେ ୬ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଓପନର ନିଶାଙ୍କା ସର୍ବାଧିକ ୬୮ ରନ୍ କରିଥିଲେ। ଏଥିଲାଗି ସେ ୪୪ ବଲ ଖେଳି ୬ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶାଲ ପରେରା ୨୦, କାମିଲି ମିଶରା ୧୯, କୁଶାଲ ମେଣ୍ଡିସ ୧୧, ଅଧିନାୟକ ଚାରିତ ଆଶାଲଙ୍କା ୨, କାମିନ୍ଦୁ ମେଣ୍ଡିସ ୫ ରନ୍‌ର ଯୋଗଦାନ ଦେଇଥିଲେ। ହଂକଂର ୟସିମ ମୁର୍ତ୍ତାଜା ୨ଟି ୱିକେଟ ପାଇଥିଲେ। ହଂକଂ ଇନିଂସରେ ଶ୍ରୀଲଙ୍କା ଫାଷ୍ଟ ବୋଲର ଦୁଷ୍ମନ୍ତ ଚାମୀରା ୪ଟି ମଧ୍ୟରୁ ଅଧା ବା ୨ଟି ୱିକେଟ ପାଇଥିଲେ। ୱାନିନ୍ଦୁ ହାସରଙ୍ଗା ଓ ଦାସୁନ ଶାନକାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ହଂକଂ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ପରାଜିତ ହୋଇ ବିନା ବିଜୟରେ ପ୍ରତିଯୋଗିତାରୁ ବିଦାୟ ନେଇଛି।

## ଜାନୁଆରୀରେ ମହିଳା ପ୍ରିମିୟର ଲିଗ୍

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ୨୦୨୬ ଜାନୁଆରୀ ପ୍ରଥମ ସପ୍ତାହରେ ଖେଳାଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ତାରିଖ ଓ ଭେନ୍ୟୁ ସ୍ଥିର ହୋଇନାହିଁ କିନ୍ତୁ ଆଇପିଏଲ୍ ପରି ଡବଲ୍ୟୁପିଏଲ୍‌କୁ ସ୍ୱତନ୍ତ୍ର ୱିଣ୍ଡୋ ଦିଆଯାଇଥିବାରୁ ଏହା ୨୬ରୁ ୨୭ ଦିନରେ ଶେଷ ହେବ ବୋଲି ସ୍ପଷ୍ଟ ହୋଇଛି। ଏଣୁ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୬ କିମ୍ବା ୮ରୁ ଆରମ୍ଭ ହେବ ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୨୨ଟି ମ୍ୟାଚ୍ ଖେଳାଯିବ। ଏଣୁ ବିସିସିଆଇ ଅଧିକ ଦିନ ନେବନାହିଁ। ତେବେ ଏହି ସଂସ୍କରଣରେ ପୂର୍ବପରି ୫ଟି ଦଳ ଖେଳିବେ ନା ଅଧିକ, ମ୍ୟାଚ୍ ଫି ବଢ଼ିବା ଆଦି ଘଟଣା ଦେଖିବାକୁ ମିଳିବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଏଣୁ ସମର୍ଥକମାନେ ବିସିସିଆଇର ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି।

## ମନ୍ଧାନା ଦିନିକିଆରେ ନଂ-୧ ବ୍ୟାଟର

ଦୁବାଇ,୧୬।୯ (ସମିସ): ଭାରତୀୟ ଓପନର ସ୍ମୃତି ମନ୍ଧାନା ପୁଣିଥରେ ଦିନିକିଆ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ନଂ-୧ ମାନ୍ୟତା ହାସଲ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ସହ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ୬୩ ବଲ୍‌ରୁ ୫୮ ରନ୍ କରିବା ଫଳରେ ଆଇସିସି ଦିନିକିଆ ବ୍ୟାଟିଂ ମାନ୍ୟତାରେ ନଂ-୧ ସ୍ଥାନକୁ ଫେରିଛନ୍ତି। ଏହି ସ୍ଥାନରେ ଥିବା ଇଂଲଣ୍ଡର ନାଟାଲି ସିଭର-ବ୍ରଣ୍ଟ ନଂ-୨ ସ୍ଥାନକୁ ଫେରିଛନ୍ତି। ସର୍ବଶେଷ ମାନ୍ୟତା ଅନୁଯାୟୀ ସ୍ମୃତିଙ୍କ ୭୩୫ ଓ ବ୍ରଣ୍ଟଙ୍କର ୭୩୧ ରେଟିଂ ପଏଣ୍ଟ ରହିଛି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଓପନର ପ୍ରତୀକା ରାଓଲ ୪୨, ହର୍ଲିନ ଦେଓଲ ୫୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।



## ଆଜିଠୁ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

କଟକ, ୧୬।୯(ସମିସ): ପେଶାଦାର ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ) ବୁଧବାର ଠାରୁ ଆରମ୍ଭ ହେବ। ବାରବାଟୀ ଷ୍ଟାଡିୟମରେ ୬ଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ତେବେ ସନ୍ଧ୍ୟା ୭ଟାରେ ଉଦ୍‌ଘାଟନୀ ମୁକାବିଲାରେ ସାମ୍ନାସାମ୍ନି ହେବେ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ କଟକ ପାନ୍ଥର୍ସ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଭୁବନେଶ୍ୱର ଟାଇଗର୍ସ। ଏହା ପୂର୍ବରୁ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ମୋଟ ୧୮ଟି ଲିଗ୍ ମ୍ୟାଚ୍‌ରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ୨୬ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ତୁଳସୀପୁରସ୍ଥିତ ଏକ ହୋଟେଲରେ ସମସ୍ତ ଦଳର ଜର୍ସି ଉନ୍ମୋଚନ ହୋଇଥିଲା। ତେବେ ପ୍ରଥମଥର ନିମନ୍ତେ ଘରୋଇ କ୍ରିକେଟ ଲିଗ୍‌ର ସିଧାପ୍ରସାରଣ ଷ୍ଟାରସ୍ପୋର୍ଟସ ଖେଲ୍ ଏବଂ ଫ୍ୟାନ୍‌କୋଡ(ଓଟିଟି) ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଦେଖିବାକୁ ମିଳିବ। ଦର୍ଶକଙ୍କ ନିମନ୍ତେ ଗ୍ୟାଲେରୀ ନଂ-୧,୩ ଓ ୫ ଉନ୍ମୁକ୍ତ ରହିବ। ଟିକେଟ ଜେନି ଆପ୍‌ରେ ବିନା ମୂଲ୍ୟରେ ଦର୍ଶକ ଟିକଟ ବୁକିଂ କରିପାରିବେ।

### ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## କୋନ୍‌ଷ୍ଟାସ୍‌ଙ୍କ ଶତକ: ଅଷ୍ଟ୍ରେଲିଆ ୩୩୭/୫

ଲକ୍ଷ୍ନୌ,୧୬।୯ (ଏଜେନ୍ସି): ଯୁବ ଖେଳାଳି ସାମ କୋନଷ୍ଟାସ୍ ଫର୍ମକୁ ଫେରିଛନ୍ତି। ଏଠାରେ ଆଜି ଆରମ୍ଭ ହୋଇଥିବା ଭାରତ-ଏ' ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଦିନରେ ସେ ଶତକ ହାସଲ କରିଛନ୍ତି। ୧୯ ବର୍ଷୀୟ ଓପନର ୧୦୯ ଓ ଅନ୍ୟତମ ଓପନର କ୍ୟାମ୍ପବେଲ କେଲାୱେ ୮୮ ରନ୍ କରିବା ଫଳରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୫ ୱିକେଟରେ ହରାଇ ୩୩୭ ରନ୍ ସ୍କୋର କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲିଆମ ସ୍କଟ ୭୦ ଓ ୱିକେଟରକ୍ଷକ ଜୋଶ ଫିଲିପ୍ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୨ ବର୍ଷୀୟ ଅଲରାଉଣ୍ଡର କୁପର କୋନୋଲୀ ୭୦ ରନ୍‌ର ଉଲ୍ଲେଖନୀୟ ପାଳି ଖେଳିଛନ୍ତି। ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୧ ଓ ଅଲିଭର ପିକ୍ ୨ ରନ୍ କରି ଏଠାରେ କ୍ଲିକ୍ କରିପାରି ନାହାନ୍ତି। ଭାରତ ପକ୍ଷରୁ ବାମହାତି ସ୍ପିନର ହର୍ଷ ଦୁବେ ସର୍ବାଧିକ ୩ଟି, ଖଲୀଲ ଅହମ୍ମଦ୍ ଓ ଗୁରନୁର ବ୍ରାର୍ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଛନ୍ତି। ବର୍ତ୍ତମାନ ଫର୍ମରେ ଥିବା ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ସ୍ପିନ୍ ଅଲରାଉଣ୍ଡର ତନୁସ କୋଟିଆନଙ୍କୁ କୌଣସି ସଫଳତା ମିଳିନାହିଁ। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଗଠିତ ଭାରତ-ଏ' ଦଳରେ ଅଭିମନ୍ୟୁ ଈଶ୍ୱରନ, ସାଇ ସୁଦର୍ଶନ, ଏନ୍ ଜଗଦୀଶନ, ଦେବଦତ୍ତ ପାଡିକଲ ଓ ୱିକେଟ ରକ୍ଷକ ଧ୍ରୁବ ଜୁରେଲଙ୍କୁ ନେଇ ବ୍ୟାଟିଂ ଲାଇନ୍ ବେଶ ସୁଦୃଢ଼। ଭାରତ ପିଚ୍‌ରେ ଅଷ୍ଟ୍ରେଲିଆ-ଏ' ପ୍ରଥମ ଦିନରେ ୩୩୭ ରନ୍ କରିବା ପରେ ଏହି ପିଚ୍ ଯେ ବ୍ୟାଟିଂ ଲାଗି ଉପଯୁକ୍ତ ଏଥିରେ ସନ୍ଦେହର ଅବକାଶ ନାହିଁ।



### ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍

## ହାଇଜମ୍ପରେ ସର୍ବେଶ ଷଷ୍ଠ

ଟୋକିଓ, ୧୬।୯ (ଏଜେନ୍ସି): ପ୍ରଥମ ଭାରତୀୟ ଆଥ୍‌ଲେଟଭାବେ ଏଠାରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପୁରୁଷ ହାଇ ଜମ୍ପ ଫାଇନାଲରେ ପ୍ରବେଶ କରିଥିବା ସର୍ବେଶ କୁଶାରେ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଫାଇନାଲରେ ସେ ୨.୨୮ ମିଟରକୁ ଡେଇଁ ବ୍ୟକ୍ତିଗତ ଶ୍ରେଷ୍ଠ ସଫଳତା ହାସଲ କରିଥିଲେ। ଜାତୀୟ ରେକର୍ଡ ୨.୨୯ ମିଟର ଥିଲାବେଳେ ସେ ୨.୩୧ ମିଟର ଡେଇଁବାକୁ ୩ଥର ଉଦ୍ୟମ କରି ବିଫଳ ହୋଇଥିଲେ। ଅଲିମ୍ପିକ୍ ଚାମ୍ପିଅନ ନ୍ୟୁଜିଲାଣ୍ଡର ହାମିଶ କେର୍ ୨.୩୬ ଉଚ୍ଚତାକୁ ଡେଇଁ ପ୍ରଥମ, ଦକ୍ଷିଣ କୋରିଆର ସାଙ୍ଗେୟକ୍ ଉ ୨.୩୪ ଉଚ୍ଚତାକୁ ଡେଇଁ ଦ୍ୱିତୀୟ ଓ ଚେକ୍ ରିପବ୍ଲିକର ଜାନ୍ ଷ୍ଟେଫେଲା ୨.୩୧ ମିଟର ଉଚ୍ଚତାକୁ ଡେଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ସର୍ବେଶ କୁଶାରେ ୨.୨୫ ମିଟର ଉଚ୍ଚତାକୁ ଡେଇଁ ସହଜରେ ଫାଇନାଲରେ ପ୍ରବେଶ କରିଥିଲେ।




### ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ଜର୍ସି ପ୍ରାୟୋଜକ

# ଅଢ଼େଇ ବର୍ଷ ପାଇଁ ଦେବ ୫୭୯ କୋଟି ଟଙ୍କା

ମୁମ୍ବଇ, ୧୬।୯

ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ଜର୍ସି ପ୍ରାୟୋଜକ ହୋଇଛି। ଏଣିକି ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳର ଖେଳାଳିଙ୍କ ଜର୍ସିରେ ଆପୋଲୋ ଟାୟର୍ସ ଲେଖାଯିବ। ଡ୍ରିମ୍‌୧୧ ସ୍ଥାନରେ ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ନୂଆ ପ୍ରାୟୋଜକ ହୋଇଛି। ଗତମାସ ୨୫ରେ ଭାରତୀୟ କ୍ରିକେଟ୍ ଦଳର ପ୍ରାୟୋଜକ ହେବା ପାଇଁ ବିସିସିଆଇ ଟେଣ୍ଡର ଆହ୍ୱାନ କରିଥିଲା। ଏଥିପାଇଁ ୩ଟି କମ୍ପାନୀ ପ୍ରାୟୋଜକ ହେବା ଦୌଡ଼ରେ ରହିଥିଲେ। ସେମାନେ ହେଲେ କମ୍ପ୍ୟୁଟର ଡିଜାଇନ୍ କମ୍ପାନୀ କାନ୍‌ଭା, ଜେକେ ସିମେଣ୍ଟ ଓ ଆପୋଲୋ ଟାୟର୍ସ। ସେମାନଙ୍କ ମଧ୍ୟରୁ ଆପୋଲୋ ଟାୟର୍ସ ସର୍ବାଧିକ ୫୭୯ କୋଟି ଟଙ୍କା (୬୫.୭ ନିୟୁତ ଡଲାର) ଦେବାକୁ ଦାବି କରିଥିବାରୁ ଏହାକୁ ପ୍ରାୟୋଜନ ଅଧିକାର ମିଳିଛି। ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଅଢ଼େଇ ବର୍ଷ ଆପୋଲୋ ଟାୟର୍ସ ଭାରତୀୟ ଦଳର ଜର୍ସି ପ୍ରାୟୋଜକ ରହିବ। ଏହା ମଧ୍ୟେ ଭାରତ ୧୨୧ଟି ଦ୍ୱିପାକ୍ଷିକ ଓ ୨୧ଟି ଆଇସିସି ମ୍ୟାଚ ଖେଳିବ। ଏହାର ଅର୍ଥ ହେଉଛି ଭାରତ ଖେଳିବାକୁ ଥିବା ପ୍ରତ୍ୟେକ ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ଆପୋଲୋ ଟାୟର୍ସ ବିସିସିଆଇକୁ ୪.୭୭ କୋଟି ଟଙ୍କା ପ୍ରଦାନ କରିବ। ତେବେ ଆଇସିସି ଟୁର୍ଣ୍ଣାମେଣ୍ଟ ଏବଂ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରତି ମ୍ୟାଚ୍ ପାଇଁ ଆପୋଲୋ ଟାୟର୍ସ ୧.୭୨ କୋଟି ଟଙ୍କା ପ୍ରଦାନ କରିବ। ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଏବଂ ଅକ୍ଟୋବରରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟେଷ୍ଟ ଶୃଙ୍ଖଳାରୁ ଭାରତୀୟ ପୁରୁଷ ଖେଳାଳି ସେମାନଙ୍କ ଜର୍ସିରେ ଆପୋଲୋ ଟାୟର୍ସର ଲୋଗୋ ପିନ୍ଧିବେ। ଭାରତରେ କ୍ରିକେଟ୍‌ର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଭାରତୀୟ ଦଳର ପ୍ରାୟୋଜକ ହେବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ଆପୋଲୋ ଟାୟର୍ସର ପରିଚାଳନା ନିର୍ଦ୍ଦେଶକ ନୀରଜ କନ୍‌ୱାର କହିଛନ୍ତି। ଫଳରେ ଏବେ ଏସିଆ କପ୍ ଖେଳୁଥିବା ଭାରତୀୟ ପୁରୁଷ ଦଳ ଏବଂ ଅଷ୍ଟ୍ରେଲିଆ ସହ ଦିନିକିଆ ଶୃଙ୍ଖଳା ଖେଳୁଥିବା ଭାରତୀୟ ମହିଳା ଦଳର ଜର୍ସିରେ କୌଣସି ବ୍ୟାବସାୟିକ ସଂସ୍ଥାର ଲୋଗୋ ନ ଥିଲା।

୨୦୨୩ରୁ ୨୦୨୬- ଏହିପରି ୩ ବର୍ଷ ଲାଗି ୪୪ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୩୫୮ କୋଟି ଟଙ୍କା) ବିସିସିଆଇକୁ ଦେବା ଲାଗି ଡ୍ରିମ୍‌୧୧ ଚୁକ୍ତି କରିଥିଲା। ହେଲେ ଅନ୍‌ଲାଇନ୍ ଗେମିଙ୍ଗ୍ ପ୍ରୋତ୍ସାହନ ଓ ନିୟାମକ ବିଧେୟକ ପାରିତ ହେବା ପରେ କୌଣସି ଅନ୍‌ଲାଇନ ଗେମ୍‌ରେ ଅର୍ଥ ଖଟାଇବା ସମ୍ପୂର୍ଣ୍ଣ ବାସନ୍ଦ ହୋଇ ଯାଇଥିଲା। ତେଣୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ରହିବାକୁ ଡ୍ରିମ୍‌୧୧ ଅକ୍ଷମତା ପ୍ରକାଶ କରିଥିଲା। ଏବେ ଡ୍ରିମ୍‌୧୧ଠାରୁ ଅଧିକ ଅର୍ଥ ଦେଇ ଆପୋଲୋ ପ୍ରାୟୋଜନ ଅଧିକାର ହାସଲ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS